R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୭
ତିଥି : ଚତୁର୍ଦ୍ଦଶୀ
୨୨ ଏପ୍ରିଲ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 197
22 April 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ୨୫ରୁ ଖରା ଛୁଟି

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ରାଜ୍ୟ ସରକାର ଆସନ୍ତା ୨୫ ତାରିଖରୁ ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି । ଆସନ୍ତାକାଲିଠାରୁ ଅର୍ଥାତ ଏପ୍ରିଲ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଚାଲିବ । ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲ୍ ଗୁଡ଼ିକ ଖୋଲା ରହିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ବିଭାଗର ସୂଚନାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଗ୍ରୀଷ୍ମ ଛୁଟି ସମୟରେ ସରକାରୀ ଓ



### ଆଜିଠୁ ୨୪ ଯାଏଁ ସକାଳ ୬.୩୦ରୁ ୧୦.୩୦ ପାଠପଢ଼ା
### ୪୦.୬° ସହ ବାରିପଦା ରାଜ୍ୟର ଉତ୍ତପ୍ତ ସହର
### ୯ ସହରରେ ତାପମାତ୍ରା ୪୩°ରୁ ଅଧିକ

ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି ।

ରାଜ୍ୟରେ ସପ୍ତାହେ ହେଲାଣି ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛିଛ ଏହାକୁ ଦୃଷ୍ଟିରେ ରଖି ଗତ ୧୮ ତାରିଖରୁ ୨୦ (୯ ପୃଷ୍ଠାରେ)



# ବିଏସ୍‌କେୱାଇ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି ଧର୍ମେନ୍ଦ୍ର : ପାଣ୍ଡିଆନ

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ରାଜ୍ୟର ୧ ନମ୍ବର ଯୋଜନା ହେଉଛି ବିଏସକେୱାଇ । ଶ୍ରମିକ, ଚାଷୀ ଓ ଗରୀବଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ପ୍ରଣୟନ କରିଛନ୍ତି । ବଡ ବଡ ହସପିଟାଲରେ ଚିକିତ୍ସା କରାଇବା ପାଇଁ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସାହସ ଦେଇଛନ୍ତି । ଏହି ଯୋଜନାରେ ପ୍ରତି ମାସରେ ୨୬୦ କୋଟି ଟଙ୍କା ଖର୍ଚ୍ଚ ହେଉଛି । ଲକ୍ଷେ ୫୦ ହଜାର ପରିବାର ମାଗଣାରେ ଚିକିତ୍ସା ସେବା ପାଉଛନ୍ତି ।

ରାଜ୍ୟର ପାଖାପାଖି ୯୦ ପ୍ରତିଶତ ଲୋକ ଏହି ଯୋଜନାର ସୁଫଳ ପାଉଛନ୍ତି । ଏହି ଯୋଜନାକୁ ନେଇ ସମସ୍ତେ ଖୁସି ଅଛନ୍ତି । କିନ୍ତୁ ଲୋକଙ୍କ ଖୁସୀ ଦେଖିପାରୁନାହାନ୍ତି କେନ୍ଦ୍ରମନ୍ତ୍ରୀ । ସେ କ୍ଷମତାକୁ ଆସିଲାମାତ୍ରେ ପ୍ରଥମେ ବିଏସକେୱାଇ ଯୋଜନାକୁ ବନ୍ଦ କରିବେ । ନାଁ ନନେଇ ଧର୍ମେନ୍ଦ୍ର ପ୍ରଧାନଙ୍କ ମୁଖା ଖୋଲିଛନ୍ତି ଫାଇଭଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରିବାକୁ କେନ୍ଦ୍ରମନ୍ତ୍ରୀ ବରାବର ଷଡ଼ଯନ୍ତ୍ର କରୁଛନ୍ତି । ସମ୍ବଲପୁର ଜିଲ୍ଲାର ବୁର୍ଲାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଜୁ ଶ୍ରମିକ ସାମୁଖ୍ୟ କନଭେନସନରେ ଏହା କହିଛନ୍ତି ପାଣ୍ଡିଆନ।।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ରଙ୍କ ଅପାରଗତାକୁ ବି ସାମ୍ନାକୁ ଆଣିଛନ୍ତି ପାଣ୍ଡିଆନ । ଓଡ଼ିଶାରେ ୯୮ ପ୍ରତିଶତ କଲେଜ ପିଲାଙ୍କୁ ନୂଆ-ଓ ସ୍କଲାରସିପ ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ । ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଦେବାରେ ଓଡ଼ିଶା ଭାରତ ବର୍ଷରେ ପ୍ରଥମ ଓ ଏକମାତ୍ର ରାଜ୍ୟ । ତେବେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର କେତେ ପିଲାଙ୍କୁ ବୃତ୍ତି ଦେଉଛନ୍ତି ବୋଲି ଜବାବ ମାଗିଛନ୍ତି ଫାଇଭ-ଟି ଅଧ୍ୟକ୍ଷ

### ଶ୍ରମିକମାନେ ହେଉଛନ୍ତି ବିକାଶର ସାରଥୀ
### ଶ୍ରମିକଙ୍କ କଲ୍ୟାଣ ପାଇଁ ବିଏସକେୱାଇ ଭଳି ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ
### ଗରିବ, ଚାଷୀ ଓ ଶ୍ରମିକଙ୍କ ପିଲାଙ୍କ ପାଠପଢା ପାଇଁ ଆରମ୍ଭ କରିଛନ୍ତି ନୂଆ-ଓ ସ୍କଲାରସିପ୍
### ନିର୍ବାଚନ ଇସ୍ତାହାରରେ ଶ୍ରମିକଙ୍କ ପ୍ରସ୍ତାବ ସାମିଲ କରିବ ବିଜେଡି

। ଶ୍ରମିକ, ଚାଷୀ ଓ ଗରୀବ ଘରର ପିଲାଙ୍କ ପଢିବା ପାଇଁ ଫିସ ଦେବା, ବହି-ଖାତା କିଣିବା ଆଦି ବୋଝ ସେମାନଙ୍କ ବାପା ମା'ଙ୍କ ଉପରେ ନପଡୁ ବୋଲି ମୁଖ୍ୟମନ୍ତ୍ରୀ ଏହି ଯୋଜନା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଶ୍ରମିକ ପରିବାରର ପିଲାମାନେ (୯ ପୃଷ୍ଠାରେ)

# ବିଜେଡିର ଲୋକସଭା ନିର୍ବାଚନମଣ୍ଡଳୀ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ରାଜ୍ୟର ୪ ଲୋକସଭା ନିର୍ବାଚନମଣ୍ଡଳୀ ଲାଗି ବିଜେଡି ପକ୍ଷରୁ ସଂଯୋଜକ ନିଯୁକ୍ତ କରାଯାଇଛି । ବାଲେଶ୍ୱର ଲୋକସଭା ଆସନ ଲାଗି ମାନସ ଦାସ ପଟ୍ଟନାୟକଙ୍କୁ ସଂଯୋଜକ କରାଯାଇଥିବାବେଳେ ଜଗତସିଂହପୁର ଲୋକସଭା ଆସନ ଲାଗି ଚିରଞ୍ଜୀବ ବିଶ୍ୱାଳ, ନବରଙ୍ଗପୁର ଲୋକସଭା ଆସନ ଲାଗି ରମେଶ ମାଝୀ ଓ ଢ଼େଙ୍କାନାଳ ଲୋକସଭା ଆସନ ଲାଗି ବିପ୍ଳବ ଜେନାଙ୍କୁ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି । ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏମାନଙ୍କୁ ନିଯୁକ୍ତି ଦେଇଥିବା ନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ୨୫ରେ ଅମିତ୍ ଶାହା ଓଡ଼ିଶା ଆସିବେ

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ଓଡ଼ିଶାରେ ମା, ମାଟି, ମାତୃଭାଷା, ଓଡିଆ ଅସ୍ମିତା'ର ସୁରକ୍ଷାକୁ ମୁଖ୍ୟ ପ୍ରସଙ୍ଗ କରି ନିର୍ବାଚନରେ ଲଢ଼େଇ କରିବ ଭାରତୀୟ ଜନତା ପାର୍ଟି । ୨୦୨୪ ସାଧାରଣ ନିର୍ବାଚନ ଓଡିଶା ପାଇଁ ପରିବର୍ତ୍ତନର (୯ ପୃଷ୍ଠାରେ)



# ଏନକାଉଣ୍ଟରରେ ନକ୍ସଲ କମାଣ୍ଡର ନିହତ

ମାଲକାନଗିରି, ୨୧।୪ : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ପୁଲିସକୁ ମିଳିଛି ସଫଳତା । ନକ୍ସଲ କମାଣ୍ଡର କାବାସୀ ପାଣ୍ଡରୁ ୨୦ ଜଣ ନକ୍ସଲମାନଙ୍କୁ ନେଇ ଏକ ବୈଠକ କେଶକୁତୁଲ ଏବଂ କେସାମେଣ୍ଡି ଜଙ୍ଗଲରେ କରୁଥିଲା । ପୁଲିସ ସମେତ ସିଆରପିଏଫ, ଦଡ଼ିଆରଜି ଟିମ ଜଙ୍ଗଲରେ ଚଢ଼ାଉ କରିଥିଲେ । ଆଜି ଭୋର ସକାଳୁ ନକ୍ସଲ ଏବଂ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିବା ବେଳେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ । ତେବେ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ବେଳେ ମାଓ କମାଣ୍ଡରର ଶବ ଉଦ୍ଧାର କରାଯିବା ସହ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରାଯାଇଛି ।

# ଅଟୋକୁ ଧକ୍କା ଦେଲା ଟ୍ରକ୍ : ୩ ମୃତ, ୫ ଆହତ

ନବରଙ୍ଗପୁର, ୨୧।୪ (ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ରାଇଘର କୁନ୍ଦେଇ ମୁଖ୍ୟରାସ୍ତାର ଜୋଡ଼ିଙ୍ଗା ନିକଟରେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଟ୍ରକ ସହ ଯାତ୍ରୀବାହୀ ଆଟୋର ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଟୋ ଡ୍ରାଇଭର ସମେତ ୫ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଆହତ ମାନଙ୍କୁ ଜୋଡ଼ିଙ୍ଗା ମେଡିକାଲ୍ ଓ ଉମରକୋଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମୃତକଙ୍କ ମଧ୍ୟରୁ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ଅଛନ୍ତି । ସେମାନେ ସମସ୍ତେ ଛତିଶଗଡ଼ ଅନ୍ତର୍ଗତ ବୋରେଇ ଓ ନଗରୀ ଥାନା ଅଂଚଳର ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଛତିଶଗଡ଼ ଅଂଚଳରୁ କିଛି ଲୋକ ଏକ ଅଟୋ (ଓଡି ୨୪ ଏଫ୍ ୬୫୮୨) ଯୋଗେ ବୋରେଇ ଠାରୁ ରାଇଘର ଧନ୍ତ୍ରାପାରାକୁ ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସୁଥିଲେ । ଅପରାହ୍ନ ପ୍ରାୟ ୩ଟା ସମୟରେ ଜୋଡ଼ିଙ୍ଗା ନିକଟରେ ବିପରିତ ଦିଗରୁ ଏକ ଟ୍ରକ (ଓଡି ୧୦ ଡି ୯୩୩୨) ଦ୍ରୁତଗତିରେ ଆସି ଅଟୋକୁ ଧକ୍କା ହେବା ଫଳରେ ଆଟୋଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇ ଯାଇଥିଲା । ଏଥିରେ ବସିଥିବା ମୋଟ ୧୦ ଜଣ ଯାତ୍ରୀଙ୍କ ମଧ୍ୟରୁ ଛତିଶଗଡ଼ ଅନ୍ତର୍ଗତ ନଗରୀ ଥାନା ଅଂଚଳର ଚନ୍ଦା ଗାୟକୱାଡ଼ (୪୫) ଏବଂ ବୋରେଇ ଥାନା ଅଂଚଳର ପବନ ଟଣ୍ଡନ୍ (୩୦) ଓ ପୁନମ୍ ବୈଷ୍ଣବ (୧୭)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଅଟୋ ଡ୍ରାଇଭର ସମେତ (୯ ପୃଷ୍ଠାରେ)

# ସର୍ଭିସ୍ ଟିକସ ଦେବେ ରାମଦେବ

ନୂଆଦିଲ୍ଲୀ, ୨୧।୪ : ଯୋଗ ଗୁରୁ ବାବା ରାମଦେବଙ୍କ ଅମୁନି ଅଡୁଆ । ସୁପ୍ରିମକୋର୍ଟରୁ ତାଙ୍କୁ ଆଉ ଏକ ବଡ଼ ଝଟକା ଲାଗିଛି । ନିଜ ଯୋଗ ଶିବିର ପାଇଁ ସର୍ଭିସ ଟ୍ୟାକ୍ସ ଦେବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଅଭୟ ଏମ ଓକ ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଏହି ମାମଲାରେ ସେବା ଟିକସ ଅପିଲ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି । ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ରାମଦେବଙ୍କ ଯୋଗ ଶିବିର ଆୟୋଜନ କରୁଥିବା ସଂଗଠନ 'ପତଞ୍ଜଳି (୯ ପୃଷ୍ଠାରେ)




# ବସ୍ ଓଲଟି ୧୦ ଯବାନ ଆହତ

ମାଲକାନଗିରି, ୨୧।୪ (ସବ୍ୟୁ) : ଛତିଶଗଡର ଜଗଦଲପୁର ନିକଟରେ ନିର୍ବାଚନ ସାରି ଫେରୁଥିବା ଯବାନଙ୍କ ବସ ଓଲଟିଲା । ଏହି ଦୁର୍ଘଟଣାରେ ୧୦ ଜଣ ଯବାନ ଆହତ ହୋଇଛନ୍ତି ।ଘଟଣା ଅନୁଯାୟୀ ସାଧାରଣ ନିର୍ବାଚନ-୨୦୨୪ର ପ୍ରଥମ ପର୍ଯ୍ୟାୟର ମତଦାନ ସାରି ଯବାନ ନିଜ କ୍ୟାମ୍ପକୁ ଲେଉଟିଲା ବେଳେ ତୋକାପାଲ ବ୍ଲକର ରାୟପୁର ଜାତୀୟ ରାଜପଥ ଉପରେ ଭାରସାମ୍ୟ (୯ ପୃଷ୍ଠାରେ)

# କେଜରିୱାଲଙ୍କ ଆବେଦନର ଶୁଣାଣି ଆଜି

ନୂଆଦିଲ୍ଲୀ, ୨୧।୪ : ଅବକାରୀ ନୀତି ସହ ଜଡ଼ିତ ମନି ଲଣ୍ଡରିଂ ମାମଲାର ତଦନ୍ତ ସଂକ୍ରାନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଜାରି କରାଯାଇଥିବା ସମନକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ଶୁଣାଣି ଦିଲ୍ଲୀ ହାଇକୋର୍ଟ ସୋମବାର କରିବେ । ହାଇକୋର୍ଟ ତାଙ୍କୁ



ଜବରଦସ୍ତ କାର୍ଯ୍ୟାନୁଷ୍ଠାନରୁ ଅନ୍ତରୀଣ ସୁରକ୍ଷା ଦେବାକୁ ମନା କରିବା ପରେ ମାର୍ଚ୍ଚ ୨୧ ତାରିଖରେ ଏଜେନ୍ସି ଦ୍ୱାରା ଗିରଫ ହୋଇଥିବା କେଜ୍ରିୱାଲ ଗିରଫଦାରୀ, ପଚରାଉଚରା ଏବଂ ଜାମିନ ପ୍ରଦାନ ସଂକ୍ରାନ୍ତରେ ପ୍ରିଭେନ୍ସନ୍ ଅଫ୍ ମନି ଲଣ୍ଡରିଂ ଆଇନର କେତେକ ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି । ଜଷ୍ଟିସ ସୁରେଶ କୁମାର କୈତ ଓ (୯ ପୃଷ୍ଠାରେ)

# ମୟୂରଭଞ୍ଜ ଡିଏମଏଫରୁ ୯ କୋଟି ଗାଏବ୍

ବାରିପଦା, ୨୧।୪ (ସବ୍ୟୁ) : ମୟୂରଭଞ୍ଜ ଡିଆରଡିଏ ଅଧୀନରେ କାମ କରୁଥିବା ଜିଲ୍ଲା ମିନେରାଲ ପାଣ୍ଠି ଟ୍ରଷ୍ଟର ଆକାଉଣ୍ଟରୁ ୯କୋଟି ୫୬ଲକ୍ଷ ୭୬ହଜାର ଟଙ୍କାର ଏକ ବେଆଇନ କାରବାର ହୋଇଥିବା ଜଣାପଡିଛି। ଲକ୍ଷେ କି ଦୁଇଲକ୍ଷ ନୁହଁ ବରଂ ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବେଆଇନ କାରବାର ହୋଇଥିବା ନେଇ ବାରିପଦା ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ବାରିପଦା ବ୍ୟାଙ୍କ ଅଫ ଇଣ୍ଡିଆର ଚିଫ ମ୍ୟାନେଜର ସଂଯୁକ୍ତା କାନୁନଗୋ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଗତ ୧୦ ରୁ ୧୮ ତାରିଖ ମଧ୍ୟରେ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଚାରୋଟି ଚେକ୍‌ର କାରବାର ହୋଇଛି। ଯେଉଁଥିରେ କି ଭିନ୍ନ ଭିନ୍ନ ଦିନରେ ଦୁଇ କୋଟି, ତିନି କୋଟି କରି ସର୍ବମୋଟ ୯କୋଟି



### ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଥାନାରେ ମାମଲା

୫୬ଲକ୍ଷ ଟଙ୍କା ବିଭିନ୍ନ କମ୍ପାନୀର ଆକାଉଣ୍ଟକୁ ପଠାଯାଇଛି। ଏହି ସବୁ ଆକାଉଣ୍ଟର ଟ୍ରାନଜେକ୍ସନକୁ ନେଇ ସନ୍ଦେହ ହେବାରୁ ବାରିପଦା ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପିଟି କନ୍ସଟ୍ରାକ୍ସନ ଆଣ୍ଡ ସପ୍ଲାୟର୍ସ, ଏସକେ ଏଣ୍ଟରପ୍ରାଇଜେସ ପରି ଅନ୍ୟ ରାଜ୍ୟର କମ୍ପାନିର ଆକାଉଣ୍ଟକୁ ଏହି ସବୁ ଟଙ୍କା ଯାଇଥିବାର ଜଣାପଡିଛି। ତେବେ ଚ୍ୟାକ କେଉଁଠୁ ଆସିଲା ଏବଂ କିଏ ଆଣି ବ୍ୟାଙ୍କରେ ଦେଇଥିଲା ସେନେଇ କୌଣସି ସୂଚନା ନଥିବାବେଳେ ଭଞ୍ଜପୁର ଥାନାରେ ହୋଇଥିବା (୯ ପୃଷ୍ଠାରେ)






## ସୋସିଆଲ କୋଟ୍ସ



ଖୁବଶୀଘ୍ର ଆନିମଲ୍‌ର ସେକେଣ୍ଡ୍ ପାର୍ଟର ସୁଟିଂ ଆରମ୍ଭ ହେବ । ଫିଲ୍ମଟି ୨୦୨୬ରେ ସ୍କ୍ରିନ୍‌କୁ ଆସିବାକୁ ଯୋଜନା ଅଛି । ଆନିମଲ ଠାରୁ ଏହା ଆହୁରି ଅଧିକ ୱାଇଲ୍ଡ ହେବ ।

**ସନ୍ଦିପ ରେଡ୍ଡି ଭଙ୍ଗା, ଫିଲ୍ମମେକର**



ମୁଁ ସେ ସମୟରେ ଏକୁଟିଆ ରହିବାକୁ ଚାହୁଁଥିଲି ସେଥିପାଇଁ ସେହି ଖାଲି ଆପାର୍ଟମେଣ୍ଟକୁ ଯାଇଥିଲି । ସେଠାରେ ଖୁବ ଶାନ୍ତି ଥିଲା, ଯାହା ମୋର ନିତାନ୍ତ ଆବଶ୍ୟକ ଥିଲା ।

**ଇମ୍ରାନ ଖାନ୍, ଅଭିନେତା**



ମୁଁ ସବୁବେଳେ କାମ କରିବା ଉପରେ ବିଶ୍ୱାସ ରଖେ । ମୋ କାମରେ ହିଁ ମୁଁ ଲୋକଙ୍କ ବିଚାର ବଦଳାଇ ପାରିବି । ଆତ୍ମବିଶ୍ୱାସ ଅଛି ଆଗକୁ ଖୁବ ଭଲ କ୍ୟାରିୟର ମୋର ଅଛି ।

**ଆୟୁଷ ଶର୍ମା, ଅଭିନେତା**

## ଇତିହାସ

୧୮୭୦ – ରଷ କ୍ରାନ୍ତିର ଜନକ ଭ୍ଲାଦିମିର୍ ଲେନିନ୍‌ଙ୍କର ଜନ୍ମ ।

୧୯୧୫ – ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପ୍ରଥମ ଥର ଜର୍ମାନୀ ସେନା ବିଷାକ୍ତ ଗ୍ୟାସ୍ ପ୍ରୟୋଗ କରିଥିଲା ।

୧୯୨୧ – ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଡିଆନ ସିଭିଲ ସର୍ଭିସ୍‌ରୁ ଇସ୍ତଫା ଦେଇଥିଲେ ।

୧୯୫୮ – ଆଡମିରାଲ ଆର ଡି କଟାରୀ ଭାରତୀୟ ନୌସେନାର ମୁଖ୍ୟଭାବେ ନିଯୁକ୍ତି ହେଲେ ।

୧୯୭୦ – ବିଶ୍ୱରେ ପ୍ରଥମ ଥର ପୃଥିବୀ ଦିବସ ପାଳନ କରାଗଲା ।

୧୯୭୪ – ଭାରତୀୟ ଲେଖକ ଚେତନ ଭଗତଙ୍କ ଜନ୍ମ ।

୨୦୧୬ – ୧୭୦ରୁ ଅଧିକ ଦେଶ ଜଳବାୟୁ ପରିବର୍ତ୍ତନ ଉପରେ ପ୍ୟାରିସ ଚୁକ୍ତିର ହସ୍ତାକ୍ଷର କରିଥିଲେ ।

## ହାଃ ହାଃ

ପତ୍ନୀ – କହିଲ ଦେଖି ମୁଁ ମୁର୍ଖ ନା ତୁମେ ମୁର୍ଖ ?
ପତି – ତୁମେ ହେଲ ସବୁଠାରୁ ଅଧିକ ବୁଦ୍ଧିର ଅଧିକାରିଣୀ । ତେଣୁ ତୁମେ କେବେ ହେଲେ ବି କଣ ଜଣେ ମୁର୍ଖ ବ୍ୟକ୍ତିକୁ ବିବାହ କରିଥିବ ।
ପତ୍ନୀ ନିଜକୁ ବୁଦ୍ଧିବାନ ଶୁଣି ଖୁବ ଖୁସି ..



# ସମର ଆଲର୍ଜି

**ଆଲର୍ଜିର ସେଭଳି କୌଣସି ସିଜିନ ନାହିଁ, ଏହା କୌଣସି ବି ଋତୁରେ ହୋଇପାରେ । ବର୍ତ୍ତମାନ ଖରାର ପରିମାଣ ବଢିଛି, ତେଣୁ ଏହି ଦିନେ ସମର ଆଲର୍ଜି ହେବାର ସମ୍ଭବନା ଅଧିକ ରହିଥାଏ । ଏହି ଆଲର୍ଜିକୁ ଚିହ୍ନି ଏହାର ଉପଚାର କରିବାର ଆବଶ୍ୟକତା ରହିଛି । ଏହାକୁ ଚିହ୍ନିବାକୁ ହେଲେ ଏହାର ଲକ୍ଷଣ ଜାଣିବା ଜରୁରୀ । ଆସନ୍ତୁ ଏଭଳି କିଛି ଲକ୍ଷଣ ସମ୍ବନ୍ଧରେ ଜାଣିବା, ଯାହା ସାହାଯ୍ୟରେ ସମର ଆଲର୍ଜିକୁ ଚିହ୍ନିବା ସହିତ ଏହାର ନିରାକରଣ ମଧ କରିହେବ ।**



### ଲକ୍ଷଣ

* ହଠାତ୍ ଛିଙ୍କ ହେବା ।
* ଛିଙ୍କ ସହିତ କଫ ମଧ ଲାଗି ରହିବା ।
* ଆଖିରୁ ପାଣି ବାହାରିବା ।
* ଶୀତ ଦିନ ଭଳି ଥଣ୍ଡା ହେବା ।
* ଆଖି ଓ ନାକ କୁଣ୍ଡାଇ ହେବା ।
* ମୁଣ୍ଡ ବିନ୍ଧା କିମ୍ବା ନିଶ୍ୱାସ ନେବାରେ କଷ୍ଟ ହେବା ।

### କିପରି ଦୂରରେ ରହିବେ

* ପ୍ରଥମେ ଲକ୍ଷଣକୁ ଚିହ୍ନନ୍ତୁ । ଏହାପରେ କିପରି ସମର ଆଲର୍ଜିରୁ ଦୂରେଇ ରହିବେ ସେ ନେଇ କାର୍ଯ୍ୟ କରନ୍ତୁ ।
* ନିଜକୁ ତଥା ଆଖପାଖକୁ ସଫା ରଖନ୍ତୁ । ନିଜର ପୋଷାକ ସହିତ ବେଡକୁ ପ୍ରତି ସପ୍ତାହରେ ସଫା ରଖନ୍ତୁ ।
* ଘରେ ଧୂଳି ପଶିବାକୁ ଦିଅନ୍ତୁ ନାହିଁ ।
* ବାହାରକୁ ଯିବା ସମୟରେ ମାସ୍କ ପିନ୍ଧନ୍ତୁ ।
* ବାହାରୁ ଆସିବା ପରେ ହାତଗୋଡ ସହ ପୋଷାକକୁ ସଫା କରନ୍ତୁ ।

# ବିଶ୍ୱ ପୃଥିବୀ ଦିବସ

ବିଶ୍ୱ ପୃଥିବୀ ଦିବସ ପାଳନର ଆରମ୍ଭ ଆମେରିକାନ ସିନେଟର ଗେଲର୍ଡ ନେଲସନ୍ ଆରମ୍ଭ କରିଥିଲେ । ଏହାକୁ ପ୍ରଥମେ ୧୯୭୦ ମସିହା ଏପ୍ରିଲ ୨୨ରେ ପାଳନ କରାଯାଇଥିଲା । ବର୍ତ୍ତମାନ ପାଖାପାଖି ୧୯୨ଟି ଦେଶରେ ୧ ବିଲିଅନରୁ ଅଧିକ ଲୋକ ବିଶ୍ୱ ପୃଥିବୀ ଦିବସ ପାଳନ କରୁଛନ୍ତି । ବର୍ତ୍ତମାନ ଏହା ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ପରିଣତ ହୋଇଛି । ଏହି ଦିବସଟିକୁ ପ୍ରତିବର୍ଷ କିଛି ନା କିଛି ଇନୋଭେଟିଭ୍ ଥିମ ସହିତ ପାଳନ କରାଯାଇଥାଏ । ଏହି ଦିନ ପୃଥିବୀର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଇଥାଏ । ଏହି ଦିନ ଲୋକମାନେ ଜଳବାୟୁ ପରିବର୍ତ୍ତନ, ଶକ୍ତି ସଂରକ୍ଷଣ, ଗ୍ରୀନ ଇକୋନୋମି, ଗ୍ରୀନ ହାଉସ ଗ୍ୟାସ ହ୍ରାସ ଆଦି ବିଷୟ ବସ୍ତୁ ଉପରେ କଥା ହୋଇଥାଆନ୍ତି । ଏହି ଦିବସ ପାଳନର ମୁଖ୍ୟ ବିଷୟ ବସ୍ତୁ ଲୋକଙ୍କୁ ସଚେତନ କରାଇବା ।



# ଦମ୍ ବିରିୟାନୀ ରିଜୋତ

**ସାମଗ୍ରୀ–** ଅଲିଭ ଅଏଲ୍, ବଟର, ରସୁଣ କଟା, ପିଆଜ କଟା, କଟା ହୋଇଥିବା ସେଲେରି, ଲିକ୍ (ପିଆଜ ସଣ୍ଢା ଭଳି ଏକ ପ୍ରକାର ପତ୍ର ଜାତୀୟ ପରିବା), ବିରିଆନୀ ମସଲା, ତନ୍ଦୁରୀ ଚିକେନ୍, ମଖାନୀ ଗ୍ରେଭି, ଧନିଆ ପତ୍ର କଟା, ପୋଦିନା ପତ୍ର କଟା, ରିଜୋତ, କ୍ରିମ, ଗୋଲମରିଚ ଗୁଣ୍ଡ, ୧୦ ଗ୍ରାମ ଭଜା ପିଆଜ ।

**ପ୍ରଣାଳୀ–** ପ୍ରଥମେ ତେଲ ଓ ବଟରରେ ପିଆଜ, ରସୁଣ, ସେଲେରି, ଲିକ୍‌କୁ ଭାଜି ନିଅନ୍ତୁ । ଏଥିରେ ବିରିୟାନୀ ମସଲା ପକାଇ ତନ୍ଦୁରି ଚିକେନ୍ ପକାଇ ଭାଜନ୍ତୁ । ଭାଜି ହେବା ପରେ ଏଥିରେ ରିଜୋତ ମିଶାଇ ଭଲ କରି ଗୋଳାନ୍ତୁ । ଆଉ ଏକ ପ୍ୟାନରେ ମଖାନୀ ଗ୍ରେଭିକୁ ଗରମ କରନ୍ତୁ । ଏଥିରେ ମଧ କିଛି ରିଜୋତ ମିଶାନ୍ତୁ । ଏହାପରେ ଆଉ ଏକ ପ୍ୟାନ୍‌ରେ ବଟର ଓ କ୍ରିମ ସହିତ ରିଜୋତକୁ ମିଶାଇ ଭାଜନ୍ତୁ । ଏହାପରେ ଗୋଟିଏ ପ୍ଲେଟରେ ସମସ୍ତ ସାମଗ୍ରୀକୁ ଲେୟାର ଲେୟାର କରି ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ଦମ୍ ବିରିୟାନୀ ରିଜୋତ।



# ବିବାହକୁ ନା

ନିକଟରେ କରୀନା କପୁରଙ୍କ ଏକ ସାକ୍ଷାତକାର ଭାଇରାଲ ହେବାରେ ଲାଗିଛି । ଯେତେବେଳେ କରୀନା ସୈଫଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ, ସେତେବେଳେ ଅନେକ ଲୋକ ତାଙ୍କୁ ବିବାହ ପାଇଁ ମନା କରିଥିଲେ । ବିବାହ କରିବା ଦ୍ୱାରା କ୍ୟାରିୟର ନଷ୍ଟ ହୋଇଯିବ ବୋଲି କରୀନାକୁ ପରାମର୍ଶ ମିଳିଥିଲା, ହେଲେ କରୀନା ଏହାକୁ ଭୃକ୍ଷେପ ନକରି ବିବାହ କରିଥିଲେ । ବିବାହ ପରେ ମଧ ସେ ତାଙ୍କ କ୍ୟାରିୟରରେ ଖୁବ ସଫଳତା ପାଇଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସେହିଭଳି ବିବାହ ପୂର୍ବରୁ କେବେ ବି କାହାର ଚାପରେ ଆସନ୍ତୁ ନାହିଁ ବୋଲି କରୀନା ମତ ଦେଇଛନ୍ତି । ଯେତେବେଳେ ନିଜେ ସଠିକ୍ ସମୟ ଭାବୁଛନ୍ତି ସେତେବେଳେ ବିବାହ କରନ୍ତୁ ବୋଲି କରୀନା ତାଙ୍କ ସାକ୍ଷାତକାରରେ ମତ ଦେଇଛନ୍ତି ।

# ସୁପର୍ ଆୱାର୍ଡ୍ସ କ୍ୟାଲେଣ୍ଡର

**ସିନେପ୍ରେମୀଙ୍କ ପାଇଁ ଖୁସିଖବର । ଯେଉଁ ସିନେସୌକ୍ ବ୍ୟକ୍ତିମାନେ ଫିଲ୍ମ ଦୁନିଆର ବଡ଼ ବଡ଼ ଆୱାର୍ଡ୍‌ର ଆୟୋଜନ କେବେ ହେବ ଜାଣିବାର ଇଚ୍ଛା ରଖିଥିଲେ ସେହି ଅପେକ୍ଷାର ଅନ୍ତ ହୋଇଛି । ନିକଟରେ ବର୍ଷ ୨୦୨୪–୨୫ ପାଇଁ ଓସ୍କାର, ବାଫ୍‌ଟା, ଟୋନି, ଗ୍ରେସି ଓ ଏମି ଭଳି ଚର୍ଚ୍ଚିତ ସିନେ ଆୱାର୍ଡ୍ସ ଶୋ’ର ତାରିଖ ଘୋଷିତ ହୋଇଛି । କେଉଁ ପୁରସ୍କାରର ଆୟୋଜନ କେବେ ହେବ ସେ ସମ୍ପର୍କରେ ଜାଣିବା ପାଇଁ ଆସନ୍ତୁ ନଜର ପକାଇବା ଆୱାର୍ଡ୍ସ ଶୋ’ର ପୂରା କ୍ୟାଲେଣ୍ଡର ଉପରେ ।**

ଏପ୍ରିଲ୍ ୧୯: ଡେଟାଇମ୍ ଏମି ଆୱାର୍ଡ ନାମାଙ୍କନ।
ଏପ୍ରିଲ ୨୭: ଏଏଫ୍‌ଆଇ ଲାଇଫ୍ ଆଚିଭ୍‌ମେଣ୍ଟ ଆୱାର୍ଡ ।
ଏପ୍ରିଲ୍ ୩୦: ଟୋନି ଆୱାର୍ଡ୍ସ ନାମାଙ୍କନ ।
ମେ ୬: ଡ୍ରେମୋଟିକ୍ସ ଗିଲ୍ଡ ପୁରସ୍କାର। ।
ମେ ୧୧: ଗ୍ଲାଡ୍ ଆୱାର୍ଡ୍ସ ।
ମେ ୧୨: ବାଫ୍‌ଟା ଟିଭି ଆୱାର୍ଡ୍ସ ।
ମେ ୧୩: ଡବ୍ଲ୍ୟୁଜିସି ପଟ୍ଟକଥା ଲେଖନ ପୁରସ୍କାର (ରାଇଟ୍ସ ଗିଲ୍ଡ ଅଫ୍ କାନାଡା) ।
ମେ ୨୧: ସ୍ପୋର୍ଟ୍ସ ଏମି ଆୱାର୍ଡ୍ସ, ଗ୍ରେସି ପୁରସ୍କାର ।
ଜୁନ୍ ୭: ଡେଟାଇମ୍ ଏମି ଆୱାର୍ଡ୍ସ ।
ଜୁନ ୧୦: ଏସ୍‌ଡିଏସ୍‌ଏ ପୁରସ୍କାର ନାମାଙ୍କନ ।
ଜୁନ୍ ୧୬: ଟୋନି ପୁରସ୍କାର ।
ଅଗଷ୍ଟ ୫: ଏସ୍‌ଡିଏସ୍‌ଏ ପୁରସ୍କାର ।
ଅଗଷ୍ଟ ୨୪ : ଏକ୍ସଟ୍ରା ଟିଭି ପୁରସ୍କାର ।



# ଜୀବନର ଶେଷ ୭ ମିନିଟ୍

ମୃତ୍ୟୁ ବିଷୟରେ ଜାଣିବାର ଜିଜ୍ଞାସା ପ୍ରତ୍ୟେକ ବ୍ୟକ୍ତିଙ୍କର ଥାଏ । ମୃତ୍ୟୁ ପରେ କିମ୍ବା ଠିକ୍ ପୂର୍ବରୁ କ’ଣ ହୁଏ, ଏହାର ଅନୁଭବ କ’ଣ ? ତାହାକୁ ନେଇ ନାନା ପ୍ରଶ୍ନ ଉଠେ । ବାସ୍ତବରେ ମୃତ୍ୟୁର ଶେଷ ୭ ମିନିଟରେ ଆମ ମସ୍ତିଷ୍କ ହଠାତ୍ ଅଧିକ ସକ୍ରିୟ ହୋଇଯାଇଥାଏ । ଏହି ଅଦ୍ଭୁତ ଗତିବିଧି ଉପରେ ଯଥେଷ୍ଟ ବୈଜ୍ଞାନିକ ଅନୁସନ୍ଧାନ ପରେ ମୃତ୍ୟୁପୂର୍ବରୁ ମସ୍ତିଷ୍କର ଇଲେକ୍‌ଟ୍ରୋ କେମେଷ୍ଟ୍ରି ସମ୍ପର୍କରେ ଜଣାପଡ଼ିଛି । ଅଧ୍ୟୟନ ଅନୁସାରେ ଜୀବନର ଶେଷ ସମୟରେ ମସ୍ତିଷ୍କରେ ଗାମା ତରଙ୍ଗ ଫ୍ରିକ୍ୱେନ୍ସି ଅଚାନକ ବଢ଼ିଯାଇଥାଏ ଯାହା ସମ୍ପୂର୍ଣ୍ଣ ଅସାଧାରଣ ।



ମୃତ୍ୟୁର ଶେଷ କ୍ଷଣରେ ମସ୍ତିଷ୍କର ଗତିବିଧି ତୀବ୍ର ଅବସ୍ଥାରେ ପହଞ୍ଚିଯାଏ । କିଛି ଅଧ୍ୟୟନ ଅନୁମାନରେ କୁହାଯାଇପାରେ ଅନ୍ତିମ ମୁହୂର୍ତ୍ତରେ ମସ୍ତିଷ୍କରେ ସ୍ୱପ୍ନ ଓ ସ୍ମୃତିର ରୋମନ୍ଥନ ହୁଏ । ଏହି ରହସ୍ୟମୟ ଅନୁଭବକୁ ‘ମୃତ୍ୟୁ ପୂର୍ବର ୭ ମିନିଟ୍‌ର ସ୍ନାୟୁବିକ ଗତିବିଧି’ (ସେଭେନ୍ ମିନିଟ୍ସ ଅଫ୍ ନ୍ୟାଚୁରାଲ୍ ଆକ୍ଟିଭିଟି ବିଫୋର ଡେଥ୍) କୁହାଯାଏ । ବିଶ୍ୱାସ କରାଯାଏ, ଏହି ସାତ ମିନିଟରେ ବ୍ୟକ୍ତି ନିଜ ଜୀବନର ମୁହୂର୍ତ୍ତଗୁଡ଼ିକୁ ଚଳଚ୍ଚିତ୍ରର ରିଲ୍ ପରି ମନେ ପକାଇଥାଏ । ଆହୁରି ମଧ କୁହାଯାଏ ମୃତ ଘୋଷଣା ପରେ ମଧ ମାନବ ମସ୍ତିଷ୍କ ୭ ମିନିଟ୍ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ । ଏହି ସମୟ ମଧ୍ୟରେ ମସ୍ତିଷ୍କର କର୍ଣ୍ଣେକ୍ସ ପ୍ରକ୍ରିୟା ଆକ୍ଟିଭ ଥିବାରୁ କିଛିକ୍ଷଣ ପାଇଁ ଶରୀର ଓ ମସ୍ତିଷ୍କକୁ ଅମ୍ଳଜାନ ମିଳିଯାଏ । ସେଥିପାଇଁ ଆମ ମନରେ ମୃତ୍ୟୁ ଘୋଷଣା ପରେ ମଧ ଜୀବୀତ ଥିବାର ଦ୍ୱନ୍ଦ୍ୱ ଉପୁଜିଥାଏ ।

### ଶେଷ ୭ ମିନିଟରେ କ’ଣ ହୁଏ ?

୧. ଅନୁସନ୍ଧାନ ଅନୁସାରେ ପ୍ରଥମ ମିନିଟ୍‌କୁ ୱାର୍ମ ଅପ୍ ପର୍ଯ୍ୟାୟ ବୋଲି କୁହାଯାଏ । ଏହି ସମୟରେ ଜୀବନର ଗୁରୁତ୍ୱପୂର୍ଣ୍ଣ କଥା ସବୁ ମନେପଡ଼େ । କୁହାଯାଏ ମହିଳାମାନେ ଏହି ସମୟରେ ନିଜ ଜନ୍ମ ସମୟ ଓ ପିତାମାତାଙ୍କ ଚେହେରାକୁ ମନେପକାଇଥାନ୍ତି ।



୨. ଦ୍ୱିତୀୟ ମିନିଟ୍‌ରେ ବ୍ୟକ୍ତି ବାଲ୍ୟବନ୍ଧୁ, ପ୍ରଥମ ଖେଳ ସମୟ, ଭାଇଭଉଣୀଙ୍କ ସହ ବିତାଇଥିବା କ୍ଷଣକୁ ମନେ ପକାଇଥାଏ ।

୩. ତୃତୀୟ ମିନିଟରେ ବ୍ୟକ୍ତି ନିଜ ଅନ୍ତରଙ୍ଗ ଓ ପ୍ରେମ ଅନୁଭବକୁ ମନେପକାଇଥାଏ ।

୪. ଚତୁର୍ଥ ମିନିଟରେ ମନୁଷ୍ୟ ନିଜ ସାରା ଜୀବନର ଏକାନ୍ତକାଳକୁ ସ୍ମରଣ କରିଥାଏ ।

୫. ପଞ୍ଚମ ମିନିଟରେ ବ୍ୟକ୍ତି ନିଜ ଜୀବନର ଚମତ୍କାରୀ ମୁହୂର୍ତ୍ତଗୁଡିକୁ ଦେଖିଥାଏ ।

୬. ଷଷ୍ଠ ମିନିଟରେ ବ୍ୟକ୍ତି ନିଜ ଚରିତ୍ରର ମୂଲ୍ୟାଙ୍କନ କରିଥାଏ । ଜୀବନକାଳରେ ନିଜ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କ ପ୍ରତି କିପରି ବ୍ୟବହାର କରିଛନ୍ତି ତାହା ମନେପକାଇଥାଏ ।

୭. ସପ୍ତମ ମିନିଟ୍‌ର ଅନୁଭବ ରହସ୍ୟମୟ ରହିଛି । ଏହି ଶେଷ କ୍ଷଣ ସମ୍ପର୍କରେ ବୈଜ୍ଞାନିକମାନେ କୌଣସି ସ୍ପଷ୍ଟ ସିଦ୍ଧାନ୍ତରେ ପହଞ୍ଚିପାରି ନାହାନ୍ତି ।

# ବିଜେଡ଼ିରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜେପି ନେତା ଓ କର୍ମୀ




ଭୁବନେଶ୍ୱର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜେପି ନେତା ଓ କର୍ମୀ ରବିବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ନେତା ଓ କର୍ମୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପିକର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ ।

ଏହି ମିଶ୍ରଣ ପର୍ବରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଉତ୍ପଳା ଧାରୁଆ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଦ୍ୟୁତ୍ ପ୍ରଭାଜୋଷୀ, ପ୍ରେମାନନ୍ଦ ବ୍ରିହେଡ, ଆଶିଷ କୁମାର ପଣ୍ଡା, ସୁରେଶୀନୀ ଓରାମ, ବିରେନ୍ଦ୍ରରାଉତ, ଓମ ପ୍ରକାଶ, ଅନିରୁଦ୍ଧ ମାଝୀଙ୍କ ସହ ଶତାଧିକ ବିଜେପିକର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ.ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡ଼ିରେ ଯୋଗ ଦେଲେ
# ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବିଜେପି ନେତା ଓ କର୍ମୀ



ଭୁବନେଶ୍ୱର,(ସବ୍ୟୁ):ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବିଜେପିନେତା ଓ କର୍ମୀ ଆଜି ଶଙ୍ଖ ଭବନ ଠାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ମତ୍ସ୍ୟ ନିଗମ ଅଧକ୍ଷ ସୁବାସ ପାତ୍ର, ପୂର୍ବତନ ଡେପୁଟିମେୟର ବାସନ୍ତୀ ସିଂ, କର୍ପୋରେଟର ପ୍ରେମାନନ୍ଦ ଜେନା, ଅଚ୍ୟୁତାନନ୍ଦ ସ୍ୱାଇଁ, ରେଣୁବାଳ ଜେନା, ପୂଜା ବେହେରା, ମିନୁଶୀ ଖୁଣ୍ଟିଆ, ପୂର୍ବତନ କର୍ପୋରେଟର ବାସନ୍ତୀ ସିଂ, ଝୁନୁବାଳା ଦେଇ, ଓ ନିର୍ମଳ ରାଉତଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପିନେତା ଓ କର୍ମୀଙ୍କୁ ଶ୍ରୀ ରାଉତ, ଡକ୍ଟର ପାତ୍ର ଓ ଶ୍ରୀ ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ରବିବାର ବିଜେପିକର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀରାଉତ, ଡକ୍ଟର ପାତ୍ର ଓ ଶ୍ରୀ ପାତ୍ର କହିଥିଲେ । ଏହି ମିଶ୍ରଣ ପର୍ବରେ ଭୁବନେଶ୍ୱର ଗ୍ରାମ୍ୟମଣ୍ଡଳ ଉପସଭାପତି ପ୍ରଦୀପ ପତି, କୋଷାଧକ୍ଷା ବନ୍ଦନା ରାଣୀ ପଟ୍ଟନାୟକ, ଜେ. ସୀମାଞ୍ଚଳ ରାଓ, ପୂର୍ବତନ ବିଜେପିସାଧାରଣସମ୍ପାଦକ ସନ୍ତୋଷ କୁମାର ବେହେରା, ସମାଜସେବୀ ଲକ୍ଷ୍ମୀଧର ପାତ୍ର, ଶଙ୍କରରାଜ ଭର, ବିଜେପିକର୍ମୀ ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ହତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜ୍ୟୋତିଙ୍କ ଶିବିରରେ ୫୯ ପଞ୍ଚାୟତର ସମର୍ଥକ
# ଶେଷ ପର୍ଯ୍ୟନ୍ତ ରହିବାକୁ ସଂକଳ୍ପ ନେଲେ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସ୍ଥାନରେ ଅନ୍ୟତମ ନେତା ଶଶି ସାହୁଙ୍କ ପତ୍ନୀ ସୁବାସିନୀ ସାହୁଙ୍କୁ ବିଜେଡି ଟିକେଟ ପ୍ରଦାନ କରିବା ସତ୍ତ୍ୱେ ବିଧାୟକଙ୍କ ପ୍ରତି ଭଲପାଇବା ଅତୁଟ ଥିବା ପରିଲକ୍ଷିତ ହୋଇଛି । ରବିବାର ସକାଳେ ଖଇରା ସିମୁଳିଆ ୨ବ୍ଲକର ହଜାର ହଜାର ସମର୍ଥକ ବିଧାୟକଙ୍କୁ ଭେଟି ସମବେଦନା ଜଣାଇବା ସହ ଶେଷ ପର୍ଯ୍ୟନ୍ତ ତାଙ୍କ ସହିତ ରହିବାକୁ ସଂକଳ୍ପ ନେଇଛନ୍ତି । ସେପଟେ ନିଜେ ବିଧାୟକ ପୃଥକ ପୃଥକ ଭାବେ ୭ଟି ଜୋନର ସମର୍ଥକଙ୍କ ସହ ଆଲୋଚନା କରିବା ଅବସରରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବା କଥା କହିଛନ୍ତି । ସକାଳେ ଖଇରା ବ୍ଲକର ୪ଟି ଜୋନର ଲୋକପ୍ରତିନିଧି ଏବଂ ଦଳୀୟ କର୍ମକର୍ତ୍ତା ଏବଂ ଅପରାହ୍ନରେ ସିମୁଳିଆ ବ୍ଲକର ୩ଜୋନର ସମର୍ଥକ ଙ୍କୁ ଭେଟି କଥା ହୋଇଥିଲେ । ବିଧାୟକ ନିଜ ପ୍ରତିକ୍ରିୟାରେ ତାଙ୍କ ପରିବାର ପ୍ରଥମେ ଜନତାଦଳ ଓ ପରେ ପରେ ବିଜେଡି ପ୍ରତି ଲଗାତାର ୪୪ବର୍ଷ ଧରି ଆନୁଗତ୍ୟ ପ୍ରଦର୍ଶନ କରିଆସିଛନ୍ତି । ଦଳପାଇଁ ସବୁ କିଛି ଜଳାଞ୍ଜଳି ଦେଇଛନ୍ତି । ହେଲେ ଦଳର ଏଭଳି ଆଚରଣ ତାଙ୍କୁ ମର୍ମାହତ କରିଥିବା କହିଥିଲେ । ସେପଟେ ବିଭିନ୍ନ ଜୋନର ନେତୃବୃନ୍ଦ ନିଜ ପ୍ରତିକ୍ରିୟା ରଖି ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ଲୋକପ୍ରତିନିଧିଙ୍କୁ ହରାଇବା କାର୍ଯ୍ୟରେ ହାତଥିବା ବ୍ୟକ୍ତିଙ୍କୁ ଦଳ ସୁଯୋଗ ଦେବା କୁ ନେଇ ପ୍ରଶ୍ନ ଉଠାଇଥିଲେ । ଏ ସମ୍ପର୍କରେ ୨ଟି ବ୍ଲକର ବିଜେଡି କର୍ମୀ ମାନଙ୍କୁ ବିଚାର କରିବା ସମୟ ଆସିଛି ବୋଲି ଯୁକ୍ତି ବାଢିଥିଲେ ।

## ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା
# ବିକାଶ ହିଁ ଆମର ପ୍ରଥମ ପ୍ରାଥମିକତା : ସଂତୃପ୍ତ



କଟକ, (ସ୍ୱପ୍ର): ଆଗାମୀ ସାଧାରଣ ନିର୍ବାଚନ ଅବସରରେ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ୪୮ ଓ ୪୯ନଂ ୱାର୍ଡରେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧକ୍ଷତାରେ ଶନିବାର ଜଗତପୁର ସ୍ଥିତ ନିମପୁର ଖେଳ ପଡିଆ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଂସଦ ପ୍ରାର୍ଥୀ ଡ଼ଃ ସଂତୃପ୍ତ ମିଶ୍ର ଏବଂ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଜଗତପୁର ଗୋଲେଇ ଛକ ଠାରୁ ଏକ ବିଶାଳ ପଦଯାତ୍ରାରେ ଷ୍ଟେସନ ବଜାର, ଗୟାନନା ଛକ ଦେଇ ନିମପୁର ଖେଳ ପଡିଆ ଠାରେ ପହଞ୍ଚିଥିଲା। ଏହି ସମୟରେ ବିଭିନ୍ନ ଛକରେ ଉପସ୍ଥିତ ୱାର୍ଡର କର୍ମୀ ଓ ମହିଳାମାନେ ଶଙ୍ଖ ଫୁଙ୍କି ହୁଳହୁଳି ପକାଇ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ସଭାରେ ରାଜ୍ୟସଭା ସାଂସଦ ତଥା ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ, ସାଂସଦ ପ୍ରାର୍ଥୀ ଡ଼ଃ ସଂତୃପ୍ତ ମିଶ୍ର, ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଏବଂ ବାରବାଟୀ କଟକର ଯୁବଛାତ୍ର ପର୍ଯ୍ୟବେକ୍ଷକ ସୋଭନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପରେ ୪୮ ଓ ୪୯ନଂ ୱାର୍ଡବାସୀଙ୍କ ତରଫରୁ ଉଭୟେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସଦ ପ୍ରାର୍ଥୀ ଡ଼ଃ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେଯେ, ବିକାଶ ହିଁ ଆମର ପ୍ରଥମ ପ୍ରାଥମିକତା ଅଟେ। ଏହି ବିକାଶ ପାଇଁ ଆପଣମାନେ ପ୍ରଥମେ ପ୍ରାର୍ଥୀଙ୍କୁ ଜାଣନ୍ତୁ, ବୁଝନ୍ତୁ ଏବଂ ତାଙ୍କ ପଛରେ ପଡ଼ିଯାନ୍ତୁ ତାପରେ ଦେଖିବେ ଖାଲି ବିକାଶ ହିଁ ବିକାଶ ହେବ । ଏହି ସଭାରେ ୪୮ନଂ ୱାର୍ଡ କର୍ପୋରେଟର ନଳିନୀ ବେହେରା, ୪୯ନଂ ୱାର୍ଡ କର୍ପୋରେଟର ତଥା ଡେପୁଟି ଦମୟନ୍ତୀ ମାଝୀ, ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା, ନଗର କମିଟି ସାଧାରଣ ସମ୍ପାଦକ ତାପସ ମହାନ୍ତି, ନଗର ସମ୍ପାଦକ ବିଶ୍ୱଜିତ୍ ମହାନ୍ତି, ମାଧବ ବିଶ୍ୱାଳ, ଯୁବ ସଭାପତି ଅଶୋକ ମିଶ୍ର, ମହିଳା ରାଜ୍ୟ ସମ୍ପାଦିକା କଳ୍ପନା ଜେନା, ନଗର ସମ୍ପାଦିକା ଇତିଶ୍ରୀ ପଣ୍ଡା, ଯୁଗ୍ମ ସମ୍ପାଦିକା ଗୋପା ସାମଲ, ପ୍ରେମଚାନ୍ଦ ନାୟକ, ୪୯ନଂ ୱାର୍ଡ କାର୍ଯ୍ୟକାରୀ ସଭାପତି ବିଚିତ୍ର କୁମାର ଜେନା, ଯୁବ ସଭାପତି ମଳୟ ବିଶ୍ୱାଳ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଓ ଲୋକେ ଉପସ୍ଥିତ ଥିଲେ । ଶେଷରେ ୪୯ନଂ ୱାର୍ଡର ସଭାପତି ନବ କିଶୋର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପିର ବାଇଧର,ବିଜେଡି ଓ କଂଗ୍ରେସର କିଏ ?

ଅସ୍ତରଙ୍ଗ,(ସବ୍ୟୁ): ରାଜ୍ୟର ଅଳ୍ପ କେତୋଟି ର୍ନିବାଚନ ମଣ୍ଡଳୀ କୁ ଛାଡି ଦେଲେ ପ୍ରାୟ ବହୁ ର୍ନିବାଚନ ମଣ୍ଡଳୀରେ ପ୍ରାର୍ଥି ଘୋଷଣା ସାରିଲାଣି । କିନ୍ତୁ କାକଟପୁର ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ । ପ୍ରାର୍ଥି ମାନଙ୍କ ଦଳ ବଦଳ ଘଟଣା ଓ ଦଳ ଭିତରେ ବିଦ୍ରୋହର ପଦଧ୍ୱନି ନେଇ ପ୍ରାର୍ଥି ଘୋଷଣା ବିଳମ୍ବ ର ମୂଳ କାରଣ ବୋଲି ଜଣା ପଡିଛି । ସ୍ୱାଧୀନ ବାବୁ କାକଟପୁର ନିର୍ବାଚନ ମଣ୍ଡଳୀରେ ଗୋଟି ଚାଳନା କରିବାରେ ଅତୀତରେ ସଫଳ ହୋଇ ଥିଲେ ମଧ ବର୍ତ୍ତମାନ ପରିସ୍ଥିତିରେ ସାମାନ୍ୟ ତ୍ରୁଟି ଯୋଗୁ ପରିସ୍ଥିତି ସେତେଟା ଭଲ ନାହିଁ । ଗଣିତ ବିଗିଡିବା କାରଣରୁ ବିଧାୟକ ତୁଷାରକାନ୍ତି ବେହେରାଙ୍କ ଟିକେଟ ଫାଇନାଲ ହୋଇ ପାରୁ ନାହିଁ। ଅପର ପକ୍ଷରେ କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠି,ସେ ବି ଦାବିଦାର ଅଛନ୍ତି କାକଟପୁର ଟିକେଟ ପାଇଁ। ଅସ୍ତରଙ୍ଗ ,କାକଟପୁର ବ୍ଲକ ଅଧକ୍ଷ ପଦ,କଂଗ୍ରେସ,ବି ଜେ ପି, ଅସନ୍ତୁଷ୍ଟ ବି ଜେ ଡି, ବା ମିଳିତ ମେଣ୍ଟ ହାତରେ ଥିବା ବେଳେ, ଗଲା ଜିଲ୍ଲା ପରିଷଦ ଭୋଟ ରେ କାକଟପୁର ର୍ନିବାଚନ ମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ ଆସନ ମନ୍ତ୍ରୀ ତୁଷାରକାନ୍ତି ବେହେରା,ଓ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଙ୍କ ପ୍ରଚେଷ୍ଟାରେ ଶଙ୍ଖ ଚିହ୍ନ ସର୍ବାଧିକ ଭୋଟ ପାଇ ଜିତି ଥିବାର ଦେଖା ଯାଇଥିଲା ବା କାକଟପୁର ର୍ନିବାଚନ ମଣ୍ଡଳୀ ର ସମସ୍ତ ଜିଲ୍ଲା ପରିଷଦ ଆସନ ବି ଜେ ଡି ଦଖଲ କରିଥିଲା। ହେଲେ,ଗୋଟେ ଦଳରେ ପ୍ରାର୍ଥିହେବା ପାଇଁ ଅନେକ ଦାବିଦାର ରହିବେ । ସମସ୍ୟା ସମାଧାନ କରି ଏହାର ର୍ନିଯ୍ୟଶ ବାହାର କରିବା ଦଳର ମୁଖିଆ ଙ୍କ ଦାୟିତ୍ୱ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।କଂଗ୍ରେସ କଥା ନ କହିବା ଭଲ ଛ ଠାରେ ଯିଏ ଅତୀତରେ କଂଗ୍ରେସ ର ପ୍ରାର୍ଥି ଥିଲେ ସେ ବର୍ତ୍ତମାନ ବି ଜେ ପି ଦଳରେ ।ବି ଜେ ପି,ସେ ବାବୁଙ୍କୁ କାକଟପୁର ରୁ ଦଳୀୟ ଟିକେଟ ଦେବେ ବୋଲି ଶୁଣିବାକୁ ମିଳିଥିଲା । କିନ୍ତୁ ତାଙ୍କୁ ଟିକେଟ ନ ଦେଇ ନିମାପଡା ର ପୂର୍ବତନ ବିଧାୟକ ବାଇଧର ମଲିକ ଙ୍କୁ ଦଳୀୟ ପ୍ରାଥୀ ଘୋଷଣା କଲା । କଂଗ୍ରେସ ବୋଧହୁଏ ଶେଇଥି ପାଇଁ ତାର ପ୍ରାଥୀ ଘୋଷଣା କରିପାରି ନାହିଁ । ଝୁଲି ରହିଥିବା ବେ ଜେ ଡି ଦଳର ଟିକେଟ କେବେ ସମାଧାନ ହେବ ଓ କଂଗ୍ରେସ ଦଳ, ବି ଜେ ପି,କୁ ଯାଇଥିବା ବିଶ୍ୱିଭୂଷଣ ଦାସ ଙ୍କୁ ପୁଣି ଦଳକୁ ଫେରାଇ ଆଣି ପୁନର୍ବାର ପ୍ରାର୍ଥି କରିବା ତାହା ଦେଖିବାକୁ ବାକି ରହିଲା ।

# ନିମାପଡାର ଭଣଜାକୁ ଟିକେଟ ଦେଲା କଂଗ୍ରେସ



ନିମାପଡା,(ସବ୍ୟୁ): ନିମାପଡା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଂଗଠନ ଦୁର୍ବଳ ଥିବା ବେଳେ ଟିକେଟ ପାଇଁ ଅନେକ ଆଶାୟୀ ବାହାରିଥିଲେ । ତେବେ ଦଳ ନିମାପଡାର ଭଣଜା ତଥା ଜଟଣୀ ସୁର ରାଉତରାୟଙ୍କ ବଡ ପୁଅ ସିଦ୍ଧାର୍ଥ ରାଉତରାୟଙ୍କୁ କଂଗ୍ରେସ ପ୍ରାର୍ଥୀ ଭାବେ ଘୋଷଣା କରିଛି । ସିଦ୍ଧାର୍ଥଙ୍କ ନିଜ ଘର ଜଟଣୀ ଅଂଚଳରେ ହୋଇଥିବା ବେଳେ ତାଙ୍କ ମାମୁଁ ଘର ନିମାପଡା ଅଟେ । ତେବେ ଦଳ ସିଦ୍ଧାର୍ଥଙ୍କ ଉପରେ ଭରଷା କରି ଟିକେଟ ଦେଇଛି । କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସିଦ୍ଧାର୍ଥ ଗତ ୬ମାସ ହେବ ସାଇକେଲରେ ନିମାପଡାର ବିଭିନ୍ନ ପଂଚାୟତକୁ ଯାଇ ଲୋକଙ୍କୁ ଭେଟି ପରିଚିତ ହୋଇ ପାରିଛନ୍ତି । ନିମାପଡା କଂଗ୍ରେସର ନେତୃତ୍ୱ ଓ କର୍ମୀ ସିଦ୍ଧାର୍ଥଙ୍କୁ ନେତା ଭାବେ କେତେ ଦୂର ଗ୍ରହଣ କରୁଛନ୍ତି ଏବଂ ତାଙ୍କୁ ସମର୍ଥନ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି । ଅନ୍ୟପଟେ ପ୍ରାର୍ଥୀ ହେବା ପରେ ସିଦ୍ଧାର୍ଥ ନିମାପଡାର ଅସଜଡା କଂଗ୍ରେସକୁ କେତେଦୂର ସଜାଡି ନିର୍ବାଚନ ମୈଦାନରେ ଫାଇଦା ମାରୁଛନ୍ତି ନିମାପଡା ବାସୀ ଚାହିଁ ରହିଛନ୍ତି । କଂଗ୍ରେସ ଦଳରୁ ସୁର ରାଉତରାୟ ନିଲମ୍ବିତ ହୋଇଥିବାରୁ ସେ ବଡ ପୁଅ ସିଦ୍ଧାର୍ଥଙ୍କ ପାଇଁ ନିମାପଡାରେ ପ୍ରଚାର କରିବେ ନା କରିବେ ନାହିଁ ତାହା ଆଗକୁ ଜଣାପଡିବ ।

## ବିଜେଡିରୁ ଇସ୍ତଫା ଦେଲେ ଗୋପିନାଥ

କୁଆଖିଆ,(ସବ୍ୟୁ): ରସୁଲପୁର ବ୍ଲକର ଶ୍ରୀବନ୍ତପୁର ନଠୁଆବର ବଡକଇଁଚି ରାହାମ୍ଭା ରସୁଲପୁର ଟିକର ପଡା ଗନ୍ଧଣ ଭୋଟକା ପ୍ରଭୃତି ପଞ୍ଚାୟତର ଜୀବନ ରେଖା ଛିଣ୍ଡା ଖରସ୍ରୋତା ନଦୀକୁ ଚିରସ୍ରୋତା କରିବାପାଇଁ ଆନ୍ଦୋଳନ ଜାରି ରଖିଥିବା ଓଡିଶା କୃଷକ ମହାସଂଘର ଉପସଭାପତି ତଥା ପରିବେଶବିତ ଗୋପିନାଥ ପତି ତାଙ୍କର ସମର୍ଥକଙ୍କ ସହ ବିଜେଡିରୁ ଇସ୍ତଫା ଦେଇ ରାଜ୍ୟ ସଭାପତିଙ୍କ ନିକଟକୁ ପତ୍ର ପ୍ରେରଣ କରିଥିବା ସୂଚନା ଦେଇଛନ୍ତି । ଟିକରପଡ଼ା ଠାରେ ନଦୀ ମୁହାଣରେ ମାଟି ପକାଇ ୧୯୯୨-୯୩ ରେ ଜଳ ସମ୍ପଦ ବିଭାଗ ଭୁଲ ନିଷ୍ପତିରେ ଛିଣ୍ଡା ଖରସ୍ରୋତାକୁ ଦୀର୍ଘବର୍ଷ ହେବ ବନ୍ଦ କରିଦେଲେ। ଫଳରେ ଟିକରପଡା ଶ୍ରୀବନ୍ତପୁର ଗନ୍ଧଣ, ନଠୁଆବର, ବଡ଼ କଇଁଚି, ରାହାମ୍ଭା, ଭୋଟକା, ରସୁଲପୁର ଆଦି ୮ ପଞ୍ଚାୟତର ୩୦ ହଜାର ଅଧିବାସୀ ତଥା ଚାଷୀମାନେ ହଇରାଣ ହେଉଛନ୍ତି । ଏସମସ୍ୟାର ସମାଧାନ ହୋଇନାହିଁ । ତାହା ସାଙ୍ଗକୁ ଏବେ ବିଜେଡିରେ ସମାନ ମିଳୁନଥିବାରୁ ସେ ଦଳ ତ୍ୟାଗ କରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ।

## ବିଜେପି ପ୍ରାର୍ଥୀ କେ ଅନିଲ କୁମାର ଙ୍କ ପ୍ରାର୍ଥୀପତ୍ର ଦାଖଲ



ବ୍ରହ୍ମପୁର, (ସବ୍ୟୁ): ବିଜେପି ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର ଶନିବାର ଦିନ ଛତ୍ରପୁର ସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଶନିବାର ମଧାହ୍ନରେ ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକଙ୍କ ସହ ଗାନ୍ଧୀନଗର ସ୍ଥିତ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ଠାରୁ ବାହାରି ପ୍ରାର୍ଥୀପତ୍ର ଦାଖଲ ପାଇଁ ଛତ୍ରପୁର ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇଥିଲେ । ସକାଳେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯିବା ପୂର୍ବରୁ ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ବୁଢ଼ୀ ଠାକୁରାଣୀ, ସୁକୁଣ୍ଡା ସ୍ଥିତ ନରସିଂହ ସ୍ୱାମୀ ଏବଂ ସଙ୍କଟ ମୋଚନ ହନୁମାନଙ୍କ ଆର୍ଶିବାଦ ନେଇ ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର ଛତ୍ରପୁର ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇଥିଲେ । ଏହି ଅବସରରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ,ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁ,ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ଗଞ୍ଜାମ ଜିଲ୍ଲା ସଭାପତି କାହ୍ନୁ ଚରଣ ପତି,ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ବରିଷ୍ଠ ନେତା କାମନା ପାଢ଼ୀ,ପୀତବାସ ପଣ୍ଡା ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକଙ୍କୁ ନେଇ ପ୍ରାର୍ଥୀପତ୍ର ଦାଖଲ ପାଇଁ ଛତ୍ରପୁର ଯାଇଥିଲେ ।

## ଇଦ ମିଳନରେ ମେୟର, ଓସିଏ ସେକ୍ରେଟାରୀ ଅଲୋଡା
# ସଂତୃପ୍ତ ଓ ପ୍ରକାଶ ଙ୍କ ପାଇଁ ଏକାଠି ହେଲେ ବିଜେଡି ସଂଖ୍ୟାଲଘୁ

କଟକ, (ପ୍ରଫୁଲ୍ଲ ମହାନ୍ତି ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ମାହୋଲ ସେତିକି ସରଗରମ ହେଉଛି । କଟକ ଲୋକସଭା ନିର୍ବାଚନ କ୍ଷେତ୍ରରେ ପ୍ରାର୍ଥୀ ଘୋଷଣାରେ ବିଜେଡି ସଂତୃପ୍ତ ମିଶ୍ର ଓ ବିଜେପି ଭର୍ତ୍ତୃହରି ମହତାବଙ୍କୁ ମୈଦାନକୁ ଓହ୍ଲାଇ ସାରିଛି । ତେବେ ଏହି କ୍ଷେତ୍ରରେ ପଛରେ ପଡିଛି ଜାତୀୟ କଂଗ୍ରେସ ଦଳ ।ଦୁର୍ଭାଗ୍ୟ ଯେ କଂଗ୍ରେସ ଦଳ ପ୍ରାର୍ଥୀ ଖୋଜି ପାଉନି କି ଟିକେଟ ଦୌଡରେ ଥିବା ଆଶାୟୀଙ୍କ ମଧ୍ୟରେ ଭାଗବଣ୍ଟା ଛିଡୁନି ତାହା ମା ଗଙ୍ଗେଇଙ୍କୁ ଜଣା ।ତେବେ ସବୁଠାରୁ ବଡକଥା ହେଲା ଗତ ନିର୍ବାଚନରେ କଂଗ୍ରେସର ଏକୋଇର ବଳା ବିଶିକେସନ ବିଧାୟକ ମହମ୍ମଦ ମୋକିମଙ୍କ ବିଧାନସଭା କ୍ଷେତ୍ର ବାରବାଟୀ କଟକ ର ମଧ ଚିତ୍ର ସ୍ପଷ୍ଟ ହେଇନି । ଯଦିଓ ସେ ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇ ଦଣ୍ଡ କୋହଳ ପାଇଁ ଆସନ୍ତା ୨୨ ତାରିଖ ସୁପ୍ରିମକୋର୍ଟ ର ରାୟକୁ ଅପେକ୍ଷା କରିଛନ୍ତି ତଥାପି ସଂଗଠନକୁ ଜାରି ରଖି କର୍ମୀ ମାନଙ୍କ ମଧ୍ୟରେ ଟେମ୍ପୋ ବଜାୟ ରଖିଛନ୍ତି । କିନ୍ତୁ ଏଥର ରାଜ୍ୟରେ ସରକାର ଗଠନର ବାହାସ୍ପଟ ମାରୁଥିବା ବିଜେପି ବାରବାଟୀ କଟକ ବିଧାନସଭାକ୍ଷେତ୍ରରେ ପ୍ରାର୍ଥୀ ଘୋଷଣା କରି ନ ପାରିବା ସଭାପତିଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଠିଆ କରିଛି । ଏ ସବୁର ଗୋଳିଆ ପାଣିରୁ କିନ୍ତୁ ଶାସକ ବିଜେଡି ଦଳ ନବୀନ ମାନଙ୍କୁ ମୈଦାନକୁ ଛାଡି ଯାହା ଫାଇଦା ଉଠାଇବା କଥା ତାହା ପାଇପାରିଥିବା ଭଳି ଜଣାପଡୁନି ।ଯାହ ଆଜିର ଇଦ ମିଳନ ପାର୍ଟିରୁ ଜଳଜଳ ହୋଇବାରି ହୋଇପଡିଛି ।କିଛି ଦିନ ତଳେ ମେୟର ସୁବାସ ସିଂ ଓ ସଂଜୟ ବେହେରାଙ୍କ ନେତୃତ୍ୱରେ ଏକ ଇଫତାର ପାର୍ଟି ହୋଇଥିବା ବେଳେ ଏହା ଦଳୀୟ କାର୍ଯ୍ୟକ୍ରମ ହୋଇନଥିବା ସାଂସଦ ଦେବାଶିଷ ସାମନ୍ତରାୟ କଥାକୁ ଏଡାଇ ଯାଇଥିଲେ । ତେବେ ଆଜି ୟୁନିୟନ କ୍ଲବ ପଡିଆରେ ଏକ ଇଦ୍ ମିଳନ କାର୍ଯ୍ୟକ୍ରମ କରି ଏହାର ମଧୁର ପ୍ରତିଶୋଧ ନେଇଛନ୍ତି ଦେବାଶିଷ ।ଏହି କାର୍ଯ୍ୟକ୍ରମରେ ମଧ ସୁବାସ ଓ ସଂଜୟ ଙ୍କ ଦେଖା ନ ମିଳିବା ରାଜନୈତିକ ବିରୋଧୀଙ୍କୁ ଖୋରାକ ଯୋଗାଇଛି । ଅବଶ୍ୟ ଆଜିର ଇଦ୍ ମିଳନ ବୈଠକରେ ବିଜୁ ଜନତାଦଳର ସଂଖ୍ୟାଲଘୁ ସମ୍ପ୍ରଦାୟର ସମସ୍ତ ଛାମୁଆ ନେତାମାନେ ଯୋଗଦେଇ ଦଳରୁ ପ୍ରାର୍ଥୀ ହୋଇଥିବା ଦୁଇଜଣଙ୍କୁ ଜିତାଇବାକୁ ଶପଥ ନେଇଥିଲେ ତଥାପି ଦଳରେ ରହିଥିବା ଫାଟ ଉପରକୁ ଫୁଟି ବାହାରିଛି । ଏହି ଫାଟ ଯଦି ବିରୋଧୀ ଦୁଇ ଦଳର ପ୍ରାର୍ଥୀ ଘୋଷଣା ପୂର୍ବରୁ ବନ୍ଦ ନ ହୁଏ ତେବେ ବିଜେଡି ଦେଖୁଥିବା ସ୍ୱପ୍ନ ମୁଙ୍ଗେରୀ ଲାଲର ହସିନା ସପ୍ନୋକୁ ପରିବର୍ତ୍ତନ ହେବାଟା ଥୟ । ସେ ଯାହା ହେଉ ଆଜିର ଇଦ୍ ମିଳନ ପାର୍ଟିରେ ସାଂସଦ ମୁନା ଖାଁ ଅତିଥି ଭାବେ ଯୋଗଦେଇ ମୁସଲିମ ଭାଇଭଉଣୀ ମାନେ ଏକାଠି ହୋଇ ନବୀନ ବାବୁ ଦେଇଥିବା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଯିତାଇବାକୁ ନିବେଦନ କରିଥିଲେ । ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଇଦ ମିଳନରେ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ,କୁନା ତ୍ରିପାଠୀ,ମଧୁ ସାହୁ ,ପ୍ରଫୁଲ୍ଲ ସିଂ,ବିଧାୟକ ଦେବୀ ରଂଜନ ତ୍ରିପାଠୀ,ସଂଖ୍ୟାଲଘୁ ସଂପ୍ରଦାୟର ମୌଲବୀ,ଛାମୁଆ ନେତା ମାନେ ଉପସ୍ଥିତ ଥିଲେ ।

## ରେଢାଖୋଲ ବାସୁପାଲି ଜନସମାବେଶରେ କେନ୍ଦ୍ରମନ୍ତ୍ରୀ
# ଡବଲ ଇଞ୍ଜିନ ସରକାର ହେଲେ ସମ୍ବଲପୁରର ବିକାଶ ତ୍ୱରାନ୍ୱିତ ହେବ



ଭୁବନେଶ୍ୱର,(ସବ୍ୟୁ): ମୋଦୀ ସରକାର ଗରିବ, ଦୁଃଖୀ ଓ ଅସହାୟଙ୍କ ସାହାରା ହୋଇଛନ୍ତି । ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିବା ଭଳି ଅନେକ କଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେଲେ ସବୁ ବର୍ଗଙ୍କ ସମସ୍ୟାର ସମାଧାନ ସହ ସମ୍ବଲପୁରର ବିକାଶ ତ୍ୱରାନ୍ୱିତ ହେବ ବୋଲି ରବିବାର ସମ୍ବଲପୁର ଜିଲ୍ଲା ରେଢାଖୋଲ ବାସୁପାଲି ଠାରେ ଜନସମାବେଶରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ରେଢାଖୋଲ ନିର୍ବାଚନମଣ୍ଡଳୀର ଯୁଯୁମୁରା ହେଉଛି ବିଡି ତିଆରି କରୁଥିବା କାରିଗରଙ୍କ ଅଞ୍ଚଳ । କିନ୍ତୁ ଏଠାରେ ସ୍ୱଚ୍ଛ ପିଇବା ପାଣି ମୁନ୍ଦିଏ ମିଳୁନାହିଁ । ଅଧିକାଂଶ ଗରିବ ପରିବାର ଆବାସ ଯୋଜନାରେ ସାମିଲ ହୋଇନାହାନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ସମସ୍ୟା ରହିଛି । ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ମତାମତ ନିଆଯାଇ ବିଡି କାରଖାନା ମାଲିକଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ । ସାରା ଓଡ଼ିଶାରେ ଥିବା ବିଡି ଶ୍ରମିକମାନଙ୍କୁ ମୌଳିକ ସୁବିଧା ଯୋଗାଯିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିକିତ୍ସା ସୁବିଧା, ପିଏଫ ସୁବିଧା ମିଳିବ ଛ ଏହା ହିଁ ମୋଦୀ ଗ୍ୟାରେଣ୍ଟି । ସେହିପରି ବିଡି ଶ୍ରମିକଙ୍କ ପାଇଁ ଜଙ୍ଗଲଜାତ ଦ୍ରବ୍ୟର ଏମଏସପି ମୂଲ୍ୟ ବୃଦ୍ଧି କରିବା ଠାରୁ ଆରମ୍ଭ କରି ସେମାନଙ୍କ ପିଲାମାନଙ୍କର ପାଠପଢା ପାଇଁ ଦାୟିତ୍ୱ ନେଇଛନ୍ତି । ସେମାନଙ୍କ ଇପିଏଫ୍ ସମସ୍ୟାର ସମାଧାନ ହେବା ସହ ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ ମୋଦୀ ଗ୍ୟାରେଣ୍ଟି ଦେଇଛନ୍ତି । କଂଗ୍ରେସ ସରକାର ଶେଷ ୧୦ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଥିବା ବେଳେ ମୋଦି ସରକାର ଏବେ ସୁଦ୍ଧା ଓଡ଼ିଶା ପ୍ରତି ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି । ହେଲେ ଓଡ଼ିଶାରେ ପହଞ୍ଚିବା ବେଳେ ଏହା ବାଟମାରଣା ହୋଇଯାଉଛି । ଏହାକୁ ରୋକିବା ପାଇଁ ଡବଲ ଇଞ୍ଜିନ ସରକାର ଆଣିବାକୁ ପଡ଼ିବ । ଜନସମାବେଶ ପୂର୍ବରୁ ଶ୍ରୀ ପ୍ରଧାନ ରେଢାଖୋଲ ଡଙ୍ଗରପଡ଼ା ଜଗନ୍ନାଥ ମନ୍ଦିର ଓ ଟାମ୍ପରଗଡ ସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।

# କଷାଫଳରେ ସଦର ବିଜେପିର କର୍ମୀ ସମ୍ମିଳନୀ

ବାଲେଶ୍ୱର ,(ସବ୍ୟୁ) :ବାଲେଶ୍ୱର ସଦର ବିଧାନସଭା ଅନ୍ତର୍ଗତ କଷାଫଳ ପଞ୍ଚାୟତରେ ସଦର ବିଜେପି ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟିକୁ ଭରସା କରି ସାରା ଓଡିଶାରେ ତୃଣମୂଳ ସ୍ତରରୁ ବହୁ ନେତା ଓ କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହେଉଛନ୍ତି। ଏହାର ଅନୁରୂପ ବାଲେଶ୍ୱର ସଦର ବିଧାନସଭାରେ ମଧ୍ୟ ବହୁ ବିଜେଡି ଦଳର ନେତା ଏବଂ କର୍ମୀ ବିଜେପି ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ଦୃଢ ନେତୃତ୍ୱକୁ ସ୍ୱୀକାର କରି ବିଜେପିରେ ଯୋଗ ଦେଉଛନ୍ତି। ନିର୍ବାଚନ ଯେତେ ପାଖେଇ ଆସୁଛି, ତୃଣମୂଳ ସ୍ତରରେ ମାନସ ଦତ୍ତଙ୍କ ଲୋକପ୍ରିୟତା ଆହୁରି ଅଧିକ ମାତ୍ରାରେ ବଢିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ କଷାଫଳରେ ସଦର ବିଜେପି ପକ୍ଷରୁ ଆୟୋଜିତ ମହା ମିଶ୍ରଣ ପର୍ବରେ ବହୁ ବିଜେଡି ଓ କଂଗ୍ରେସ ଦଳର ନେତା ଏବଂ କର୍ମୀ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେପି ପରିବାରରେ ସାମିଲ ହୋଇଛନ୍ତି। ସମସ୍ତ ବନ୍ଧୁଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଯାଇ ଦଳରେ ସାମିଲ କରାଯାଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ଦୃଢ଼ କାର୍ଯ୍ୟଦକ୍ଷତା ଏବଂ ନେତୃତ୍ୱ ଉପରେ ଭରସା ରଖି ବହୁ ସଂଖ୍ୟାରେ ବିଜୁ ଜନତା ଦଳର ନେତା ବିଜେପିରେ ଯୋଗଦାନ କରିଛନ୍ତି। ଗତ ଉପ ନିର୍ବାଚନରେ ଶାସକ ଦଳର ପ୍ରତିଶୃତି କେବଳ ପ୍ରତିଶୃତିରେ ହିଁ ରହିଯାଇଛି। ବାଲେଶ୍ୱର ସଦର ବିଧାନସଭାର ବହୁ ସାଧାରଣ ଲୋକ ଆଜିବି ନିଜ ମୌଳିକ ସୁବିଧାରୁ ବଞ୍ଚିତ ହୋଇଯାଇଛନ୍ତି। ଆଜି ଓଡିଶାରେ ଜନସାଧାରଣ ବିଜୁ ଜନତା ଦଳର ଅତ୍ୟାଚାରରେ ଅତିଷ୍ଠ ହୋଇ ପଡିଲେଣି। ଦୀର୍ଘ ୨୪ ବର୍ଷ ଶାସନରେ ଆଜି ଓଡିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଛି। ଦଳରେ ମିଶିଥିବା ଅନୁଭବୀ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତି ବୁଥ ସ୍ତରରେ ଦଳର ସାଙ୍ଗଠନିକ ସ୍ଥିତିକୁ ଆହୁରି ଅଧିକ ସୁଦୃଢ କରିବା ସହିତ ଅଧିକରୁ ଅଧିକ ଜନତାଙ୍କ ଆସ୍ଥାଭାଜନ ହେବାରେ ସହାୟକ ହେବା ସହ ବାଲେଶ୍ୱର ସଦରରେ ପରିବର୍ତ୍ତନ ହେବ ବୋଲି ବିଧାୟକ ପ୍ରାର୍ଥୀ ମାନସ ଦତ୍ତ ମତପ୍ରକାଶ କରିଛନ୍ତି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,(ସବ୍ୟୁ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ନେତାମାନେ ପ୍ରତିକ୍ରିୟାରେ କହି ନିର୍ବାଚନ ଆଚରଣ ବିଧି ପାଳନ ପୂର୍ବକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ କ୍ୟାପିଟାଲ ହସ୍ପିଟାଲ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର



ସାମଲ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଶବରୀ ସାଂସ୍କୃତିକ ସଂସଦର ହୃଦୟ ରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ ନୀଳମାଧ ଦାସ, କୋଷାଧ୍ୟକ୍ଷ ଯଶୋବନ୍ତ ଜେନା, ଆଚାର୍ଯ୍ୟ ବିହାର ପରିଷଦର ଭାଗବତ ଦାଶ, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇଏଏସ୍ ଶିକ୍ଷାନବିଶମାନଙ୍କର

# ଯୋଜନା ଓ ସଂଯୋଜନ ବିଭାଗ ପରିଦର୍ଶନ

ଭୁବନେଶ୍ୱରତା,(ସବ୍ୟୁ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୨ ବ୍ୟାଚର ୬ଜଣ ଓ ୨୦୨୩ ବ୍ୟାଚର ୮ଜଣ ଓଡ଼ିଶା କ୍ୟାଡର ଆଇଏଏସ୍ ପ୍ରୋବେସନର ଶନିବାର ଲୋକସେବା ଭବନରେ ଉନ୍ନୟନ କମିଶନର-ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ଆଇଏଏସ୍ ପ୍ରଶିକ୍ଷାର୍ଥୀମାନଙ୍କୁ ନିରନ୍ତର ବିକାଶଲକ୍ଷ୍ୟ (ଏସଡିଜି) ଏବଂ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ରବି ଭିନ୍ନ ଜଟିଳ ତଥା



ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା । ଏଜେଣ୍ଡା-୨୦୩୦ର କାର୍ଯ୍ୟକାରିତା ଦିଗରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ତଥା ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀମତୀ ଗର୍ଗ ନାଗରିକ-କୈନ୍ଦ୍ରିକ ଶାସନ ଉପରେ ଆଲୋକପାତ କରିବା ସହ ଅଧିକାରୀ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ପରେ ଆଗାମୀ ଦିନରେ ବିଭିନ୍ନ ପଦ ପଦବୀରେ ନିଜର ପ୍ରଶାସନିକ ଦାୟିତ୍ୱ ନିର୍ବାହ କରିବାକୁଥିବା ବେଳେ ନିରନ୍ତର ବିକାଶ ଲକ୍ଷ୍ୟ ରଖି ସେମାନେ ଅନ୍ତର୍ଭୁକ୍ତି କରଣ, ସମାନତାର ନୀତିକୁ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

### ଜୟପୁର ଆସନ ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା

ଜୟପୁର: ଜୟପୁର ଆସନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିଛ । ଗୌତମ ସାମନ୍ତରାୟଙ୍କ ଉପରେ ଦଳ ପୁଣି ଥରେ ଭରସା ରଖିଛି । ଚଳିତ ବିଧାନସଭା ନିର୍ବାଚନରେ ଗୌତମକୁ ବିଜେପି ଜୟପୁର ଆସନ ପାଇଁ ଟିକେଟ୍ ଦେଇଛି । କଂଗ୍ରେସରୁ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରାର୍ଥୀ ହୋଇଥିବାବେଳେ ଓ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ୍ ଦେଇଛି । ଫଳରେ ଚଳିତ ନିର୍ବାଚନରେ ଜୟପୁରରେ ତ୍ରିମୁଖୀ ଲଢେଇ ହେବ ବୋଲି ଚର୍ଚ୍ଚା ହେଉଛି।
ସାଧାରଣ ନିର୍ବଚାନ-୨୦୧୯ରେ ଜୟପୁର ଆସନରେ ବିଜେଡିରୁ ରବି ନାରାୟଣ ନନ୍ଦ, ବିଜେପିରୁ ଗୌତମ ସାମନ୍ତରାୟ ଓ କଂଗ୍ରେସରୁ ତାରାବାହିନୀ ପତି ଅବତୀର୍ଣ୍ଣ ହୋଇଥିଲେ । ତାରାପ୍ରସାଦ ବାହିନୀପତିଙ୍କୁ ୫୯,୭୮୫ ଖଣ୍ଡ ଭୋଟ୍ ମିଳିଥିଲା । ରବିନାରାୟଣ ନନ୍ଦ ୫୪,୩୩୪ ଖଣ୍ଡ ଭୋଟ୍ ପାଇଥିଲେ । ତାରା ବାହିନୀପତି ୫୪୫୧ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ । ଗୌତମ ସାମନ୍ତରାୟ ତୃତୀୟ ସ୍ଥାନରେ ଥିଲେ ।

# ମା' ନାରାୟଣୀ ମହିଳା ସମିତି ପକ୍ଷରୁ ଜଳସେବା



କଟକ, (ସ୍ୱପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ରାସ୍ତାରେ ଯାତାୟତ କରୁଥିବା ପଥଚାରୀମାନଙ୍କ ପାଇଁ ସ୍ଥାନୀୟ ୫୩ନଂ ୱାର୍ଡର ମା' ନାରାୟଣୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ଅନ୍ଦରପୁର ସ୍ଥିତ ଅଙ୍ଗନବାଡି କେନ୍ଦ୍ର ଠାରେ ଦହିପାଣି ବଣ୍ଟନ କରାଯାଇଛି । ଲୋକେ ଅତି ଉତ୍ସୁକତାର ସହ ଏହି ପାଣି ପିଇ ତୃଷ୍ଣା ମେଣ୍ଟାଉଥିବା ଦେଖିବାକୁ ମିଳିଥିଲା । ଏହି ଜଳସେବା କାର୍ଯ୍ୟକ୍ରମରେ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜଳସେବାକୁ ଉଦ୍‌ଘାଟନ କରିବା ସହ ଖରା ଦିନେ ଏପରି କାର୍ଯ୍ୟର ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅମର ସାମନ୍ତରାୟ, ସମିତିର ସଭାପତି ସୂର୍ଯ୍ୟମଣି ସ୍ୱାଇଁ, ସମ୍ପାଦକ ମିତାରାଣୀ ମହାନ୍ତି, କୋଷାଧ୍ୟକ୍ଷ ସୁଜାତା ସ୍ୱାଇଁ, ବିଦ୍ୟୁତପ୍ରଭା ଭଦ୍ର, ବାସନ୍ତି ସ୍ୱାଇଁ, ଦିପ୍ତିମୟୀ ଧଳ, ପୁଷ୍ପାଳି ମହାନ୍ତି, ମାନୀ ସୁପ୍ରଭା ବଳ, ଉଷାରାଣୀ ସାହୁ, ମନୋରମା ସାହୁ, ଜ୍ୟୋସ୍ନାରାଣୀ ମହାପାତ୍ରଙ୍କ ସମେତ ବହୁକର୍ମକର୍ତ୍ତା ଉପସ୍ଥିତ ରହି ଦହି ପାଣି ବଣ୍ଟନ କରିଥିଲେ ।

# ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ତିନି ପୂର୍ବ ବିଧାୟକ ପ୍ରାର୍ଥୀଙ୍କ ବିରୋଧ

ବାଙ୍କୀ, (ସବ୍ୟୁ) :କଟକ ସଂସଦୀୟ କ୍ଷେତ୍ର ଅଧିନସ୍ଥ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ରତିନି ପ୍ରମୁଖ ଦଳର ପ୍ରାର୍ଥୀ ସେମାନଙ୍କର ନାମଘୋଷଣା କରିଛନ୍ତି ବିଜେପି ପକ୍ଷରୁ ପ୍ରାର୍ଥୀ ବାରଙ୍ଗ ଜୋନ ଜିଲ୍ଲା ପରିଷଦ ସଭ୍ୟ ତୁଷାର କାନ୍ତ ଚକ୍ରବର୍ତ୍ତୀ ଙ୍କୁ ଟିକେଟଦେଇଛି । ଟିକେଟ ପାଇ ତୁଷାର ପ୍ରଚାର ଆରମ୍ଭ କରିଦେଇ ଥିବା ବେଳେ ପୂର୍ବ ନିର୍ବାଚନମାନଙ୍କ ରେ ପ୍ରାର୍ଥୀ ହୋଇ ପରାଜୟ ବରଣକରିଥିବା ପ୍ରାର୍ଥୀ ମାନେ ଏବେ ବର୍ତ୍ତମାନ ର ପ୍ରାର୍ଥୀ ତୁଷାର କାନ୍ତ ଚକ୍ରବର୍ତ୍ତୀ ଙ୍କୁ ସହଯୋଗ କରିବେ ନାହିଁ ବୋଲି ଡମପଡ଼ାବ୍ଲକ୍ ଅନ୍ତର୍ଗତ ମାଆ ଅରାଚଣ୍ଡି ଙ୍କ ପୀଠରେ ଏକ ବୈଠକ ଜରିଆରେ ଘୋଷଣା କରିଛନ୍ତି । ଯେହେତୁ ବିଜେପି ଦଳ ଉପଯୁକ୍ତ ପ୍ରାର୍ଥୀସମନ୍ୱୟ ରକ୍ଷା କରି ଦେଇ ପାରିଲା ନାହିଁ ତେଣୁ ତାଙ୍କୁ ବିରୋଧ କରିବା ପାଇଁ ରଣ ହୁଙ୍କାର ଦେଇଛନ୍ତି କର୍ମୀ ଓ ନେତା ମାନେ । ବାଙ୍କୀର ବିଜେପି ଟିକେଟ ବିକ୍ରୀ ହୋଇଛି ବୋଲି ସିଧାସଳଖ ଅଭିଯୋଗ କରିଛନ୍ତି ସମସ୍ତେ । ୧୯୯୫ମସିହାରେ ପ୍ରାର୍ଥି ହେଇଥିବା ସୁବଳବେହେରା,୨୦୦୯ ରେ ପ୍ରାର୍ଥୀ ହୋଇ ଥିବା ଅଜୟ କୁମାର ସ୍ୱାଇଁ,୨୦୧୪ ଓ ୨୦୧୯ ସଧାରଣ ନିର୍ବାଚନ ରେ ପ୍ରାର୍ଥୀ ହେଇଥିବା ଶୁଭ୍ରାଂଶୁ ମୋହନ ପାଢ଼ୀ ଏକାଠି ହୋଇ ତୁଷାର ଙ୍କୁ ବିରୋଧ କରାଯିବା ପାଇଁ ସ୍ଥିର କରାଯାଇଛି । ଡମପଡ଼ା ମଣ୍ଡଳ ସଭାପତି ଙ୍କ ଆହ୍ୱାନକ୍ରମେ ଶତାଧିକ ଦଳୀୟ କର୍ମୀ ଏକାଠି ହୋଇ ଥିଲେ । ବିଶେଷ କରି ୨୦୧୯ ନିର୍ବାଚନ ରେ ବିଜେପି ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ୩୨ହଜାର ରୁ ଉର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ଦଳ ଏଥର ପ୍ରାର୍ଥୀ ନିଶ୍ଚୟ କରିବ ବୋଲି ଆଶା ରଖିଥିଲେ ଶୁଭ୍ରାଂଶୁ ଓ ତାଙ୍କ ସମର୍ଥକ । ରାଜ୍ୟ ବିଜେପି ଶୀର୍ଷ ନେତୃତ୍ୱ ଟିକେଟ ପରିବର୍ତ୍ତନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ତାହା କାର୍ଯ୍ୟକାରୀ ନହେବାରୁ ବାଧ୍ୟ ହୋଇ ହଜାର ହଜାର ବିଜେପି କର୍ମୀ ଏକାଠି ହୋଇ ତୁଷାର ଙ୍କୁ ବିରୋଧ କରିବା ପାଇଁ ଅଣ୍ଟା ଭିଡିଛନ୍ତି । ତେବେ ବାଙ୍କୀ

ଅଚଳ ର ଲୋକ ଙ୍କୁ ବିଜେପି ପ୍ରାର୍ଥୀ ନ ଦେଇ ଆଠ ଗୋଟି ପଞ୍ଚାୟତ ରୁ ପ୍ରାର୍ଥୀ ଦେବାରୁ ସମସ୍ତେ ବିରୋଧ କରିବା ପାଇଁ ସ୍ଥିରକରିଛନ୍ତି । ସବୁ ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା ଶୁଭ୍ରାଂଶୁ ଙ୍କ ସମର୍ଥକ ହେଇଥିବାରୁ ତୁଷାର ଙ୍କ ପାଖରେ ବାଙ୍କୀ ର କୌଣଷିକାର୍ଯ୍ୟକର୍ତ୍ତା ନାହାଁନ୍ତି । ତେବେ ତୁଷାର ଙ୍କ ଭୋଟ ହାର ବହୁ ପରିମାଣ ର କମିଯିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହିବୈଠକ ରେ ସୁବଳ ବେହେରା, ଅଜୟ କୁମାର ସ୍ୱାଇଁ, ଶୁଭ୍ରାଂଶୁ ମୋହନ ପାଢ଼ୀ, ସିଦ୍ଧେଶ୍ୱର ପାଇକରାୟ, ସ୍ୱାଧୀନ ପ୍ରାର୍ଥୀ ଭାବେଲଢ଼ିଥିବା ଉତ୍କଳ କେଶରୀ ମନ୍ତ୍ରୀ,ବାବୁ ମହାପାତ୍ର,ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ଫଗୋଲ ଓ ଜୟରାମପୁର ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ମିଶିଲେ

ନିଶ୍ଚିନ୍ତକୋଇଲି,(ସବ୍ୟୁ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଫଗୋଲ ଓ ଜୟରାମପୁର ପଞ୍ଚାୟତର ବହୁ ସଂଖ୍ୟାରେ ବିଜେପି ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରେ ନିଶ୍ଚିନ୍ତକୋଇଲି ତହସିଲ ଛକ ବିଜେଡ଼ି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏବଂ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦୃଢ ନେତୃତ୍ୱରେ ଆସ୍ଥା ଓ ଭରସା ପ୍ରକଟ କରି ଫଗୋଲ ଓ ଜୟରାମପୁର ପଞ୍ଚାୟତର ସେକ୍ ଇନ୍ତିୟାଜ୍, ସେକ୍ ମୁନସବ୍, ମୀର ଫୟାଜ,ମୀର ଜମିଲି, ମୀର ମୁମତାଜ୍, ମୀର ଆଲାମ୍, ମୁକ୍ତାର ଖାଁ, ମୀର ଜଲାଲ, ସେକ୍ ଜାକିର, ସେକ୍ ବଶୋ,ସେକ୍ ରାହିଲ, ମୀର ହୀରା,ସେକ୍ ଭୁଟୁ, ସେକ୍ ସାଜନ,ସାହିଲ, କମିଲ,ଫାରକ ଉଦ୍ଦିନ୍,ସେକ୍ ଫୁରକାନ୍, ବିଷ୍ଣୁଚରଣ ମଲିକ, ଆଶିଷ କୁମାର ନାୟକ,ୱାର୍ଡ଼ ସଭ୍ୟ ଦିଲନ ସାହୁ,ଅଜୟ ସାମଲ,କାହ୍ନୁ ସାମଲ,ୱାର୍ଡ଼ ସଭ୍ୟ ବୁକା ସାମଲ,କୈଳାସ ବେହେରା, ସୁନାକର ବେହେରା,କାଳିନ୍ଦୀ ବେହେରା,ମହେନ୍ଦ୍ର ସେଠୀ,ରାଜକିଶୋର ବେହେରା, ଅର୍ପଣ ଦାସ,ତ୍ରିଲୋଚନ ଦାସ,ମାନିନୀ ଦାସ,ଶକୁନ୍ତଳା ଦାସ,ଲକ୍ଷ୍ମୀପ୍ରିୟା ଦାସ,କବିତା ବେହେରା,କଲ୍ୟାଣୀ ସେଠୀ,ଡ଼ଲି ବେହେରା,ସୁମୋନିଲ ବେହେରା,ରେଣୁକା ବେହେରା,ମୀନାକ୍ଷୀ ବେହେରା, ମାମାଲି ମଲିକ,ସେକ୍ ଅବଦୁଲ ରସିଦ୍ ଙ୍କ ସମେତ ବହୁ ବିଜେପି ଓ କଂଗ୍ରେସ କର୍ମୀ ଦଳ ପରିତ୍ୟାଗ କରି ବିଜେଡ଼ିରେ ସାମିଲ ହୋଇଛନ୍ତି । ବିଧାୟକ ପ୍ରତାପ ଜେନା ସମସ୍ତ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଅଧିକରୁ ଅଧିକ ବିକାଶମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ପଡ଼ିବ ଯାହାପାଇଁ ସମସ୍ତ କର୍ମୀମାନେ ଡ଼ବଲ ଶଙ୍ଖରେ ବିପୁଳ ସଂଖ୍ୟାରେ ମୋହର ମାରି ଜୟଯୁକ୍ତ କରିବା ପାଇଁ ସହଯୋଗର ହାତ ବଢାଇବାକୁ ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା, ବ୍ଲକ ଅଧକ୍ଷା ରୋଜି ସେଠୀ, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ଅଧକ୍ଷ ଗିରିଶରଂଜନ ମହାପାତ୍ର ଙ୍କ ସମେତ ପଞ୍ଚାୟତର ବିଜେଡ଼ି ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ନାୟକଙ୍କ ନାମାଙ୍କନ ପତ୍ର ଦାଖଲ

ଛତ୍ରପୁର,(ସବ୍ୟୁ): ଛତ୍ରପୁର ବିଧାନସଭା ପାଇଁ ବିଜେପି ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀଭାବେ କୃଷ୍ଣ ଚନ୍ଦ୍ର ନାୟକ ଶନିବାର ଦିନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଛତ୍ରପୁର ସ୍ଥିତ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ଣ୍ଣି ଅଫିସର ତଥା ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ ଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେ ସ୍ଥାନୀୟ ବିଜେପି କାର୍ଯ୍ୟାଳୟରୁ ନିଜ ସମର୍ଥକ ମାନଙ୍କ ଗହଣ ରେ ଆସି ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଗତ ୨୦୧୪ନିର୍ବାଚନରେ ସେ ସିପିଆଇ ଦଳ ପକ୍ଷରୁ ପ୍ରାର୍ଥୀ ହୋଇ ନିର୍ବାଚନ




ଲଢ଼ି ପରାସ୍ତ ହୋଇଥିବା ବେଳେ ଚଳିତ ନିର୍ବାଚନ ରେ ବିଜେପି ଦଳର ପ୍ରାର୍ଥୀ ଭାବେ ସେ ନିର୍ବାଚନୀ ମୈଦାନ କୁ ଓହ୍ଲାଇଛନ୍ତି ।

# ବେଗୁନିଆରେ କଂଗ୍ରେସର ବିଶାଳ ଶୋଭାଯାତ୍ରା

ବୋଲଗଡ଼, ( ସ. ବ୍ୟୁ ) ରବିବାର ଦିନ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନକରି ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୧୧୬ ବେଗୁନିଆ ବିଧାନସଭା ଆସନ ରେ କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ କରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ, କଂଗ୍ରେସ ଦଳ ର ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଏବଂ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ର ସାଂସଦ ପ୍ରାର୍ଥୀ ଶ୍ରୀ ୟାସିର ନୱାଜ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ରେ ନିଜର ଶକ୍ତି ଏବଂ ପ୍ରଚାର ଆରମ୍ଭ କରିଥିଲେ । ବେଗୁନିଆ ବ୍ଲକ ର ସରୁଅ ଠାରୁ ୧୫୦୦ ରୁ ଉର୍ଦ୍ଧ ମୋଟରସାଇକେଲ ଶୋଭାଯାତ୍ରା ରେ ବାହାରି ୫୭ ନମ୍ବର ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଉପରେ ବୋଲଗଡ଼ ବ୍ଲକ ର ଶେଷ ସୀମା ୪୦ କି. ମି ଦୂର ଦିଘିରୀ ଠାରେ ପହଞ୍ଚିଥିଲେ । ବାଟରେ ବାଘମାରି ବଜାର, ବେଗୁନିଆ ବଜାର, ଟୀକାତାଳ, ପିଚୁକୁଲି, ରାଜ ସୁନାଖଳା, କପଶିଆ, ଚୁଡ଼ା, ବୋଲଗଡ଼ ବଜାର ଏବଂ ଭୀମପଡ଼ା ଠାରେ ଉଭୟ ଏମ. ପି ଓ ଏମ. ଏଲ. ଏ ପ୍ରାର୍ଥୀ ଙ୍କୁ ବିପୁଳ ସ୍ୱାଗତ କରାଯାଇଥିଲା । ବିଶେଷ କରି ସମସ୍ତ ବଜାର ଏବଂ ପ୍ରମୁଖ ଛକ ମାନଙ୍କ ରେ ମହିଳା ମାନେ ଉଭୟ ପ୍ରାର୍ଥୀ ଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରୁଥିବାର ଦେଖାଯାଇଥିଲା । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ଦିଘିରି ଛକ ଠାରେ ଉଭୟ ପ୍ରାର୍ଥୀ କେନ୍ଦ୍ର ର ଭାଜପା ସରକାର ଏବଂ ରାଜ୍ୟ ର ବିଜେଡି ସରକାର ଙ୍କ ବିରୁଦ୍ଧ ରେ ତୀବ୍ର ସମାଲୋଚନା କରିଥିଲେ । ଚଳିତ ନିର୍ବାଚନ ରେ କଂଗ୍ରେସ ଦଳ ରାଜ୍ୟ ଓ କେନ୍ଦ୍ର ରେ କ୍ଷମତାସିନ ହେଲେ ଚାଷୀ ଙ୍କୁ ମାସିକ ୩୦୦୦ ଟଙ୍କା ଭତା, ବେକାର ଯୁବଯୁବତୀ ଙ୍କୁ କର୍ମନିଯୁକ୍ତି, ଚାଷୀ ଙ୍କର ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ଧାନ ର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୦୦୦ ଟଙ୍କା, ପ୍ରତି ଗ୍ୟାସ ସିଲିଣ୍ଡର୍ ପିଛା ୫୦୦ ଟଙ୍କା, ଘରୋଇ ବିଦ୍ୟୁ ଉପଭୋକ୍ତା ଙ୍କ ପାଇଁ ମାସିକ ୨୦୦ ୟୁନିଟ ବିଦ୍ୟୁ ଛାଡ଼ ପ୍ରଭୃତି ଅନେକ ଲୋକାଭିମୁଖୀ କାର୍ଯ୍ୟ ୧୦୦ ଦିନ ଭିତରେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ବିଶାଳ ଶୋଭାଯାତ୍ରା ରେ ଅନ୍ୟ ମାନଙ୍କ ମଧ୍ୟରେ ମିଡିଆ ସେଲ ସଂଯୋଜକ ସୁଶାନ୍ତ ମହାରଣା, ଜିଲ୍ଲା କଂଗ୍ରେସ ସଭାପତି ରସିକ ପଟ୍ଟନାୟକ, ବେଗୁନିଆ ବ୍ଲକ ସଭାପତି କଳାନ୍ଦୀ ମହାପାତ୍ର, ବୋଲଗଡ଼ ବ୍ଲକ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ଅନୁଷ୍ଠାନ ର ରାଜ୍ୟ ସଂଯୋଜକ ବିଜୟ କୁମାର ପ୍ରଧାନ, ଯୁବକଂଗ୍ରେସ ସଭାପତି ଗଣେଶ୍ୱର ମହାରଣା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# ବିଜେଡ଼ିର ମିଶ୍ରଣ ପର୍ବ

ବାରଙ୍ଗ(ସବ୍ୟୁ) ବାରଙ୍ଗ ମଧୁପୁର ଗ୍ରାମ ପଞ୍ଚାୟତ ଗ୍ରାମରେ ବିଜେଡି ର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ମଧୁପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛିଛ ପୂର୍ବତନ ସରପଞ୍ଚ ତଥା ବାରଙ୍ଗ ବ୍ଲକ ର ମିଶନ ଶକ୍ତି ଅଧକ୍ଷା ସୁମିନା ପ୍ରଧାନ ଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବିଜେପି ଓ କଂଗେସ ର ଛାମୁଆ କର୍ମୀ ବହୁ ସଂଖ୍ୟାରେ ଏହି ମିଶ୍ରଣ ପର୍ବରେ ଯୋଗଦାନ କରିଛନ୍ତି ଛ ମୁଖ୍ୟମନ୍ତ୍ରୀଙ୍କର ବିକାଶ ମୂଳକ ଯୋଜନା, ନିର୍ମଳ ଭାବମୂର୍ତ୍ତି ସହିତ ବେକାରୀ ଯୁବକ ଯୁବତୀ ମାନଙ୍କୁ ରୋଜଗାର, ସଡ଼କ , ମେଟ୍ରୋ ଟ୍ରେନ ବାରଙ୍ଗ ଅଞ୍ଚଳରେ ଚଳାଚଳ କରିବା ଭଳି ଯୋଜନା କରିଛନ୍ତି ଛ ଯାହାକୁ ନେଇ ଏହି ଅଞ୍ଚଳ ର ବିଜେପି ଓ କଂଗେସ ର କର୍ମୀମାନେ ଆକୃଷ୍ଟ ହୋଇ ମିଶ୍ରଣ ପର୍ବରେ ଯୋଗଦାନ କରିଛନ୍ତିଛ ଏହି କାର୍ଯ୍ୟକ୍ରମ ରେ ବାଙ୍କୀ ଅଞ୍ଚଳ ର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦାନ କରି କର୍ମୀ ମାନଙ୍କୁ ବିଧିବଧ ଭାବେ ବିଜେଡି ରେ ମିଶାଇଥିଲେ ଛ ଏହି ମିଶ୍ରଣ କାର୍ଯକ୍ରମ ରେ କଟକ ସାଂସଦ ପାର୍ଥୀ ଡ ସଂମ୍ପୃତ



ମିଶ୍ର ଯୋଗଦାନ କରି ନବୀନ ପଟ୍ଟନାୟକ ଙ୍କ ବିକାଶ ମୂଳକ ବାର୍ତ୍ତା ଦେବା ସହିତ ଡବଲ ଶଙ୍ଖ ରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ ଛ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ,ସରପଞ୍ଚ ,ସମିତି ସଭ୍ୟ ସମେତ ବିଜୁ ଜନତା ଦଳର କର୍ମୀ ମାନେ ଯୋଗଦେଇଥିଲେ ।

# ସିପିଏମ ପକ୍ଷରୁ କର୍ମୀ ସମ୍ମିଳନୀ

ସାଲେପୁର, (ସବ୍ୟୁ): ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସି ପି ଆଇ ଏମ୍ ର ପ୍ରାର୍ଥୀ ବଦ୍ରି ନାରାୟଣ ଦାଶଙ୍କ ପାଇଁ ଏକ କର୍ମି ସମ୍ମିଳନୀ ଶିଶୁଆ ପଞ୍ଚାୟତର ସପନ ପୁର ଠାରେ ଅନୁଷ୍ଠିତ ହୋଇଯାଇଛିଛ ନିର୍ମାଣ ଶ୍ରମିକ ମାନଙ୍କର ସାଲେପୁର ବ୍ଲକ ସଭାପତି ସୁରେନ୍ଦ୍ର ବେହେରାଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସି, ପି, ଆଇ (ଏମ) ନେତା ରବିନାରାୟଣ ମଲ୍ଲିକ, ନାରୀନେତ୍ରୀ ପୁଷ୍ପା ଦାଶ, ଶ୍ରମିକ ନେତା ପିତାମ୍ବର ଲେଙ୍କା, କୃଷକ ନେତା ଡମ୍ବରୁଧର ସାହୁ ନିଜ ନିଜର ବ୍ୟକ୍ତ୍ୟ ରଖି ସମ୍ବିଧାନ, ଗଣତନ୍ତ୍ର , ଧର୍ମନିରପେକ୍ଷଙ୍କର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେଛ ତ୍ ସହିତ ୧୮ରୁ ୪୦ବର୍ଷ ମଧ୍ୟରେ ଯୁବଶକ୍ତି ମାନଙ୍କ ମଧ୍ୟରୁ ୮୪ଭାଗ




ବେକାର ରହିବା, ଦେଶର ଋଣ ଭାର ୪୦ଲକ୍ଷ କୋଟିରୁ ୨୫୦ କୋଟିରେ ପହଞ୍ଚଇବା, କୃଷକ ହାତରୁ ଜମି ଛଡ଼ାଇ କର୍ପୋରେଟର ହାତକୁ ଟେକିଦେବା ଓ ବିଜେଡି, ବିଜେପି ଦଳକୁ ପରାସ୍ତ କରିବା ରାଜ୍ୟବାସୀଙ୍କ ପ୍ରାଥମିକ କର୍ତ୍ତବ୍ୟ ବୋଲି ବକ୍ତା ମାନେ ମତ ରଖିଥିଲେଛ ବିଭିନ୍ନ ସମସ୍ୟାର ସମାଧାନ ବ୍ଲକ, ତହସିଲରେ ଅଟକି ରହିଥିବା କାର୍ଯ୍ୟ , କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ ଓ ଲୋକମାନଙ୍କ ସୁରକ୍ଷା ପାଇଁ ପ୍ରାର୍ଥୀ ବଦ୍ରି ନାରାୟଣ ଦାଶ ସାଲେପୁର ଭୋଟର ମାନଙ୍କୁ ନିବେଦନ କରିବା ସହ ଆଶୀର୍ବାଦ କାମନା କରିଥଲେଛ ଅନ୍ୟ ମାନଙ୍କ ମଧ୍ୟରେ ରଶ୍ମି ରଞ୍ଜନ ତ୍ରିପାଠୀ, ବାସୁଦେବ ଓଝା, କ୍ଷୀରୋଦ ମଲ୍ଲିକ, ଜୟନ୍ତ ମହାପାତ୍ର, ଉମେଶ ମହାପାତ୍ର, କିଶୋର ବେହେରା , ମଞ୍ଜୁଲତା ସାହୁ, ରଜନୀ ପଣ୍ଡା, ଲକ୍ଷ୍ମୀପ୍ରୟା ସିଂ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବଦ୍ରି ନାରାୟନ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଲିଜ୍ ନଥାଇ ଚାଲିଛି ବେଆଇନ ବ୍ଲାଷ୍ଟିଂ, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): କୌଣସି ଲିଜ୍ ନଥାଇ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ ଚାଲୁଛି ଏବଂ ପ୍ରତିଦିନ ଟ୍ରିପ ଟ୍ରିପ ପଥର ବୁହା ହେଉଛି । ବେଆଇନ ଭାବେ ଏମିତି କାମ ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମ ନିକଟରେ ଥିବା ଭାଲୁ ପାହାଡ଼ରେ ଚାଲିଛି। ଏହି ପାହାଡ଼ କାହାକୁ ଲିଜ ଦିଆ ଯାଇନଥିଲେ ମଧ୍ୟ ମାଫିଆ ଗୋଷ୍ଠୀ ଏଠାରେ ବେଆଇନ ବ୍ଲାଷ୍ଟିଂ କରି ଟ୍ରାକ୍ଟରରେ ପଥର ତାଡ଼ି ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଉକ୍ତ ପାହାଡ଼ରେ ବହୁ ସଂଖ୍ୟକ ମୟୂର ରହୁଥିବାରୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପାହାଡ଼ ଲିଜ ଦିଆଯାଉନଥିବା ବେଳେ ଏହାର ସୁଯୋଗ ନେଇ ମାଫିଆମାନେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି।



ବାରମ୍ବାର ଅଭିଯୋଗ କଲେ ମଧ୍ୟ ଠିକ୍ ସମୟରେ ପୋଲିସ କିମ୍ବା ପ୍ରଶାସନ ପହଞ୍ଚୁ ନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଇ କିଛି ଦିନ ତଳେ ଏହି ପାହାଡ଼ରୁ ପଥର ଚୋରା ଚାଲାଣ ବେଳେ ବୁଗୁଡ଼ା ପୋଲିସ ଗୋଟିଏ ଟ୍ରାକ୍ଟରକୁ ଜବତ କରିଥିଲା । ତେବେ ପରବର୍ତ୍ତୀ ସମୟରେ ଫାଇନ ଆଦାୟ କରି ଉକ୍ତ ଟ୍ରାକ୍ଟରଟିକୁ ଛାଡି ଦିଆଯାଇଥିଲା । ପୂର୍ବରୁ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳକୁ ଯାଇ କଡ଼େଇ ଆଦି ଜବତ କରିଥିବା ବେଳେ ଆଜି ସକାଳେ ବନ ବିଭାଗ ଓ ତହସିଲ କର୍ମଚାରୀ ମିଳିତ ଭାବେ ଯାଇ ତଦାରଖ କରିଥିଲେ ହେଁ ପୂର୍ବ ସୂଚନା ପାଇ ମାଫିଆମାନେ ଚମ୍ପଟ ମାରିଥିଲେ। ମାଇନିଙ୍ଗ ବିଭାଗ ଅଧୀନରେ ଆସୁଥିବା ଉକ୍ତ ପାହାଡ଼ର ସୁରକ୍ଷା ପାଇଁ ମାଇନିଙ୍ଗ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ବୁଗୁଡ଼ାରେ ରହୁ ନଥିବାରୁ ମାଫିଆମାନେ ସକ୍ରିୟ ହୋଇ ଉଠୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜଳୁଛି ଶିମିଳିପାଳ : ରବିବାର ୪୫ ଫାୟାର ପଏଣ୍ଟ ଚିହ୍ନଟ, ନିୟନ୍ତ୍ରଣ ପାଇଁ ଓଡ୍ରାଫ ଟିମ୍

ବାରିପଦା, (ସବ୍ୟୁ) : ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ଲାଗିଛି ନିଆଁ। ଅହେତୁ ଗ୍ରୀଷ୍ମ ପ୍ରବାହ ସହ ତାପମାତ୍ରାର ପାରଦ ୪୫ଡିଗ୍ରୀ ପାର ହେବା ସହ ହୁହୁ ହୁହୁ ହୋଇ ଶିମିଳିପାଳ ଅଭୟାରଣ୍ୟ ଜଳିବାରେ ଲାଗିଛି। ଯାହା ଫଳରେ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ମାନେ ଗରମ ତାତିରେ ଆଉଟ ପାଉଟ ହେଉଛନ୍ତି। ଶିମିଳିପାଳ ଭଳି ଘଞ୍ଚ ଓ ବିସ୍ତୀର୍ଣ୍ଣ ଜଙ୍ଗଲ ମୟୂରଭଞ୍ଜ ଜିଲ୍ଲାକୁ ଚାରିପଟୁ ଘେରି ରଖିଥିଲେ ମଧ୍ୟ ଏହାର କିଛି ପ୍ରଭାବ ପଡୁନାହିଁ। ପ୍ରତିଦିନ କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବା ସହ ବନାଗ୍ନି ସ୍ଥିତି ମଧ୍ୟ ବଢ଼ିବାରେ ଲାଗିଛି। ଶନିବାର ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ୧୪ଗୋଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ପରେ ଆୟତ୍ତ ହୋଇଥିବା ବେଳେ ରବିବାର ତାହା ବୃଦ୍ଧି ପାଇ ୪୫କୁ ଛୁଇଁଛି। ଯାହାଫଳରେ



ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ପରିସ୍ଥିତିକୁ ଅଣାୟତ୍ତ କରିଛି। ଯାହାକି ଚଳିତ ବର୍ଷ ଗୋଟିଏ ଦିନରେ ଏହା ସର୍ବାଧିକ ଫାୟାର ପଏଣ୍ଟ ହୋଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ପ୍ରଦାନ ତଥ୍ୟ ଅନୁଯାୟୀ, ୪୫ଗୋଟି ଫାୟାର ପଏଣ୍ଟ ମଧ୍ୟରୁ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡରେ ସର୍ବାଧିକ ୨୫ଗୋଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ସେହିପରି ଦକ୍ଷିଣ ବନଖଣ୍ଡରେ ୧୮ଗୋଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ଏଥିସହିତ କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡରେ ଗୋଟିଏ ଲେଖାଏ ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ଶିମିଳିପାଳରେ ବନାଗ୍ନି ସ୍ଥିତି ନିୟନ୍ତ୍ରଣ ନିୟୋଜିତ ବନ କର୍ମଚାରୀ ସମେତ ୨୬ଜଣିଆ ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ମାନେ ଉକ୍ତ ଫାୟାର ପଏଣ୍ଟ ମାନଙ୍କରେ ପହଞ୍ଚି ବନାଗ୍ନି ସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଫାୟାର ଲାଇନ ସୃଷ୍ଟି କରିବା ସହ ବନାଗ୍ନିକୁ ରୋକିବାରେ କାର୍ଯ୍ୟ ଜାରି ରଖିଛନ୍ତି।

# ସୋହନ୍‌ଙ୍କ ସ୍ମୃତିରେ ରକ୍ତଦାନ ଶିବିର, ୬୬୩ ୟୁନିଟ୍ ସଂଗ୍ରହ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଅଶୋକ ନଗର ଷଷ୍ଠ ଲାଇନ ନିବାସୀ ଶିବରାମ ପାତ୍ରଙ୍କ କନିଷ୍ଠପୁତ୍ର ଏ.ସୋହନ ପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୬୬୩ଟି ରକ୍ତ ୟୁନିଟ ସଂଗ୍ରହ ହୋଇଛି । ଏହି ଶିବିରରେ ଜିଲ୍ଲା ବିଜେଡ଼ି ସଭାପତି ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳାଇ, ସୁବାସ ମହାରଣା, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ ମୋହନ, ମୁକୁନ୍ଦ ଗୌଡ଼ କର୍ପୋରେଟର ତିରୁପତି ପାତ୍ର, ସୁରେନ୍ଦ୍ର ମହାରଣା, ପ୍ରମୋଦ ମହାପାତ୍ର, ଡ଼େପୁଟି ମେୟର ଇ ବିବେକ ରେଡ଼ି, ଗୋପାଳପୁର ଏନଏସି ଅଧକ୍ଷ ଏ ଜାନକୀ ରାମ, ସରପଞ୍ଚ ଅଜିତ ରାଉଳ, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି, ଅଧକ୍ଷା ବହୁ ସରପଞ୍ଚ ଓ ସମିତିସଭ୍ୟ ସମେତ ବହୁମାନ୍ୟଗଣ ବ୍ୟକ୍ତି ସାମିଲ ହୋଇ ସୋହନଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ସୋହନଙ୍କ ଆଜି ୧୨ତମ ଦିନ। ଏହାକୁ ସ୍ମରଣ କରିବା ଏବଂ ସୋହନଙ୍କ ସ୍ମୃତିକୁ ସମ୍ମାନ ଦେବସହ ରକ୍ତ ଆବଶ୍ୟକ କରୁଥିବା ଲୋକଙ୍କୁ ରକ୍ତଦାନ କରି ଜୀବନ ବଞ୍ଚେଇବା ଏହି ଶିବିର ଲକ୍ଷ୍ୟ ବୋଲି ସ୍ୱର୍ଗତ ସୋହନଙ୍କ ପରିବାର ଲୋକେ କହିଛନ୍ତି। ସ୍ୱର୍ଗତ ସୋହନଙ୍କ ପିତା ଏ.ଶିବରାମ ପାତ୍ର, ବଡ଼ ବାପା ଏଜୟରାମ ପାତ୍ର, ଦାଦା ଏ.ସନ୍ତୋଷ, ଜେଜେବାପା ଜେଜେମା, ଖୁଡ଼ିଙ୍କ ସମେତ ପରିବାର ବର୍ଗସାମିଲ ଥିଲେ ।

# କନିସି ଅଞ୍ଚଳରେ ବେଆଇନ ପ୍ଲଟିଙ୍ଗ
## ଜିଲ୍ଲାପାଳଙ୍କୁ ଫେରାଦ ହେବାକୁ ମେଳି

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋଲନ୍ଥରା ଥାନା ଅନ୍ତର୍ଗତ କନିସି ନିକଟରେ ବେଆଇନ ପ୍ଲଟିଙ୍ଗକୁ ନେଇ ଅଞ୍ଚଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି, ଫଳରେ ସହ ସହ ଚାଷୀ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଜଣାପଡିଛି। କନିସି ନିକଟସ୍ଥ ହିଞ୍ଜଲାପଲ୍ଲୀ ମୌଜାର ଖାତା ନମ୍ବର ୪୮୫/୨୧୯,ପ୍ଲଟ ନମ୍ବର ୧୮୯, ଖାତା ନମ୍ବର ୪୮୫/୪୩୬, ପ୍ଲଟ ନମ୍ବର ୪୮୫/୪୦୬, ପ୍ଲଟ ନମ୍ବର ୨୬୭, ଖାତା ନମ୍ବର ୪୮୫/୪୫୧, ପ୍ଲଟ ନମ୍ବର ୧୭୧, ଏମିତି ପ୍ରାୟ କୋଡିଏ ଏକର ଜମି କୁ ଘର ବାରି କିସମ ପରିବର୍ତ୍ତନ ନ କରି ପ୍ଲଟ କରି ବିକ୍ରି କରିବାର ସାଙ୍ଘାତିକ ଅଭିଯୋଗ ହେଉଛି । ଯାହାକି ସମ୍ପୂର୍ଣ୍ଣ ବେଆଇନ ଅଟେ। ମୁଖ୍ୟ ସମସ୍ୟାଟି ହେଲା ଉପର ମୁଣ୍ଡରେ ବେଆଇନ ପ୍ଲଟିଙ୍ଗ ହୋଇ ଯିବାରୁ ତଳ ମୁଣ୍ଡ ଜମି ଗୁଡାକୁ ପାଣିର ଘୋର ଅଭାବ ଦେଖା ଯାଇଛି। ଫଳରେ ସହ ସହ ଚାଷୀ ନିଜର ଜୀବନ ଜୀବିକା ହରାଇଲେଣି। କିଛି ଜମି ମାଫିଆ ଗରିବ ଗୁରୁବା ଚାଷୀ ମାନଙ୍କୁ ବିଭିନ୍ନ ପ୍ରକାର ର ଧମକ, ଚମକ ଦେଇ ଚାଷ ଜମି ଗୁଡିକୁ ଶାଗ, ମାଛ ଦରରେ କ୍ରୟ କରି କୋଟି କୋଟି ଟଙ୍କାର ମୁନଫା ପାଉଛନ୍ତି। ତେଣୁ ଅଞ୍ଚଳର ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ।

# ନାଲମ ସବ ପୋଷ୍ଟମାଷ୍ଟର ଫେରାର ଘଟଣାରେ ମାମଲା ରୁଜୁ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଠାରେ ଥିବା ପୋଷ୍ଟ ଅଫିସର ସବ ପୋଷ୍ଟମାଷ୍ଟର ବିନା ସୂଚନାରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା ଓ ପୋଷ୍ଟ ଅଫିସ ତାଲା ପକାଇ ଫେରାର ହେବା ଅଭିଯୋଗରେ ପୁଲିସ ସଂପୃକ୍ତ ପୋଷ୍ଟ ମାଷ୍ଟର ଅଭିମନ୍ୟୁ ଗାଇପାଇ ନାମରେ ଶନିବାର ଏକ ମାମଲା ରୁଜୁ କରିଛି। ତାଳଚେର ପୋଷ୍ଟ ଅଫିସ ଓ ଇନ୍ସପେକ୍ଟରଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ଏକ ମୋକଦମା ୧୫୭/୨୪ ରୁଜୁ କରି ତଦନ୍ତ ଚଳାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, କଣିହାଁ ବ୍ଲକ ଦଲକ ପଞ୍ଚାୟତର ନାଲମ ପୋଷ୍ଟ ଅଫିସର ଦାୟିତ୍ୱରେ ଥିବା ସବ ପୋଷ୍ଟମାଷ୍ଟର ଯାଜପୁର ଅଞ୍ଚଳର ଅଭିମନ୍ୟୁ ଗାଇପାଇ କାହାକୁ ନଜଣାଇ ଗତ ୧/୪/୨୦୨୪ ରିଖ ଠାରୁ ଅଫିସ ତାଲା ପକାଇ ପଳାଇଥିଲେ । ଦିନ ଦିନ ବିତି ଯାଇଥିଲା ପରେ ମଧ୍ୟ ଅଫିସ ନଖୋଲିବାରୁ ଗ୍ରାହକ ତଥା ଜନସାଧାରଣଙ୍କ ଠାରୁ ଅଭିଯୋଗ ପାଇବା ପରେ ଗତ ୧୮/୪/୨୦୨୪ ରିଖ ଦିନ ବିଭାଗୀୟ ଅଧିକାରୀ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ପୋଷ୍ଟ ଅଫିସର ତାଲା ଭାଙ୍ଗି ତଦନ୍ତ ଚଳାଇଥିଲେ।

# ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘ ପକ୍ଷରୁ ଜେନେରେଟର, ଅର୍ଥଦାନ



ସାଉଥବଲଣ୍ଡା, (ସବ୍ୟୁ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ଯାତ୍ରାର ଅବ୍ୟାହତି ପୂର୍ବରୁ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘ ପକ୍ଷରୁ ମନ୍ଦିର ପରିସରରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ଏକ ନୂତନ ଜେନେରେଟର ପ୍ରଦାନ କରାଯାଇଛି । ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ରହି ମନ୍ଦିର ପରିସରରେ ଲାଗିଥିବା ନୂତନ ୮୩ କେଭିଏ ଜେନେରେଟରକୁ ଲୋକାର୍ପଣ କରିଥିଲେ । ଏହି ଅବସରରେ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘ ପକ୍ଷରୁ ଏକୋଇଶି ଲକ୍ଷ ଚାଳିଶ ହଜାର ନଅଶହ ଟଙ୍କାର ଏକ ଚେକ୍ ମନ୍ଦିର ନିର୍ମାଣାର୍ଥେ ଉପଜିଲ୍ଲାପାଳ ଶ୍ରୀ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା । ତାହାସହିତ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଏକ ମିକ୍ସର ମେସିନ ଓ ଜେନେରେଟର ସେଡ୍ ମଧ୍ୟ ଟ୍ରକ ମାଲିକ ସଂଘ ପକ୍ଷରୁ ଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘର ସଭାପତି ଜନାର୍ଦ୍ଦନ ମହାନ୍ତି ,ସଂପାଦକ ଉଗ୍ରସେନ ପ୍ରଧାନଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡନାୟକ,ମୂରଲୀଧର ସାହ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ବଦାନ୍ୟତା ପାଇଁ ଉପଜିଲ୍ଲାପାଳ ଶ୍ରୀ ତ୍ରିପାଠୀ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘର ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ମଦ ଜବତ, ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ): ହଣ୍ଡପା ପୋଲିସ ଶନିବାର ଦିନ ଧଉରାଗୋଠ ଗ୍ରାମରେ ଚଢଉ କରି ରେବତୀ ପ୍ରଧାନଙ୍କ ଘରୁ ୧୧ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ବେଆଇନ ଭାବରେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇଁ ହଣ୍ଡପା ପୋଲିସ ଚଢଉ କରିଥିଲା । ଏ ନେଇ ନମ୍ବର ୧୬୩/୨୪ରେ ଏକ ମାମଲା ରୁଜୁ କରାଯାଇଛି ।

## କଂସମୁଣ୍ଡା, ବଡଗୁଣ୍ଡୁରିରେ ପୋଲିସ ଚଢାଉ

# ୨ ଫ୍ରିଜ, ମଦ ଓ ଟଙ୍କା ଜବତ : ୩ ଗିରଫ

କଣିହାଁ, (ସବ୍ୟୁ): କଣିହାଁ ପୁଲିସ କଂସମୁଣ୍ଡା ଓ ବଡଗୁଣ୍ଡୁରି ଗ୍ରାମରେ ଚଢାଉ କରି ବହୁ ବିଦେଶୀ ମଦ ସହ ଗୋଟିଏ ଫ୍ରିଜ, ଗୋଟିଏ ଡି ଫ୍ରିଜ ଟଙ୍କା ଜବତ କରିଥିବା ବେଳେ ଏଥିରେ ସଂପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥିନେଇ ଥାନାରେ ୩ଟି ମୋକଦମା ରୁଜୁ ହୋଇଛି। ପୁଲିସ କଂସମୁଣ୍ଡା ଗ୍ରାମର ଗଣେଶ୍ୱର ବେହେରା ଘରେ ଚଢାଉ କରି ତାଘରୁ ୧୦୦ଲିଟର ବିଅର ଓ ଗୋଟିଏ ଫ୍ରୀଜ ଜବତ କରିବାସହ ଗଣେଶ୍ୱରକୁ ଗିରଫ କରିଥିଲେ। ସେହିପରି ବଡଗୁଣ୍ଡୁରି ଗ୍ରାମର ସିଲୁ ସେଠୀ ଘରେ ଚଢାଉ କରି ତା ଠାରୁ ୩୮ଲିଟର ବିଦେଶୀ ମଦ ଜବତ କରି ମିଲୁ ସେଠୀକୁ ଗିରଫ କରିଥିଲେ । ବଡ଼ଗୁଣ୍ଡୁରି ଗ୍ରାମର ନିର୍ମଳ ବେହେରା ଘରେ ଚଢାଉ କରି ତାଠାରୁ ୪୫ ଲିଟର ବିଦେଶୀ ମଦ, ଗୋଟିଏ ଡି ଫ୍ରିଜ ସହ ୧ଲକ୍ଷ ୧୩ହଜାର ୫ଶହ ଟଙ୍କା ଜବତ କରିବାସହ ନିର୍ମଳକୁ ଗିରଫ କରିଥିଲେ। ଅଭିଯୁକ୍ତ ୩ଜଣକୁ ଶନିବାର ଦିନ କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ ।

# ଟ୍ରାକ୍ଟର ଚକା ତଳେ ଚାପି ହୋଇ ଶ୍ରମିକ ଗୁରୁତର

ଠାକୁରଗଡ଼, (ସବ୍ୟୁ):କିଶୋରନଗର ବ୍ଲକ ହଣ୍ଡପା ଥାନା ସେରେଣ୍ଡା ଗ୍ରାମର ସୁମିତ୍ରା ବେହେରା ଟ୍ରାକ୍ଟର ଚକା ତଳେ ଚାପି ହୋଇ ଗୁରୁତର ଆହାତ ହୋଇଛନ୍ତି । ଶନିବାର ଦିନ ସେ ଟ୍ରାକ୍ଟର ନମ୍ବର (ଓଡି ୧୯ ଏଲ ୯୩୫ ) ଯୋଗେ ଶ୍ରମିକ ଭାବରେ କାମ କରିବା ପାଇଁ ଯାଇଥିଲେ। ସେଥିରୁ ପଡି ଯିବା ବେଳେ ଚକା ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥା ରେ ଉଦ୍ଧାର କରି ପରିବାର ଲୋକେ ଚିକିତ୍ସା ପାଇଁ ପ୍ରଥମେ ଅନୁଗୋଳ ପରେ ଭୁବନେଶ୍ୱର ଏକ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି। ଏନେଇ ପୋଲିସ ନମ୍ବର ୧୬୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଦୁଇ ଟ୍ରକ୍ ମୁହାଁମୁହିଁ : ବ୍ରାହ୍ମଣୀ ବ୍ରିଜ୍ ଉପରେ ଟ୍ରାଫିକ ଜାମ୍

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ବ୍ରାହ୍ମଣୀ ବ୍ରିଜ ଉପରେ ଦୁଇଟି ଟ୍ରକ ମୁହାଁମୁହିଁ ହେବାଫଳରେ ନାହିଁ ନଥିବା ଟ୍ରାଫିକ୍ ଜାମ ଲାଗି ରହିବା ଯୋଗୁଁ ଅନ୍ୟ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣଭାବେ ଠପ୍ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଏହି ଏକମାତ୍ର ବ୍ରିଜ୍ ଉପରେ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଯାନବାହାନ ଚଳାଚଳ କରିଥାନ୍ତି । ୧୪୯ ନମ୍ବର ଜାତୀୟ ରାଜପଥ ବହ୍ଲର ଠାରୁ ଙ୍କୋନାଳ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ଏକମାତ୍ର ବ୍ରିଜ୍ ଉପରେ ତାଳଚେର ଅଂଚଳରୁ ବହ୍ଲର, ସନ୍ଥପଡ଼ା ଦେଇ ପର୍ଜଙ୍ଗ, ପାଲଲହଡ଼ା, ଢ଼େଙ୍କାନାଳ, ଯାଜପୁର, ଭୂବନ, ପାଣିକୋଇଲି, ସୁକିନ୍ଦା ଆଦି ଅଂଚଳକୁ ଯାତାୟତ କରିବାକୁ ନିର୍ଭର କରିଥାନ୍ତି। ଏହି ବ୍ରିଜ୍ ପାର୍ଶ୍ୱରେ ଆଉ ଏକ ନୂତନବ୍ରିଜ୍ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇପାରୁ ନଥିବାରୁ ଏହି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି । ଆଜି ଏହି ଦୁର୍ଘଟଣା ଫଳରେ ବଡ଼ଗାଡ଼ି ଗୁଡ଼ିକ ପ୍ରାୟ ବହ୍ଲର ଛକ ଠାରୁ ଆରମ୍ଭ କରି ପିଟିରି ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟକ ଯାନବାହାନ ଅଟକି ରହିଛନ୍ତି । ତେଣୁ ତୁରନ୍ତ ନୂତନ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଏହାକୁ ଲୋକଙ୍କ ସେବାରେ ଲଗାଇବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଆମ୍ବତଇଲାରେ ଡାକ୍ତରୀ ଟିମ୍‌ର ସଚେତନତା

କାମାକ୍ଷାନଗର, (ସବ୍ୟୁ): କଙ୍କଡ଼ାହାଡ଼ ବ୍ଲକର ଉପାନ୍ତ ଡଙ୍ଗାପାଳର ଆମ୍ବତଇଲା ଗାଁରେ ପହଁଚିଲା ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆରବିଏସକେ ଟିମ୍ । ଗାଁରେ କୁକୁର କାମୁଡାକୁ ନେଇ ଖେଳିଥିବା କୋକୁଆ ଭୟକୁ ଦୂର କରିଛି ଆରବିଏସକେ ଟିମ୍। କୁକୁର କାମୁଡାର ଶିକାର ହୋଇଥିବା ବ୍ୟକ୍ତିର ସଂସ୍ପର୍ଶରେ ଆସିଲେ ଲୋକଙ୍କୁ ଏହି ରୋଗ ବ୍ୟାପିଥାଏ, ଏହା ଜୀବନ ବି ନେଇପାରେ। ଏମିତି ଏକ ଭ୍ରାନ୍ତ ଧାରଣା ଆଦିବାସୀ ବହୁଳ ଆମ୍ବତଇଲା ଗାଁରେ ଖେଳିବାରୁ ଲୋକେ ପୁରା ଭୟଭୀତ ହୋଇ ପଡିଥିଲେ। ଏପରିକି ସମସ୍ତେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆସି ଡାକ୍ତରଙ୍କୁ ଭେଟିବା ପରେ ବି ଆଦିବାସୀ ବହୁଳ ଗାଁର କିଛି ଲୋକଙ୍କ ଭିତରେ ଭ୍ରାନ୍ତ ଧାରଣା ଦୂର ହୋଇନଥିଲା। ଏ ସମ୍ପର୍କରେ କଙ୍କଡ଼ାହାଡ଼ ବିଡିଓ ଯଶୋବନ୍ତ ଦେହୁରୀଙ୍କ ନଜରକୁ ଖବର ଆସିବା ପରେ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରଦୀପ ଜେନାଙ୍କୁ ଏକ ଟିମ୍ ପଠାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଡାକ୍ତର ପ୍ରଦୀପ ଜେନାଙ୍କ ନିର୍ଦ୍ଦେଶରେ ଡାକ୍ତର ଅଜିତ କୁମାର ସାହୁ ଏବଂ ଡାକ୍ତର ବିଜୟା ଲକ୍ଷ୍ମୀ ସାହୁଙ୍କ ସହ ଆରବିଏସକେ ଟିମ୍, ରବିବାର ମଧ୍ୟାହ୍ନ ସମୟରେ



ଡଙ୍ଗାପାଳର ଆମ୍ବତଇଲା ଗାଁରେ ପହଁଚି ଲୋକଙ୍କୁ ଭେଟି ସଚେତନ କରିଛନ୍ତି । କୁକୁର କାମୁଡା କେବେ ଡିଆଁ ରୋଗ ନୁହେଁ । କାହା ସହିତ ମିଶିଲେ, ହାତ ମିଳାଇଲେ, ପାଖରେ ବସିଲେ କିମ୍ବା ସାଥୀ ହୋଇ ଏକାଠି ବସି ଖାଇଲେ ମଧ୍ୟ ଏହା ଅନ୍ୟକୁ ସଂକ୍ରମିତ ହୋଇନଥାଏ ଛ କଙ୍କଡ଼ାହାଡ଼ର ଉପାନ୍ତ ଆଦିବାସୀ ଗାଁ ଆମ୍ବତଇଲାରେ ୪୨ ଡିଗ୍ରୀ ତାପମାତ୍ରାକୁ ଖାତିର ନକରି ଆରବିଏସକେ ଟିମ୍ ପହଁଚି, ଅନେକ ଆଦିବାସୀ ଲୋକଙ୍କୁ ଘର ଘର ବୁଲି ଗାଁରେ ସଚେତନ କରିଥିଲେ। ଡାକ୍ତରଙ୍କ ଠାରୁ କୁକୁର କାମୁଡା ଜନିତ ରୋଗ ସମ୍ପର୍କରେ ଜାଣିବା ପରେ ଆଦିବାସୀ ଲୋକଙ୍କ ମନରୁ ଭୟ ଦୂର ହୋଇଛି । ସେମାନଙ୍କ ମୁହଁରେ ହସ ଦେଖିବାକୁ ମିଳିଥିଲା। ଆରବିଏସକେର ତିନି ଜଣିଆ ଟିମ୍ ଡାକ୍ତର ଅଜିତ କୁମାର ସାହୁ, ଡାକ୍ତର ବିଜୟା ଲକ୍ଷ୍ମୀ ସାହୁ ଏବଂ କଙ୍କଡାହାଡ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ମାନସ ସିଂ ଆମ୍ବତଇଲା ଗାଁରେ ଲୋକଙ୍କୁ ପରାମର୍ଶ ଦେଇ ଆସିଛନ୍ତି।

## ଆଲୁଅଝରଣରେ ସିରିଜ ଦୁର୍ଘଟଣା

# ଦୁଇ ଗାଡିକୁ ଧକ୍କା ଦେଇ ଓଲଟିଲା କାର

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର -ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତା ର ଆଲୁଅଝରଣ ନିକଟରେ ସିରିଜ ଦୁର୍ଘଟଣା । ପୋଲିସ ଗାଡି ସହ ଅନ୍ୟ ଦୁଇ ଗାଡି କୁ ଧକ୍କା ଦେଇ ଓଲଟିଲା କାର । ଅଳ୍ପକେ ବର୍ତ୍ତିଲେ ପୋଲିସ କର୍ମଚାରୀଙ୍କ ସମେତ ଅନ୍ୟ ଗାଡିରେ ଥିବା ଯାତ୍ରୀ। ସୂଚନା ଅନୁସାରେ ଆଜି ଦ୍ୱିପ୍ରହର ସମୟରେ ଆଲୁଅଝରଣ ନିକଟରେ ଥିବା ଏକ ଢ଼ାବାରେ ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଏକ ପୋଲିସ ଗାଡି ରାସ୍ତା କଡ଼ରେ ଛିଡା ହୋଇଥିବା ବେଳେ ଷ୍ଟାଫ ମାନେ ଢ଼ାବାକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ଢେଙ୍କାନାଳ ପଟୁ ଦ୍ରୁତଗତି ରେ ଏକ କାର ଆସି ପୋଲିସ ଗାଡି ସହ ଧକ୍କା ହେବା ସହ ରାସ୍ତାରେ ଯାଉଥିବା ଅନ୍ୟ ଦୁଇଟି ଗାଡିକୁ ମଧ୍ୟ ଧକ୍କା ଦେଇଥିଲା। ସିରିଜ ଦୁର୍ଘଟଣା କରିସାରିବା ପରେ ଧକ୍କା ଦେଇଥିବା କାରଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଥିଲା। ତେବେ ଏହି ସିରିଜ ଦୁର୍ଘଟଣା ରେ କାହାର କୌଣସି କ୍ଷୟକ୍ଷତି ହୋଇନଥିଲା ବେଳେ ପୋଲିସ ଗାଡି ସମେତ ଅନ୍ୟ ଦୁଇଟି ଗାଡି ଭାଙ୍ଗିରୁଜି ଯାଇଛି । ପୋଲିସ ଗାଡି ଟି ଭୁବନେଶ୍ୱର ରୁ କମ୍ପ୍ୟୁଟର, ଓ ଅନ୍ୟାନ୍ୟ ଅଫିସ କାଗଜପତ୍ର ନେଇ ରାଉରକେଲା ଯାଉଥିବା ଜଣା ପଡିଛି। ଦୁର୍ଘଟଣା ଖବର ପାଇ ସ୍ଥାନୀୟ ତୁମୁସିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତି ମାନଙ୍କୁ ଚିକିତ୍ସା ପାଇଁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡି ଓ ଦୁର୍ଘଟଣା ଘଟଇଥିବା ଗାଡି କୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି ।

# ମତ୍ସ୍ୟଜୀବୀ ନେତା ଗିରଫ
# ମହାସଂଘ ପକ୍ଷରୁ ତୀବ୍ର ନିନ୍ଦା

ରମ୍ଭା, (ସବ୍ୟୁ): ଚିଲିକା ମତ୍ସ୍ୟଜୀବି ମହାସଂଘର ପୂର୍ବତନ ବରିଷ୍ଟ ତଥା ସଭାପତି ଅନାଦି ବେହେରାଙ୍କୁ ଗିରଫ କରାଯାଇଥିବାରୁ ମହାସଂଘ ପକ୍ଷରୁ ତୀବ୍ର ନିନ୍ଦଛ କରାଯାଇଥିବା ଖବର ମିଳିଛି। ଏଥି ସହିତ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । କେବେ ବରଖାସ୍ତ କରାଯିବ ନାହିଁ। ୧୯୯୯ ମସିହା ସୋରଣ ଗୁଳିକାଣ୍ଡରେ ୬ ଜଣ ମତ୍ସ୍ୟଜୀବି ଶହିଦ ସହିତ ଅମାନୁଷିକ ଭାବେ ପ୍ରଶାସନ କାର୍ଯ୍ୟ କରିଥିଲେ ଯାହାକୁ ସଂଘ ପକ୍ଷରୁ ଦୃଢ଼ ନିନ୍ଦା ପ୍ରସ୍ତାବ ଆଗତ ହୋଇଥିଲା। ତାହର ଜବାବ ଚଳିତ ନିର୍ବାଚନରେ ଜବାବ ଦିଆଯିବ। ସେଥିପାଇଁ ୧୪୭ ଗ୍ରାମର ୪ଲକ୍ଷ ମତ୍ସ୍ୟଜୀବି(ପୁରୀ ୨ ଲକ୍ଷ, ଖୋର୍ଦ୍ଧା ଓ ଗଞ୍ଜାମ ୨ଲକ୍ଷ) ପ୍ରତ୍ୟେକ ସ୍ଥାନରେ ସଭା ଅନୁଷ୍ଠିତ କରାଯାଉଛି। ମତ୍ସ୍ୟଜୀବି ମହସଂଘ ନେତା ଭୀମସେନ ବେହେରା ପ୍ରତ୍ୟେକ ସ୍ଥାନରେ ସଭା ଆୟୋଜନ ପ୍ରକ୍ରିୟା ଜାରି ରଖିଛନ୍ତି । ଚିଲିକା ନିର୍ବାଚନ ମଣ୍ଡଳୀ ନୈରି, ଜରିପଡ୍, ସୋରାଣ ଆଦି ଅନେକ ଓ ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ସଭା ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟଜୀବି ନେତା ଭଞ୍ଜକିଶୋରେ ବେହେରା, ସୀତାରାମ ବେହେରା, ଖାଲି ବେହେରା, ଯୋଗୀ ବାଲା, ଦୁଃଖିଶ୍ୟମ ଯାଲି, ପ୍ରକାଶ ବେହେରା , ସେନାପତି ବେହେରା, ଦେବକୀ ବେହେରା, ତପନ ବେହେରା, ପଙ୍କଜ ବେହେରା, ସୁକାନ୍ତ ଜୟସିଂହ, ବଳରାମ ଦାସ, ମାନସ ବେହେରା,କୁଞ୍ଜ ବେହେରା, ଗୋବିନ୍ଦ ବେହେରା, ୧୪ ଦେଶ ତଥା ଛପନ ତାଲୁକାସଭାପତି ବ୍ରଜବନ୍ଧୁ ବେହେରାଙ୍କ ସମେତ ଅନ୍ୟାନୀ ନେତୃମଣ୍ଡଳୀ ପ୍ରମୁଖ ସହଯୋଗ ସମର୍ଥନ ଜଣାଇଛନ୍ତି। ଆଗାମୀ ଦିନରେ ମତ୍ସ୍ୟଜୀବିଙ୍କ ସମସ୍ୟା ସମ୍ପର୍କରେ ଓ ଅନ୍ୟାୟ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବା ସମାଜସେବୀ ଅଭିଷେକ ମିଶ୍ର ପ୍ରକାଶ କରୁଛନ୍ତି ।

# ବିଦ୍ୟାଳୟ ଶିକ୍ଷାରେ ନବୀନତା ନିମନ୍ତେ ଜାତୀୟସ୍ତରୀୟ ଆଲୋଚନାଚକ୍ର

ବାରିପଦା, (ସବ୍ୟୁ) : ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ପରିସରରେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ସରକାରୀ ପ୍ରାରମ୍ଭିକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ଶିକ୍ଷାରେ ନବୀନତା ନିମନ୍ତେ ଶିକ୍ଷକ ସଶକ୍ତିକରଣ ଶୀର୍ଷକ ଉପରେ ଦୁଇଦିନିଆ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ପ୍ରତିଷ୍ଠାନର ଅଧକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ ଓ ସରକାରୀ ବି.ଇଡି. କଲେଜର ଅଧକ୍ଷ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରାରମ୍ଭିକ ଶିକ୍ଷାକୁ ଶିଶୁ କୈନ୍ଦ୍ରିକ ଓ ଅନ୍ତର୍ନିବେଶୀ ଶ୍ରେଣୀ ଉପଯୋଗୀ କରିବା ଉପରେ ଅନୁଭୂତି ଓ ଉଦାହରଣ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟାକୁ ସୁଦୃଢ କରିବା ଉପରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଶିକ୍ଷକ ଡଃ ପ୍ରିୟରଞ୍ଜନ ଦାସ, ସାଗର କୁମାର ଦଳନାଏକ, ଆଶିଷ କୁମାର ଦାସ ମହାପାତ୍ର ପ୍ରମୁଖଙ୍କ ସହ ନିର୍ଦ୍ଦେଶକ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଅଭିନବ ବ୍ୟବହାର ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଦ୍ୱିତୀୟ ଦିନରେ ପ୍ରଫେସର ଅମରେନ୍ଦ୍ର ବେହେରା, ଅମୁଲ୍ୟ କୁମାର ଆଚାର୍ଯ୍ୟ, ଅନିରୁଦ୍ଧ ରାଉତ, ଡଃ ଚକ୍ରଧର ନାଏକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ନିଜ ନିଜର ଅଭିଜ୍ଞତା ଓ ମତାମତ ପ୍ରଦାନ କରିଥିଲେ । ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡ଼ି କାର୍ଯ୍ୟାଳୟ ଉଦ୍‌ଘାଟିତ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ଠାରେ ରବିବାର ଦିନ ବିଜେଡ଼ି କାର୍ଯାଳୟ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଜେଡ଼ି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇ ଫିତା କାଟି ଉଦଘାଟନ କରିବା ସହ ଦଳ ପାଇଁ ସମସ୍ତେ ଏକ ଜୁଟ ହୋଇ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବିଜେଡ଼ି ନେତ୍ରୀ ରଂଜିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ, ସରପଞ୍ଚ ମନୋଜ ବାଘଙ୍କ ସମେତ ବହୁ ବିଜେଡ଼ି ନେତା ଯୋଗ ଦେଇଥିଲେ।

# ବିଜେଡ଼ିର ମିଶ୍ରଣ ପର୍ବ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ତୁରୁଡା ଗ୍ରାମରେ ରବିବାର ଦିନ ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇଥିଲେ । ନବୀନ ପଟ୍ଟନାୟକ ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କିଶୋରନଗର ଅଞ୍ଚଳର ମୋହନ ସାହୁ, ଲିଙ୍ଗରାଜ ବେହେରା, ବିନୋଦ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ସ୍ୱାଧୀନ ବେହେରା , ସୁମନ୍ତ ସାହୁ ବିଜେଡ଼ି ରେ ଯୋଗ ଦେଇଛନ୍ତି । ତାଙ୍କୁ ନଳିନୀକାନ୍ତ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିବା ସହ ଦଳ କିଭଳି ସଫଳତା ହାସଲ କରିବ ସେନେଇ ଅଧିକ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ନେତା ଅଜିତ ପ୍ରଧାନ ଉପସ୍ଥିତ ଥିଲେ।

# ହଣ୍ଡପା ଥାନାର ନୂତନ ଗୃହ ଉଦ୍‌ଘାଟିତ

ବଇଣ୍ଡା, (ସବ୍ୟୁ): ହଣ୍ଡପା ଥାନାର ନୂତନ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଥାନାର ପୁରୁଣା ଘରଟି ବର୍ଷା ହେଲେ ପାଣି ଗଳୁଥିବା ଜାଗାର ଅଭାବ ଥିଲା । ସେଥିପାଇଁ ନୂତନ ଘରେ ଥାନା ଚାଲିବ । ହଣ୍ଡପାଥାନା ଅଧିକାରୀ ନମିତା ନାୟକ, ନଟବର ନନ୍ଦ, କିଶୋରନଗର ବିଭୁତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ହଣ୍ଡପା ଥାନାର ସବୁ ଷ୍ଟାଫ ସହଯୋଗ କରିଥିଲେ ।

## ||||||||||||||||||| ନବୀନ ପଟ୍ଟନାୟକ ମୋର ହିରୋ |||||||||||||||||||

# ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ପ୍ରଚାର କରିବି : ଉମା

ଛତ୍ରପୁର, (ସବ୍ୟୁ): ବିଜୁ ପଟ୍ଟନାୟକ, ନବୀନ ପଟ୍ଟନାୟକ ଏବଂ ଭି.କେ ପାଣ୍ଡିଆନ ମୋର ନେତା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋର ସୁପର ହିରୋ, କିନ୍ତୁ ବ୍ରହ୍ମପୁର ଲୋକସଭା ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ ବିଜେଡିରେ ଥିବାବେଳେ ତାଙ୍କୁ ରାଜନୈତିକ ସ୍ତରରେ ହଇରାଣ କରିଥିବା ନେଇ ରବିବାର ଛତ୍ରପୁରରେ ଆୟୋଜିତ ଏକ ସାମ୍ବାଦିକ ସମିଳନୀରେ ସୂଚନା ଦେଇଛନ୍ତି କଳିଙ୍ଗ ବିଜୁ ନବୀନ ଜନତାଦଳର ଗୋପାଳପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଉମା ଚରଣ ନାୟକ। ସ୍ଥାନୀୟ ପ୍ରେସକ୍ଲବରେ ଆୟୋଜିତ ସାମ୍ବାଦିକ ସମିଳନୀରେ ସେ ପୂର୍ବରୁ ଜନତାପାର୍ଟି ଠାରୁ ବର୍ତ୍ତମାନ ବିଜୁଜନତାଦଳରେ ରହି ଆସିଛି, ଦୀର୍ଘ ୩୯ ବର୍ଷ ଧରି ମୁଁ ରାଜନୀତି କରିବା ସହ ମୋ ଧର୍ମପତ୍ନୀ ମଧ୍ୟ ରାଜନୀତି କରିଆସିଛନ୍ତି । ବିଭିନ୍ନ ପଦ ପଦବୀରେ ମଧ୍ୟ ରହିଥିଲୁ । ଦଳର ଶୀର୍ଷ ନେତୃତ୍ୱଙ୍କ ସହ ମୋର ସମ୍ପର୍କ ରହିଥିବା ବେଳେ ସ୍ଥାନୀୟ ନୂଆନୂଆ ବିଜେଡି ନେତା ମାନଙ୍କ ଅଣଦେଖା ସ୍ୱାଭିମାନ ପ୍ରତି ଆଞ୍ଚ ଆସିଥିବାରୁ ବିଜୁ ପଟ୍ଟନାୟକ, ନବୀନ ପଟ୍ଟନାୟକ ନାଁ ରେ କଳିଙ୍ଗ ବିଜୁ ନବୀନ ଜନତା ଦଳ ଗଠନ କରିଛି। ଗତ ଶନିବାର ଦିନ ସେ କଳିଙ୍ଗ ବିଜୁ ଜନତା ଦଳ ର ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛି । ଏହି ଦଳ ଗଠନ ନେଇ ନିର୍ବାଚନ କମିଶନରଙ୍କ ନିକଟରେ ଆବେଦନ କରିଥିବା କହିଥିଲେ । ଆସନ୍ତା ୨୬ ତାରିଖ ପୂର୍ବରୁ ନିର୍ବାଚନ କମିଶନ ମୋର ଦଳ ପାଇଁ ଚିହ୍ନ ପ୍ରଦାନ କରିବେ। ନଚେତ ସ୍ୱାଧୀନ ପ୍ରାର୍ଥୀରେ ପ୍ରତିଦ୍ୱନ୍ଦିତା କରିବି ବୋଲି ସ୍ପଷ୍ଟ କରିଛନ୍ତି ଉମା । ଏହା ସହିତ ବିଜେଡିରୁ ତଡା ଖାଇଥିବା ଜନବିରୋଧୀ ନେତା ତଥା ପ୍ରଦୀପ ପାଣିଗ୍ରାହୀଙ୍କ ବିରୁଦ୍ଧରେ ପ୍ରଚାର କରିବି। ବିଜୁ ଜନତା ଦଳର ବ୍ରହ୍ମପୁର ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଲୋକଙ୍କୁ କହିବି ଏବଂ ତାଙ୍କୁ ଯେଉଁ ଚିହ୍ନ ମିଳିବ ସେହି ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିବି ବୋଲି ସେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ସଂରକ୍ଷଣ ଦିବସରେ ଜିଲ୍ଲାବ୍ୟାପୀ ପ୍ରତିମୂର୍ତ୍ତିକୁ ସଫା କଲା ଭଞ୍ଜସେନା

ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ତିରୋଧାନ ଦିବସ ତଥା ଅନ୍ତର୍ଜାତୀକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଅବସରରେ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଥିବା ଆମ ମୟୂରଭଞ୍ଜ ଜିଲ୍ଲା, ଓଡିଶା ରାଜ୍ୟ ତଥା ଦେଶର ସମସ୍ତ ମହାତ୍ମା, ବରପୁତ୍ର ତଥା ଆମ ପୂର୍ବପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡିକୁ ସଂଗଠନ ପକ୍ଷରୁ ଧୋଇ ସଫା କରିବା



ସହିତ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଭଞ୍ଜସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି, ସନାତନ ସାହୁ, ପଙ୍କଜ କରଣ, ମନୋଜ ପାତ୍ର, ସଞ୍ଜୟ ମହାନ୍ତ, ବିକାଶ ସିଂ, ସଞ୍ଜୟ ମାହାନା, ସୋନୁ ରାମ, ସତ୍ୟ ପୃଷ୍ଟି ଓ ତ୍ରିନାଥ ସିଂ ପ୍ରମୁଖ ସାମିଲ ଥିଲେ ବୋଲି ମୁଖପାତ୍ର ମାନସ ବେହେରା ପ୍ରେସ ବିବୃତ୍ତି ମାଧମରେ ଜଣାଇଛନ୍ତି ।

# କଣ୍ଟି ବାଉଁଶ ବୁଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ପାଟକୁରା, (ସବ୍ୟୁ): ଗରଦପୁର ବ୍ଲକ୍ ନିକଟ କଂଟି ବାଉଁଶ ବୁଦାରେ କେହି ଦୁର୍ବୃତ ଶନିବାର ଦିନ ପ୍ରାୟ ୩ଘଟିକାରେ ନିଆଁ ଲଗାଇ ଦେଇଛନ୍ତି। ତେବେ ବାଉଁଶ ବୁଦାରେ ନିଆଁ ଲାଗିବା ପରେ ତାର ଚତୁର୍ଦିଗରେ ପାଉଁଶ ଉଡିବା ସହିତ ନିକଟରେ ଥିବା ଅନ୍ୟ ଗଛକୁ ନିଆଁ ବ୍ୟାପି ଯାଇଥିଲା। ଖରାବେଳେ ନିଆଁ ହୁତୁ ହୁତୁ ହୋଇ ଜଳିବାରୁ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଗରଦପୁର ଅଗ୍ନିଶମ ବାହିନୀର ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ଦାଶ, ରତ୍ନାକର ବାରିକ ପ୍ରମୁଖ ତତ୍କ୍ଷଣାତ୍ ଆସି ପାଣି ପକାଇ ନିଆଁକୁ ଆୟତ କରିଥିଲେ। ବର୍ତମାନ ପ୍ରଚଣ୍ଡ ଖରାତାତିରେ ସାରା ଓଡିଶା ଜଳୁଥିବାବେଳେ ଲୋକେ ଘରେ କିମ୍ବା ବାହାରେ ରହିପାରୁନାହାନ୍ତି। ପରିବେଶ ସୁରକ୍ଷା ପାଇଁ ସରକାରୀ ବେସରକାରୀ ସ୍ତରରେ ଚାରାରୋପଣକୁ ଗୁରୁତ୍ୱ ଦିଆଯାଇ ସଚେତନତା ସୃଷ୍ଟି କରାଯାଉଥିବାବେଳେ ଦୁର୍ବୃତଙ୍କ ଏପରି କାର୍ଯ୍ୟକୁ ସାମାଜିକ କର୍ମୀ ନବାବ କୁମାର ପଣ୍ଡା ନିନ୍ଦା କରିବା ସହିତ ଦୁର୍ବୃତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ପ୍ରଚାର ମୈଦାନରେ କଂଗ୍ରେସର ହେଭିଓ୍ୱେଟ୍ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା

ନୀଳଗିରି, (ସବ୍ୟୁ) :ବାଲେଶ୍ୱର ସଂସଦୀୟକ୍ଷେତ୍ରରେ କଂଗ୍ରେସର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ନୀଳଗିରି ଗସ୍ତରେ ଆସି ବଣସୀମା ଅଞ୍ଚଳ ରାଇପାଳ ଠାରେ ଥିବା ବିଶିଷ୍ଟ ଆଦିବାସୀ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତଃ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ବଣସୀମା ଅଞ୍ଚଳରେ କଂଗ୍ରେସ କର୍ମୀମାନଙ୍କୁ ଭେଟିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ ଆଲୋଚନା କରିଥିଲେ । ବର୍ତ୍ତମାନ ରାଜ୍ୟରେ ବିଜେଡ଼ି ଏବଂ କେନ୍ଦ୍ରରେ ବିଜେପି ସରକାରଙ୍କ ଶାସନରେ ରାଜ୍ୟବାସୀ ଅତିଷ୍ଟ ହୋଇପଡ଼ିଛନ୍ତି । ଦେଶରେ ବେକାରୀ ସମସ୍ୟା ବୃଦ୍ଧି ପାଇଛି । ସୁଶାସନ ନାମରେ ବଢିଚାଲିଛି ବ୍ୟଭିଚାର । ସେହିଭଳି ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୫ ବର୍ଷ ଶାସନରେ ପିସି କାରବାର ବଢିବା ସହିତ ଅହେତୁକ ଦରଦାମ ବୃଦ୍ଧି ଘଟିଛି । ସ୍ୱାସ୍ଥ୍ୟ ସମସ୍ୟା ବିଗିଡ଼ି ଯାଇଛି । ତେଣୁ ଆଗାମୀ ନିର୍ବାଚନରେ କଂଗ୍ରେସ ଦଳକୁ ଶାସନକୁ ଆଣିବାକୁ ହେଲେ ସମସ୍ତଙ୍କୁ ଏକ ହୋଇ ଲଢିବାକୁ ପଡ଼ିବ । ପୂର୍ବରୁ କଂଗ୍ରେସ ଶାସନ ସମୟରେ ହୋଇଥିବା ବିକାଶକୁ ଲୋକମାନଙ୍କ ପାଖାରେ ପହଞ୍ଚାଇବାକୁ ପଡ଼ିବ । ଏକ ଦୁର୍ନୀତିମୁକ୍ତ ସରକାର ଗଠନ କରିବାକୁ ହେଲେ କଂଗ୍ରେସକୁ ପୁଣି ଉଭୟ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାସୀନ କରିବାକୁ ପଡ଼ିବ । ଏଥିପାଇଁ ସମସ୍ତ କର୍ମୀମାନେ ମତମତାନ୍ତର ଭୁଲି ଏକ ହୋଇ କାମ କରିବାକୁ ପଡ଼ିବ ବୋଲି ବରହମପୁର ନିକଟ ବାଉଁଶପାଳ ଠାରେ କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକରେ ସାଂସଦ ପ୍ରାର୍ଥୀ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଏହି ବୈଠକରେ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମନୋରଂଜନ ପଣ୍ଡା, ବରିଷ୍ଠ ନେତା ଦୀପ୍ତିକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ବାଲେଶ୍ୱର ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ଯୁବନେତା ଆଶିଷ ପଟ୍ଟନାୟକ, ଯୋଶଦା ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## କର୍କଟ ରୋଗରେ ଛାତ୍ର ମୃତ

ପାଟକୁରା, (ସବ୍ୟୁ): ଗରଦପୁର ବ୍ଲକ୍ ତଳକୁସୁମା ଗ୍ରାମ ପଞ୍ଚାୟତ ତେନ୍ତୋଳ ଗ୍ରାମର ପ୍ରତାପ ପଣ୍ଡାଙ୍କ ଏକମାତ୍ର ପୁତ୍ର ଅବିନାଶ ପଣ୍ଡା(୧୫)ଙ୍କର ପରଲୋକ ହୋଇଯାଇଛି। ଅବିନାଶ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ତେବେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଅବିନାଶଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ସୂଚନାଯୋଗ୍ୟ ତଳକୁସୁମା ଗ୍ରାମ ପଞ୍ଚାୟତରେ ଗତ ୬ ଦିନ ମଧ୍ୟରେ ୩ଜଣ ବଜ୍ରପାତରେ ମୃତ୍ୟୁବରଣ କରିଥିବାବେଳେ ଜଣେ ଚିତ୍ରୋତ୍ପଳା ନଦୀରେ ବୁଡି ପ୍ରାଣ ହରାଇଥିଲେ।

# ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ଗଙ୍ଗାପାର ବେଶ

ନୟାଗଡ଼, (ସବ୍ୟୁ): ରାଜ୍ୟ ପ୍ରସିଦ୍ଧ ଶ୍ରୀରଘୁନାଥ ଜୀଉ ପୀଠ ଓଡ଼ଗାଁ ରେ ନବଦିନାତ୍ମକ ଶ୍ରୀରାମନବମୀ ଉତ୍ସବ ପାଳିତ ହେଉଛି। ଶ୍ରୀରାମ ଜନ୍ମ ତିଥିରୁ ସମସ୍ତ ରିତୀ ନୀତି ମଧ୍ୟରେ ଶ୍ରୀଜୀଉଙ୍କ ଜନ୍ମ ଉତ୍ସବ ପାଳନ କରାଯାଉଛି। ରବିବାର ସନ୍ଧ୍ୟାରେ ଶ୍ରୀରଘୁନାଥ ଜୀଉଙ୍କ ଦୁର୍ଲ୍ଲଭ ଗଙ୍ଗାପାର ବେଶ ଭକ୍ତଜନ ମନ କୁ ବିମୋହିତ କରିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ସନ୍ଧ୍ୟ ବେଶ ଦର୍ଶନନିଜକୁ ଧନ୍ୟ ମଣୁଛନ୍ତି।ଶ୍ରୀରାମ ନବମୀ ତିଥିରେ ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଜନ୍ମ ନୀତି ସହ ପୂଜାବିଧି ରୁ ଚଳିତ ବର୍ଷନବଦିନାତ୍ମକ ଯାତ୍ରା ଉତ୍ସବ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଶ୍ରୀଜୀଉଙ୍କ ଜନ୍ମ ନାରାୟଣ ବେଶ



ଦର୍ଶନ ସହିତଶ୍ରୀ ଜୀଉଙ୍କ ବାଲ୍ୟଲୀଳା ଅନୁଷ୍ଠିତ ହୋଇଥିଲା। ତାଡ଼କା ବଦ୍ଧ ଓ ଅହଲ୍ୟା ଉଦ୍ଧାରଣ ବେଶରେ ଶ୍ରୀଜୀଉମାନବୀୟ ଲୀଳା ମଧ୍ୟରେ ପରଂବ୍ରହ୍ମ ଶକ୍ତି ର ଅଲୌକିକ ନିଦର୍ଶନ ଭକ୍ତଜନଙ୍କ ବିଶ୍ୱାସ କୁ ଦୃଢ଼ିଭୂତ କରିଛି।ରବିବାର ଦିନ ଓଡ଼ଗାଁ ପାବନ କ୍ଷେତ୍ରରେ ଅନୁଷ୍ଠିତ ଶ୍ରୀରାମ ଲୀଳା ମହୋତ୍ସବ ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଶ୍ରୀଦଶରଥ ନନ୍ଦନ ଶ୍ରୀରମ ଚନ୍ଦ୍ର ଗୁରୁ ବିଶ୍ୱାମିତ୍ର ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଜନକପୁରୀ ଯାତ୍ରାକରିଛନ୍ତି। ଏହି ସମୟରେ ଶ୍ରୀଜୀଉଙ୍କ ଗଙ୍ଗାପାର ମନୋହର ବେଶ ଭକ୍ତ ମନକୁ ବିମୋହିତ କହିଛି। ସୋମବାରଶ୍ରୀଜୀଉଙ୍କ ଧନୁ ଭଗ୍ନ ଓ ସୀତା ବିବାହ ଉତ୍ସବ ସମାରୋହ ସହ ପାଳିତ ହେବ। ମନ୍ଦିରରୁ ବିବାହ ରୋଷଣୀ ନଗର ପରିକ୍ରମା କରି ପୁଣି ବର କନ୍ୟା ବାହୁଡ଼ିବା ସ୍ୱତନ୍ତ୍ର ପଟ୍ଟୁଆର ରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏନେଇ ମନ୍ଦିର ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ନିରୀକ୍ଷକ ଜିତେନ୍ଦ୍ର କୁମାର ମିଶ୍ର ପ୍ରକାଶ କରିଛନ୍ତି।

# ଲିଟିଲ ଷ୍ଟାର ଗ୍ରୁପର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ନିମାପଡା, (ସବ୍ୟୁ): ନିମାପଡା ଏନଏସି ଅନ୍ତର୍ଗତ ଅଣ୍ଡିଆ ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୨୨ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଲା ମାନଙ୍କ ମଧ୍ୟରେ ଚିତ୍ରାଙ୍କନ,ଗଳ୍ପ ପଠନ,କବିତା ଆବୃତ୍ତି ଆଦି ବିଭିନ୍ନ ବିଷୟ ବସ୍ତୁ ଉପରେ ପ୍ରତିଯୋଗିତା କରାଯାଇଥିଲା । ଗ୍ରୁପର ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ପୁରୀ ଜିଲ୍ଲା ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଅଧ୍ୟାପକ ରବିନ୍ଦ୍ର ନାଥ ପାଢ଼ୀ,ଶିକ୍ଷକ ନିର୍ମଳ ମିଶ୍ର,ପୂର୍ଣ୍ଣଚନ୍ଦ୍ର ରାଉତ,ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରମୁଖ




ଯୋଗଦେଇ ପିଲାମାନଙ୍କୁ ଲୁକାୟିତ ପ୍ରତିଭା ବଳରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ପତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଯୋଗଦେଇଥିଲେ। ଗ୍ରୁପର ଗୌରୀପ୍ରିୟା ନନ୍ଦ, ଅମୀୟ ମିଶ୍ର, ଉର୍ମିଳା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ ।

## ଅବକାରୀ ବିଭାଗ ଚଢ଼ାଉ: ଧରାହେଲା ୧୬୨ ପେଟି

# ୪୦୦୦ରୁ ଉର୍ଦ୍ଧ୍ୱ ଆସ୍କା ଫଟି ବୋତଲ ଗଚ୍ଛିତ ଥିଲା ଗୋଦାମରେ

ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବ୍ଲକର ୩୧ ଗୋଟି ପଂଚାୟତରେ ସରକାରୀ ସ୍ୱିକୃତିପାପ୍ତ ମଦ ଦୋକାନ ଯେତିକି, ବେଆଇନ ଭାବେ ତାର ୧୦ ଗୁଣାରୁ ଉର୍ଦ୍ଧ ଗାଁ ଗହଳିରେ ଖୋଲିଛି ମଦ ଭେଣ୍ଡର ।ସବୁଠାରୁ ବଡ଼ଖଥା ହେଉଛି ବିଦେଶି ମଦ ଦୋକାନ ପାଖରେ ଏକ ହୋଟେଲକୁ ଲାଗି ଗୋଟିଏ କୋଠରୀରୁ ପ୍ରାୟ ୧୬୨ ପେଟି ପ୍ରାୟ ୪୦୦୦ ବୋତଲ ଆସ୍କା ଫଟି ମଦ ବୋତଲ ଅବକାରୀ ବିଭାଗ ଜବତ କରିଛି । ରବିବାର ଦିନ ପ୍ରାୟ ୪ଟା ବେଳେ ମହାକାଳପଡ଼ା ସ୍ଥିତ ମଦ କାଉଂଟର ପାଖରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା । ମଦବିକ୍ରିର ନୀତି ନିୟମ ଉଲଂଘନ ହେବା ନେଇ ମଧ ପୂର୍ବରୁ ଏହି କାଉଂଟର ବିରୋଧରେ ଅଭିଯୋଗ ହୋଇଥିଲା । ଆସ୍କା ଫଟି ବୋତଲ ଗୁଡ଼ିକୁ ଏକ ଚାରିଚକିଆ ଗାଡ଼ିରେ ଭର୍ତି କରାଯାଇ ଅବକାରୀ ବିଭାଗ ନିଜ ହେପାଜତକୁ ନେଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ବେଆଇନ ଭାବେ ସରକାରୀ ସ୍ୱିକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ପାଖରେ କେମିତି ଏତେଗୁଡ଼ିଏ ଦେଶୀ ମଦ ବୋତଲ ଗଚ୍ଛିତ ହୋଇଥିଲା । ଏହି ବେଆଇନ କାର୍ଯ୍ୟ କିଭଳି ହେଉଥିଲା । ମହାକାଳପଡ଼ା ଅଂଚଳର କିଛି ଲୋକଙ୍କ କହିବାକଥା ଏହିଠାରୁ ବେଆଇନ ଭାବେ ଆସ୍କାଫଟି ବୋତଲ ଗୁଡ଼ିକ ଗାଁ ଗହଳିକୁ ଚାଲାଣ କରାଯାଉଥିଲା । ଏଠାରେ ସୂଚନା ଯୋଗ୍ୟ ଏହିକିଯେ ମହାକାଳପଡ଼ା ବ୍ଲକର ବତୀଘର ଅଂଚଳକୁ ବେଆଇନ ଭାବେ ମଦ ଚାଲାଣ କରାଯାଉଛି । ସେହିପରି ବଉଳକଣି ପଂଚାୟତର ତିନିମୁହାଣି ଘାଟ ଜରିଆରେ ବେଆଇନ ମଦ ପାର ହେଉଥିବା ନେଇ ମଧ ଅଭିଯୋଗ ଉଠିଛି । ମହାକାଳପଡ଼ା ବ୍ଲକର କଲେଜ ଛକ ଦେଇ ଦୈନିକ ଶହଶହ ପେଟି ମଦ ବୋତଲ ଚାଲାଣ କରାଯାଉଥିବା ।ନେଇ ମଧ ଲୋକମାନେ ଦୈନିକ ଦେଖୁଛନ୍ତି । କିନ୍ତୁ ଅଦ୍ୟାବଧି ମଦ ଚାଲାଣ ବେଳେ କୌଣସି ବିଭାଗ ଚଢ଼ାଉ କରି ଧରିପାରି ନାହିଁ । ତେବେ ଏଠାରେ ପ୍ରଶ୍ନ ଉଠୁଛି ମହାକାଳପଡ଼ା ବ୍ଲକର ୩୧ ଗୋଟି ପଂଚାୟତରେ ଏଭଳି କାର୍ଯ୍ୟ ଦୀର୍ଘଦିନ ଧରି ଚାଲୁଥିଲେ ମଧ କିଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା।

# ପାନୀୟଜଳ ଯୋଗାଣରେ ଅନିୟମିତତା, ପାଣି ପାଇଁ ହାହାକାର

ଟାଙ୍ଗୀ ,(ସବ୍ୟୁ) : ଟାଙ୍ଗୀ ବ୍ଲକ ଅଧିନସ୍ଥ ୨୬ଟି ଯାକ ପଞ୍ଚାୟତ ର ୧୬୩ ଟି ରାଜସ୍ୱ ଗ୍ରାମକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ପାଇପ ଯୋଗେ ପାନୀୟ ଜଳଯୋଗାଣ କାର୍ଯ୍ୟକାରୀ ହେଉଛି।ଏହି ଜଳଯୋଗାଣ କାର୍ଯ୍ୟକୁ ପଞ୍ଚାୟତ ସ୍ତରକୁ ହସ୍ତାନ୍ତର କରିଦିଆଯାଇଛି । କେବଳ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେଲେ ବିଭାଗ ତରଫରୁ ଏହାର ମରାମତି କାର୍ଯ୍ୟ କରାଯିବ । ଏହା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ପଥା ଉପରେ ନ୍ୟସ୍ତ କରାଯାଇଛି ଏପରିକି ଏହି ଜଳଯୋଗାଣ ପାଇଁ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତ କୁ ଏକ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ଯୋଗାଇ ଦିଆଯାଇଛି ।କିନ୍ତୁ ଅନେକ ପଞ୍ଚାୟତ ରେ ଏହାର ପରିଚାଳନାଗତ ତ୍ରୁଟି ଯୋଗୁ ଦିନର ନିର୍ଦ୍ଦିଷ୍ଟ ସମୟରେ ଏହି ଜଳ ଯୋଗାଣ କରାଯାଉନଥିବା ଅଭିଯୋଗ ହେଉଛି। ଜଳ ଯୋଗାଣ କେନ୍ଦ୍ରର ପମ୍ପ ହାଉସରେ ନିଯୁକ୍ତ କର୍ମଚାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ଏତାଦୃଶ ଅବ୍ୟବସ୍ଥା ହେଉଥିବା ଦେଖିବାକୁ ମିଳୁଛି ।ଏହି କର୍ମଚାରୀମାନଙ୍କର ସ୍ଥାୟୀ ନିଯୁକ୍ତି ହୋଇନଥିବାରୁ ସେମାନଙ୍କୁ ସଂସ୍ଥା ପାରିଶ୍ରମିକରେ କାର୍ଯ୍ୟ କରିବାକୁ ପଡୁଛି । ତେଣୁ ଜୀବନ ଜୀବିକା ପାଇଁ ସେମାନେ ଅନ୍ୟ କାର୍ଯ୍ୟରେ ନିୟୋଜିତ ହେଉଥିବା ହେତୁ ଏହି ଜଳଯୋଗାଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ କରୁନଥିବା ଅଭିଯୋଗ ହେଉଛି । ତେଣୁ ଏବେ ଅସହ୍ୟ ଗ୍ରୀଷ୍ମ ସମୟରେ ପାଇପ ଜଳ ଯୋଗାଣରେ ନିୟମିତତା ରହୁନଥିବାରୁ ପାନୀୟ ଜଳ ପାଇଁ ବିଶେଷ କରି ମହିଳାମାନେ ନାହିଁ ନଥିବା ର ସମ୍ମୁଖୀନ ହେଉଛନ୍ତି । ଜଳ ଯୋଗାଣ ଷ୍ଟାଣ୍ଡ ନିକଟରେ ମହିଳାମାନେ ଗରା ବାଲଟି ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରୁଥିବାର ଦେଖାଯାଉଛି ।

## ସାକ୍ଷୀଗୋପାଳଙ୍କ ଦୟଣା ଚୋରି ପର୍ବ

ସାକ୍ଷୀଗୋପାଳ, (ସବ୍ୟୁ) : ରବିବାର ପବିତ୍ର ଚୈତ୍ର ଶୁକ୍ଳପକ୍ଷ ତୟୋଦଶୀ ତୀଥି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ବିଳମ୍ବିତ ରାତିରେ ସାକ୍ଷୀଗୋପାଳ ଠାକୁର ଙ୍କ ଦୟଣା ଚୋରୀ ପର୍ବ ଅନୁଷ୍ଠିତ ହୋଇଯାଇଛି।ବଡ଼ସିଂହାର ଧୂପପରେ ସାକ୍ଷୀଗୋପାଳ ଠାକୁରଙ୍କ ବିଜେପ୍ରତିମା ଶ୍ରୀ ଶ୍ରୀ ମଦନମୋହନ ଦେବ ିମାନ ରେ ଦୟଣା ଚୋରୀ ମଣ୍ଡପ କୁ ିଜେ କରିଥିଲେ। ସେଠାରେ ଉପଚାର ଆଳତି ଜାତଭୋଗ ଓ ପଣାଭୋଗ ଅନ୍ତେ ଠାକୁରଙ୍କ ପ୍ରତିନିଧି ଭାବରେ ପାଳିଆପତ୍ରୀ ସେବକ ନଅରବାଡିରୁ ଦୟଣା ଚୋରୀ କରିବା ସମୟରେ ମଣ୍ଡଳୀ ସୁଆଁସିଆ ସୋୟତଙ୍କ ହାତରେ ଧରା ପଡିଥିଲେ। ରୁପାପାତ୍ର ରେ ଚୋରି ଦୟଣା ମୁଣ୍ଡ ଉପରେ ଧରି ବନ୍ଧା ହୋଇ ବିମାନ ସହ ମନ୍ଦିର ଫେରିଥିଲେ।ଛ ଠାକୁର ଙ୍କ ର ଏହି ମାନବୀୟ ଲୀଳା ଦେଖିବାକୁ ଭକ୍ତମଣ୍ଡଳୀ ସମବେତ ହୋଇଥିଲେ।ମନ୍ଦିର ପ୍ରଶାସନ ପକ୍ଷରୁ ଦୟଣା ଚୋରି ମଣ୍ଡପ ରେ ଆଲୋକସଜ୍ଜା କରାଯାଇଥିଲା।

## ରାମଲୀଳା ଆରମ୍ଭ

ନିରାକାରପୁର, (ସବ୍ୟୁ) : ରାମ ନବମୀ ଦିନଠାରୁ ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ସ୍ଥିତ ଉପରସାହି ରଘୁନାଥ ରାମ ମାନସ ସଂସଦ ତରଫରୁ ଦୀର୍ଘ ୯ ଦିନ ବ୍ୟାପି ପାଇଁ ରାମଲୀଳା ପରିବେଷଣ ଆରମ୍ଭ ହୋଇଛି। ବନବିହାର ହୋଇଯାଇଛିଛ ଆଗକୁ ସୀତାଚୋରି, ବାଳୀବଧ, ଲଙ୍କାପୋଡ଼ି, ଇନ୍ଦ୍ରଜିତ ବଧ, ମହିରାବଣ ବଧ ଏବଂ ଶେଷରେ ରାବଣ ବଧ ଅନୁଷ୍ଠିତ ହେବଛ

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ: ଦୁଇ ଅଟକ

ନିରାକାରପୁର, (ସବ୍ୟୁ) : ରବିବାର ି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଗଞ୍ଜେଇ ଚୋରା ଚାଲାଣ ବେଳେ ଚଢ଼ାଉ କରି ଗାଡି ସହିତ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଥିବାବେଳେ ଗାଡ଼ିକୁ ପାଇଲଟିଂ କରି ପାସ କରୁଥିବା ୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖିଥିବା ପୋଲିସ ସୂତ୍ରରୁ ଜଣାପଡିଛି।ସୂଚନାଯୋଗ୍ୟ କି ରବିବାର ରାତି ୯ ଟା ରେ ଏକ ଡଷ୍ଟର ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ନିରାକାରପୁର ପୋଲିସ ଖବର ପାଇ ଆଇଆଇସି ବିଶ୍ୱଜ୍ଜିତ ରାଉତରାୟ ଙ୍କ ନିର୍ଦ୍ଦେଶରେ ଏସ ଆଇ ଦିପାଲୀସା ନାୟକ ଓ ସଦଳବଳେ ଲେଣ୍ଡୁ ଛକ ନିକଟରେ ଅଟକାଇ ଗାଡ଼ିକୁ ଜବତ କରିବା ସହିତ ପୁରୀ ଜିଲ୍ଲା କଣାସ ବ୍ଲକ ଅଞ୍ଚଳ ର ଦୁଇଜଣ ଗାଡି ପାସ କରୁଥିବା ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଗାଡିରୁ ୩ ଟି ବଡ ବଡ ବ୍ୟାଗ ଭର୍ତି ଗଞ୍ଜେଇ ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟେ ଦୁଇ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି।

# ଅନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ

କରଞ୍ଜିଆ ,(ସବ୍ୟୁ) : କରଞ୍ଜିଆ ପୌରାଞ୍ଚଳ ଠାରେ ସାମାଜିକ ସଂଗଠନ ମୋ କରଞ୍ଜିଆ ଓ ଶ୍ରୀ ସଂକଳ୍ପ, ବରିଷ୍ଠ ନାଗରିକ ସଂଘ, ସାମ୍ବାଦିକ ବନ୍ଧୁ, ପ୍ରାଥମିକ ଶିକ୍ଷକ ସଂଘ,ଶୁଭ ଶଙ୍ଖ ସାହିତ୍ୟ ଅନୁଷ୍ଠାନ, କରଞ୍ଜିଆ ଗୋଲେଇ ଛକ ପୂଜା କମିଟି ଓ କରଞ୍ଜିଆ ସାହିତ୍ୟ ସଂସଦ ମିଳିତ ସହଯୋଗରେ ରବିବାର ଦିନ ଆର୍ନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାନେତ୍ରୀ ସବିତା ମହାନ୍ତି, ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସର୍ବେଶ୍ୱର ମିଶ୍ର, ସଂଗଠନ ସମ୍ପାଦିକା ଅନିତା ବେହେରା, ଉପଦେଷ୍ଟା ଗୌରୀ ଶଙ୍କର ସିହ୍ନା, ଅଚ୍ୟୁତାନନ୍ଦ ବେହେରା, ମନୋରଞ୍ଜନ ସାହୁ,ମୋ କରଞ୍ଜିଆ ସଂଯୋଜକ ସଞ୍ଜିବ ସାହୁ, କରଞ୍ଜିଆ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଡ଼ ପ୍ରମୁଖ ଯୋଗଦାନ କରି ପାଞ୍ଚପୀଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାସ,ବିଆର ଆମ୍ବେଦକର, କଚେରୀ ପରିସରରେ ଥିବା ମଧୁସୂଦନ ଦାସ, ନେତାଜୀ ଛକରେ ଥିବା ସୁବାଷ ଚନ୍ଦ୍ର ବୋଷ ଓ କରଞ୍ଜିଆ ଗୋଲେଇ ଠାରେ ଥିବା ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ସଫେଇ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେଛ।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଘାଟିତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜେମାଶୁଣୀ ପୀଠରେ ପଂଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାର ଦିନ ଉଦଘାଟିତ ହୋଇଛି । ଆଜି ଅପରାହ୍ନରେ ଗୋକର୍ଣ୍ଣେଶ୍ୱର ପୀଠରେ ପୂଜାର୍ଚ୍ଚନା କରି ଶତାଧିକ ମହିଳା ବ୍ରାହ୍ମଣୀ ନଦୀରୁ କଳସରେ ଜଳ ନେଇ ଜାରକା ବଜାର ପରିକ୍ରମା କରି ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ପରେ ମହିଳାମାନେ କଳସଧରି ଜେମାଶୁଣୀସ୍ଥିତ ଯଜ୍ଞସ୍ଥଳରେ ସ୍ଥାପନା କରିଥିଲେ । ଏହି କଳସ ଶୋଭାଯାତ୍ରାରେ ଧର୍ମଶାଳା ପଂଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ମୁଖ୍ୟ ଦାମୋଦର ସେନାପତି, ପୁଷ୍ପଲତା ସେନାପତି, ଶାନ୍ତିଲତା ସେନାପତି, ପ୍ରମୋଦ ସାହୁ, ଚନ୍ଦ୍ରମଣି ନାୟକ, ନବଘନ ମହାନ୍ତି, ଅଭିରାମ ନାୟକ, ସୁଦାମ ମହାରଣା, ବିଦ୍ୟାଧର ତରାଇ, ଦେବବ୍ରତ ପୃଷ୍ଟି, ପ୍ରମୋଦ ସାହୁ, ଅନିରୁଦ୍ଧ ରାଉତ, ପ୍ରାଣକୃଷ୍ଣ ସାମଲ, କ୍ଷେତ୍ରବାସୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଅପରାହ୍ନ ୩ ଘଟିକା ସମୟରେ ଧର୍ମଧ୍ୱଜା ଉତୋଳନ କରାଯାଇଥିଲା । ଶାନ୍ତିକୁଞ୍ଜର ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଶାନ୍ତିଲତା ଦୀକ୍ଷିତ, ପବନ କୁମାର ଦିକ୍ଷୀତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଶାନ୍ତିକୁଞ୍ଜର ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି ପ୍ରବଚନ ଦେଇଥିଲେ । ସୋମବାର ସକାଳ ୮ ଘଟିକାରେ ଦେବସ୍ଥାପନ,ଦଶ ଘଟିକାରେ ସଂସ୍କାର କାର୍ଯ୍ୟକ୍ରମ, ସନ୍ଧ୍ୟା ୬ ଘଟିକାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ତିନିଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖରେ ଉଦଯାପିତ ହେବ ବୋଲି ଗାୟତ୍ରୀ ପରିବାର ପକ୍ଷରୁ ସୂଚନା ଦିଆଯାଇଛି ।

# ଅରୁଣ ଦେ ସ୍ମୃତି ପରିଷଦ ଜରୁରୀ ବୈଠକ

ବାଲେଶ୍ୱର, (ସବ୍ୟୁ) : ରବିବାର ସନ୍ଧ୍ୟାରେ ମଲ୍ଲିକାଶପୁରସ୍ଥିତ ଅରୁଣ ଦେ ସ୍ମୃତି ପରିଷଦ କାର୍ଯ୍ୟାଳୟ ଠାରେ ଏକ ଜରୁରୀ ବୈଠକ ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ଅପ୍ରେଲ ୩୦ତାରିଖ ଦିବଂଗତ ନେତା ଅରୁଣ ଦେଙ୍କର ଜନ୍ମଦିନ ପଡୁଥିବାରୁ ସେହିଦିନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୩୦ ତାରିଖ ସକାଳ ୭.୩୦ ମିନିଟ ସମୟରେ କାର୍ଯ୍ୟାଳୟ ଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ପୁଲିସ ଲାଇନ୍ ଛକ ନିକଟସ୍ଥ ଅରୁଣ ଦେଙ୍କ ପତିମୂର୍ତ୍ତି ନିକଟରେ ପହଞ୍ଚି




ସେଠାରେ ଥିବା ସ୍ୱର୍ଗତଃ ଦେଙ୍କର ପ୍ରତିମୂର୍ତ୍ତିରେ ସମୁହ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହାଛଡ଼ା ପୂର୍ବାହ୍ନ ୯ଘଟିକା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତଭଣ୍ଡାର ଠାରେ ୧୦୧ୟୁନିଟ୍ ରକ୍ତ ଦାନ ପାଇଁ ବୈଠକରେ ଚୂଡ଼ାନ୍ତ କରାଯାଇଛି । ଏହିସବୁ କାର୍ଯ୍ୟକ୍ରମରେ ଅରୁଣ ଦେଙ୍କ ସାଥି ଓ ସମର୍ଥକମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆଜିର ଏହି ବୈଠକରେ ପରିଷଦର ବରିଷ୍ଠ ଉପଦେଷ୍ଟା ରଂଜନ ବାଗ, ପ୍ରଫେସର ଶତ୍ରୁଘନ୍ନ ମଲ୍ଲିକ, ପୂର୍ବତନ ସରପଞ୍ଚ ମଧୁସୂଦନ ମହାପାତ୍ର, ଅନସୂୟା ନାୟକ, ବିନୋଦ ଜୀ, ଅଭିଜିତ ଦାସ, ଭୋଳାନାଥ ବେହେରା, ବରିଷ୍ଠ ସାମ୍ବାଦିକ ହିମାଂଶୁ ଦାସ, ଦେବେନ୍ଦ୍ର ଦାସ, ଜୟନ୍ତ ମହାପାତ୍ର, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ଅରୁଣ ମିଶ୍ର, ସୁଦାମ ଜେନା, ଅଭୟ କୁମାର ମାଝୀ, ଗୋବିନ୍ଦ ରାଠୀ, ଶୁଭେନ୍ଦୁ ଜେନା, କୁନ୍ଦନ କୁମାର ଦାସ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଅପମୃତ୍ୟୁ ପରିବାରକୁ ଭେଟିଲେ ରତିକାନ୍ତ

ପାଟକୁରା, (ସବ୍ୟୁ) : ଗରଦପୁର ବ୍ଲକ୍ କୁଦାନଗରୀ ଥାନା ତଳକୁସୁମା ଗ୍ରାମ ପଂଚାୟତର ୪ ଜଣ ଅପମୃତ୍ୟୁ ପରିବାରକୁ ଭେଟିଲେ ପାଟକୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ। ସୂଚନାଯୋଗ୍ୟ ବଜ୍ରପାତରେ ବଙ୍ଗାରୀ ଗ୍ରାମର ଆଶୁତୋଷ ଜେନା, ପୁଣ୍ଡିଲୋ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଛାଟୋଇ, ବିରିଜଙ୍ଗା ଗ୍ରାମର ଶିବପ୍ରସାଦ ସାହୁଙ୍କର ଅକାଳ ବିୟୋଗ ହୋଇଥିଲା। ସେହିପରି ତଳକୁସୁମା ଗ୍ରାମର କେଶବ ରଥଙ୍କ ପୁତ୍ର ସେବକ ରଥ ଚିତ୍ରୋତ୍ପଳା ନଦୀରେ ଗାଧୋଉଥିବାବେଳେ ପାଣିରେ ବୁଡି ପ୍ରାଣ ହରାଇଥିଲେ। ଶ୍ରୀ କାନୁନ୍‌ଗୋ ଉକ୍ତ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହିତ ଶୋକପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ୍ କଂଗ୍ରେସ କମିଟି ସଭାପତି ଜ୍ୟୋତିରଂଜନ ପରିଡା, କଂଗ୍ରେସ ନେତା ଗୟାଧର ପ୍ରଧାନ, ସୁବାସ ସାମଲ, କୁମାର ପାଣି, ରମାକାନ୍ତ ସ୍ୱାଇଁ, ଜ୍ୟୋତିରଂଜନ ନାୟକ, ଧନୁର୍ଦ୍ଧର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଅରଡ଼ିଆପଦାରେ ବାସନ୍ତି ଦୁର୍ଗାପୂଜା

ଫୁଲନଖରା, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଗ୍ରାମର ମା ନବମଲ୍ଲିକା ଠାକୁରାଣୀଙ୍କ ପୀଠସ୍ଥଳିରେ ବାସନ୍ତି ଦୁର୍ଗାପୂଜା ପାଳିତ ହୋଇଯାଇଛି । ପ୍ରତୁଷରୁ ଠାକୁରାଣୀଙ୍କୁ ସ୍ନାନ ଓ ମାର୍ଜନା କାର୍ଯକ୍ରମ ପରେ ପରେ ପୀଠରେ ବାସନ୍ତି ଦୁର୍ଗା ପୂଜା ଆରମ୍ଭ ହୋଇ ସଂଧାରେ ପୂର୍ଣ୍ଣାହୁତି ହୋଇଥିଲା । ଏହି ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ପଣ୍ଡିତ ପ୍ରମୋଦ କୁମାର ଦାଶ ଶର୍ମା ଓ ତାଙ୍କ ସାଥୀଙ୍କ ଦ୍ୱାରା ଯଜ୍ଞ ପୂଜା ସମାପନ କରାଯାଇଥିଲା । କର୍ତ୍ତା ଭାବେ ବିଶ୍ୱନାଥ ପରିଡ଼ା ଓ କର୍ତ୍ତୀ ବବିତା ପରିଡ଼ା ଉପସ୍ଥିତ ଥିଲେ । ପ୍ରତାପ ଚନ୍ଦ୍ର ବେଉରା, ଉପେନ୍ଦ୍ର ବେଉରା,ଅଜୟ କୁମାର ବେଉରା,ବରଦା ପ୍ରସାଦ ବେଉରା,ସୁକାନ୍ତ ବେଉରା ଓ ପ୍ରତ୍ୟୁଷ କୁମାର ବେଉରା ପ୍ରମୁଖ ଗ୍ରାମବାସୀ କାର୍ଯକ୍ରମ ପରିଚାଳନା କରିଥିଲେ ।

# ବିଜେଡି ଛାଡି ବିଜେପିରେ ଯୋଗଦେଲେ ଶତାଧିକ କର୍ମୀ

ବ୍ୟାସନଗର, (ଜିପ୍ର): ଶନିବାର ଭାରତୀୟ ଜନତା ପାର୍ଟିର କୋରେଇ ବିଧାନସଭା ପ୍ରାର୍ଥୀଙ୍କ ବ୍ୟାସନଗର ବିଜେପି କାର୍ଯ୍ୟାଳୟରେ ବିଜୁ ଜନତା ଦଳର ଶତାଧିକ କର୍ମୀ ବିଜେପିରେ ଯୋଗଦେଇଛନ୍ତି । ଗୋଳେଇପୁର ଗ୍ରାମପଞ୍ଚାୟତର ବରିଷ୍ଠ ବିଜେଡି ନେତା ପିନାକୀ ରଞ୍ଜନ ଦାସ, ପାଟରଙ୍ଗା ଗ୍ରାମପଞ୍ଚାୟତର ବରିଷ୍ଠ ନେତା ମନ୍ମଥ ନାୟକ ଏବଂ ଗୋଳେଇପୁର ଗ୍ରାମପଞ୍ଚାୟତ ମସୁଦପୁର ଗ୍ରାମର ଉଲ୍ଲାଶ ବନ୍ଧୁ ପୃଷ୍ଟି, ପ୍ରଶାନ୍ତ ମଳିକ,



ଆଲୋକ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ମନୋଜ ମଲ୍ଲିକ, ମାନସ ମଲ୍ଲିକ, ରାଜୁ ମଲ୍ଲିକ, ସୁରଜ ମଲ୍ଲିକ, କେଶବ ମଲ୍ଲିକ, ଶରତ ମଲ୍ଲିକ, ଚୈତନ ମଲ୍ଲିକ, ସଂଜୟ ମଲ୍ଲିକ, କାବୁଲି କୁଅଁର, ଗୌରପୁର ଗ୍ରାମପଞ୍ଚାୟତର ବିଶ୍ୱନାଥ ଦାଶ, ରାଜେନ୍ଦ୍ର ତରାଇ, ଜଗନ୍ନାଥ ଜେନା ପ୍ରମୁଖ ଶ୍ରୀ ଦାସନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି. ବିଜେପି ଦଳ ଯେଉଁ ଗୁରୁଦାୟିତ୍ୱ ଦେବ ତାକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ଶପଥ ନେଇଥିଲେ । କୋରେଇ ବ୍ଲକ୍ ପାଟରଙ୍ଗା, କନ୍ତୋର, ବଡବିରୁଆଁ ଓ ତଣ୍ଡରା ଗ୍ରାମପଞ୍ଚାୟତର ଶତାଧିକ କର୍ମୀ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ. ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଆକାଶ ଦାସନାୟକଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ

ନିମାପଡା, (ସବ୍ୟୁ): ଏହି ବ୍ଲକ ବଡଶିରିବିଳା ପଂଚାୟତ ଅନ୍ତର୍ଗତ ବଡଗାଁ ମା ପୁଲଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅଧିବାସ, ନାମଯଜ୍ଞ, ନଗରକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ହରେ କୃଷ୍ଣ ହରେ ରାମରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇ ଉଠିଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବଡଗାଁ ର ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ ।

# ମହାନ୍ତିପାଟଣା ବାଦିପାଲା ମହୋତ୍ସବ

ଫୁଲନଖରା, (ସବ୍ୟୁ) : ପାହାଳ ଥାନା ଅନ୍ତର୍ଗତ ମହାନ୍ତିପାଟଣା ଗ୍ରାମରେ ୧୨୬ ତମ ବାର୍ଷିକ ବାଦି ପାଲା ମହୋତ୍ସବ ମା ବନଦୁର୍ଗାଙ୍କ ପୀଠସ୍ଥିତ ପାଲା ମଣ୍ଡପରେ ଉଦଯାପିତ ହୋଇଛି । ମହାନ୍ତିପାଟଣା ସତ୍ୟନାରାୟଣ ପାଲା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ପଞ୍ଚ ଦିବସୀୟ କାର୍ଯକ୍ରମରେ ଗାୟକ ପୁରାଣ ଜ୍ଞାନ ସାଗର ବସନ୍ତ କୁମାର ରାଉତ ଓ ସାଥି ଏବଂ ଗାୟକ ଯୁବ ଜୋତି ଦୁର୍ଯଧନ ନାୟକ ଓ ସାଥି ପାଲା ପରିବେଷଣ କରୁଛନ୍ତି । ଆଖପାଖ ଅଞ୍ଚଳର ବହୁ ପାଲା ପ୍ରେମୀ ଏହି ପାଲା ମହୋତ୍ସବ ଦେଖିବା ପାଇଁ ଭିଡ଼ ହୋଇଥିଲେ । ଉଦଯାପନୀ ଦିବସରେ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳର ମୁରବି , ଗ୍ରାମର ଦୁଇ ଜଣ ଉଦମାନ ଯୁବକ ଏବଂ କଟକ ସଦର ପ୍ରେସ କ୍ଲବର ଓ ଟୁଇନସିଟି ପ୍ରେସ କ୍ଲବର ସଦସମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହାନ୍ତିପାଟଣା ଗ୍ରାମ କମିଟି ଓ ଗ୍ରାମବାସୀ କାର୍ଯକ୍ରମ ପରିଚାଳନା କରିଛନ୍ତି ।

# ଘର ଭାଙ୍ଗି ଧାନ ଚାଉଳ ଖାଇଲା ହାତୀ



ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମୂଷାଖୋରି ଗ୍ରାମର ମାଂଡୁଆ ସାହିର ରଶ୍ମିତା ମୁଣ୍ଡାଙ୍କ ଘର ଭାଙ୍ଗି ଧାନ ଚାଉଳ ସହ ଭାତ ଖାଇ ଖାଇଥିବା ଜଣାପଡିଛି। ଘର କାନ୍ଥ ସମ୍ପୂର୍ଣ୍ଣ ଭାଙ୍ଗି ଦେଇ ଥିଲା ବେଳେ ରଶ୍ମିତାଙ୍କ ପରିବାର ଅଳ୍ପକେ ରକ୍ଷା ପାଇଛନ୍ତି। ସେହିପରି ବଡ଼ ଧନୁର୍ଜ୍ଜୟପୁର ଗାଁର ଟୁନା ମାଝୀଙ୍କ ଘର କାନ୍ଥ କଣା କରି ଧାନ ଚାଉଳ ଖାଇଛି।ଘଟଣା ସ୍ଥଳରେ ପାଟଣା ଫରେଷ୍ଟ ରେଞ୍ଜ କର୍ମଚାରୀ ଆସି ଫଟୋ ଉଠାଇ ନେଇଛନ୍ତି । ତେବେ କ୍ଷତିପୂରଣ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ବାପର କଟୁରୀ ଚୋଟରେ ପୁଅ ଗୁରୁତର

ମାହାଙ୍ଗା (ସବ୍ୟୁ) : ମାହାଙ୍ଗା ଥାନା ଲଳିତଗିରି ପଂଚାୟତରେ ଘଟିଛି ଅଭାବନୀୟ ଘଟଣା । ମାତ୍ର ୧୦୦ ଟଙ୍କା ପାଇଁ ବାପ ପୁଅକୁ ହାଣିଥିବା ସ୍ୱୀକାର କରିଛି । ଲଳିତଗିରି ଅଂଚଳରେ ଏହି ଲୋମଟାଙ୍କୁରା ଘଟଣା ସାରା ମାହାଙ୍ଗାରେ ଆଲୋଡନ ସୃଷ୍ଟି କରିଛି । ସୂଚନା ମୁତାବକ ଶୋଇଥିବା ଅବସ୍ଥାରେ ବାପ ମାନସ ବେହେରା ପୁଅ ଅଜିତ୍ ବେହେରାଙ୍କ ବେକକୁ କଟୁରୀରେ ହାଣି ଦେଇଥିଲେ । ପ୍ରଥମେ ଚିକିତ୍ସା ପାଇଁ ପୁଅକୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରାଯାଇଥିଲା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ପୁଅକୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଇଛି । ପୁଅ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି । ପାରିବାରିକ କନ୍ଦଳ ପାଇଁ ଏଭଳି ଘଟଣା ଘଟିଥିବା ସାଧାରଣରେ ଶୁଣିବାକୁ ମିଳିଛି । ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରୀ ରଖିଛି । ଅପରାଧି ବାପାକୁ ଉପଯୁକ୍ତ ଶାସ୍ତି ଦେବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ମା' ସୁବର୍ଣ୍ଣମୁଖିଙ୍କ ଚଡକ ଯାତ୍ରା ଉଦ୍‌ଯାପିତ

ଭଣ୍ଡାରିପୋଖରୀ,(ସବ୍ୟୁ):ଏହି ବ୍ଲକର ନେରଡା ପଞ୍ଚାୟତ ଅନ୍ତର୍ଗତ ନେରଡା ଗ୍ରାମ ବୈତରଣୀ ନଦୀ କୂଳରେ ମା' ସୁବର୍ଣ୍ଣମୁଖିଙ୍କ ଚଡ଼କ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ ତାରିଖ ନିଶାର୍ଦ୍ଧରେ ନିଶାବଳୀ ସହ ୧୩ ତାରିଖ ପଣା ସଙ୍କ୍ରାନ୍ତୀ ପ୍ରତ୍ୟୁଷରେ ଘଣ୍ଟା, କୁକ୍କଟ, ସୁନା ମୋକଟ, ରୂପା ମୋକଟ, ମାଟି ଘୋଡ଼ିଁ, ଷୋଡଶଉପଚାର ପୂଜା ସହ ଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ସନ୍ଧ୍ୟାରେ ମେଲୋଡି ଓ ଅପେରା ଅନୁଷ୍ଠିତ ହୋଇଥିଲା। ପର୍ବପାଳନ ଦିନମାନଙ୍କରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ପୂରଣ ହୋଇଥିବା ଭକ୍ତଙ୍କ ପକ୍ଷରୁ ମା'ଙ୍କ ଉଦ୍ଦେଶ୍ୟରେ କୁକୁଡା ଛାଡ କରାଯାଇଥିଲା। ଏହାସହ ଚଳିତ ବର୍ଷ ନୂତନ ଭାବେ ମନାସୀଥିବା ଭକ୍ତମାନେ ଆସନ୍ତା ବର୍ଷ ମାନସିକ ପୂରଣ ହେଲେ ଆଗାମୀ ବର୍ଷ ଯାତ୍ରା ସମୟରେ ମା'ଙ୍କ ପାଇଁ ଉପଚାର କରିବେ ବୋଲି ମା'ଙ୍କୁ ଗୁହାରୀ କରୁଥିବା ଦେଖାଯାଇଥିଲା। ଅନ୍ତିମ ଦିବସରେ ବିପୁଳ ଲୋକଙ୍କ ସମାଗମ ହେଇଥିଲା। ଯାତ୍ରାର ଶେଷ ଦିନରେ କାଳିସୀ ମାଗୁଣି ଦଳାଇକୁ ହୋଇଥିବା ସ୍ୱପ୍ନାଦେଶ ଅନୁଯାୟୀ ବୈତରଣୀ ନଦୀରେ ଭାସମାନ ଅବସ୍ଥାରେ ଥିବା ପୂର୍ବ ବର୍ଷର ଚରଖ ଖୁଣ୍ଟି ଅଣାଯାଇ ଚରଖ ବନ୍ଧାଯାଇଥିଲା। ଚରଖ ଖୁଣ୍ଟରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ ଦୋଳି ଖେଳାଯାଇଥିଲା। ମା'ଙ୍କ ଦୋଳି ଖେଳ ପରେ ପାଟୁଆ, ଦେହୁରୀ କୃଷ୍ଣ ମାଝୀ ଓ ସାଥି ଓ ସାଧାରଣ ଭକ୍ତଗଣ ଦୋଳି ଖେଳିଥିଲେ। ବିଧିମତେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯିବା ପରେ ଯାତ୍ରା ସମାପ୍ତି ଘୋଷଣା କରାଯାଇଥିଲା। ପୂର୍ବ ଭଳି ଚରଖ ଖୁଣ୍ଟକୁ ବୈତରଣୀ ନଦୀରେ ଭସାଇ ଦିଆଯାଇଥିଲା। ପ୍ରଥା ଅନୁଯାୟୀ ଉକ୍ତ ଚରଖ ଖୁଣ୍ଟ ବନ୍ୟା ସ୍ରୋତରେ କେବେ ଭାସିଯାଏ ନାହିଁ। ଏହି ଘଟଣା ମା'ଙ୍କ ଅଲୌକିକ ଲୀଳା ମଧ୍ୟରୁ ଅନ୍ୟତମ ବୋଲି ସ୍ଥାନୀୟ ଲୋକେ ତଥା ପୂଜକ ବ୍ରଜ କିଶୋର ପଣ୍ଡା ମତ ରଖନ୍ତି। ସ୍ଥାନୀୟ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ବନ୍ଦୋବସ୍ତ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ସୂଚନା କେନ୍ଦ୍ର ପ୍ରତିଷ୍ଠା ହେବା ସହ ଯାତ୍ରୀମାନଙ୍କୁ ସହାୟତା ନିମନ୍ତେ ସ୍ୱେଚ୍ଛାସେବୀ ନିଯୁକ୍ତି ଦିଆଯାଇଥିଲା। ଚଡକ ଯାତ୍ରା କମିଟି ଓ ଗ୍ରାମବାସୀମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ

ବେତନଟୀ ,(ସବ୍ୟୁ) :ରବିବାର ଆନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ମୟୂରଭଞ୍ଜ ଜିଲ୍ଲା ସମେତ ବିଭିନ୍ନ ବ୍ଲକରେ ବେସରକାରୀ ସଂଗଠନ ଦ୍ୱାରା ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ବେତନଟୀର ସିଭିଲ ସୋସାଇଟି, ବେତନଟୀ ବ୍ଲକ ପ୍ରେସ କ୍ଲବ ,ଅବସରପ୍ରାପ୍ତ କର୍ମଚାରୀ ସଂଘ ଙ୍କ ମିଳିତ ପ୍ରଚେଷ୍ଟାରେ ବେତନଟୀ ଚଣ୍ଡି ମନ୍ଦିର ଛକ ସ୍ଥିତ ମଧୁବାବୁ ଓ ଡାକ୍ତରଖାନା ପରିସରରେ ଥିବା ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ସଫେଇ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା,ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସାମ୍ବାଦିକ ସଦାଶିବ ଲେଙ୍କା, ଅବସରପ୍ରାପ୍ତ ସଂଘ ତରଫରୁ ରବିନ୍ଦ୍ରନାଥ ମିଶ୍ର ଓ ସିଭିଲ ସୋସାଇଟି ତରଫରୁ ରବିନ୍ଦ୍ର ପ୍ରଧାନ ଓ ଶ୍ରୀଧର ସେଠୀ ଏବଂ ସମାଜସେବୀ କାହ୍ନୁ ଭାଇ ଆଦି ଯୋଗଦାନ କରିଥିଲେ ।ଏହି ଦିବସ ଦ୍ୱାରା ଅବହେଳିତ ହୋଇ ପଡ଼ିରହିଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀ ଗୁଡିକର ପ୍ରକୃତ ଯତ୍ନ ହୋଇ ପାରିଥିବାରୁ ସର୍ବସାଧାରଣ ରେ ଏହାକୁ ପ୍ରଶଂସା କରାଯାଇଛି ।

## ମରଣାନ୍ତକ ଆକ୍ରମଣ ମାମଲା ଅଭିଯୁକ୍ତ କୋର୍ଟଚାଲାଣ

ପାଣିକୋଇଲି,(ସବ୍ୟୁ) ଦୀର୍ଘ ୩ମାସ ପରେ ମରଣାନ୍ତକ ଆକ୍ରମଣର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିଫ କରିବାରେ ସକ୍ଷମ ହୋଇଛି । ଗିରଫ ପରେ ରବିବାରଦିନ ତାକୁ କୋର୍ଟ ଚାଲାଣ କରିଛି ପୁଲିସ । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର କୁରୁପଦା ଗ୍ରାମରେ ଗତ ଜାନୁଆରୀ ୨୩ ତାରିଖ ଦିନ ଏକ ଗଣ୍ଡୋଗୋଳ ଘଟି ମରଣାନ୍ତ ଆକ୍ରମଣ ହୋଇଥିଲା । ଏନେଇ କୁରୁପଦା ଗ୍ରାମର ଗଙ୍ଗାଧର ଦାସଙ୍କ ପୁଅ ସୁଦର୍ଶନ ଦାସ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ପୂର୍ବ ଶତ୍ରୁତ୍ରାକୁ କେନ୍ଦ୍ର କରି ତାଙ୍କ ଗ୍ରାମର ଜଗନ୍ନାଥ ଦାସଙ୍କ ପୁଅ ତ୍ରିଲୋଚନ ଦାସ ତାକୁ ଜିନିଷ କ୍ରମୟ ସମୟରେ ସହଯୋଗୀ ସହ ତାଙ୍କୁ ଲୁହାରଡରେ ପିଟି ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗ ପରେ ପୁଲିସ ଏକ ମାମଲା ୫୭/୨୪ ରୁଜୁ କରି ତଦନ୍ତ ଜାରିରଖିଥିଲା । ମାତ୍ର ତ୍ରିଲୋଚନ ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିଲା । ପୁଲିସ ତାର ଗତିବଧି ଉପରେ ନଜର ରଖି ତାକୁ ଶନିବାର ଗିରଫ କରିବା ପରେ ଆଜି ଅଭିଯୁକ୍ତ ତ୍ରିଲୋଚନ ଦାସ (୪୨)କୁ ଅଦାଲତ ଚାଲାଣ କରିଛି ।

## ଶୁଭଶ୍ରୀର ଚଇତି ଆସର

ଏରସମା,(ସବ୍ୟୁ) : ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ଚୈତ୍ର ମାସର ବିଶେଷତ୍‌କୁ ନେଇ ଏକ ଆଲୋଚନା ଚକ୍ର ଓ କବିତା ଆସର ମା ଉତ୍ତରେଶ୍ୱରୀଙ୍କ ମନ୍ଦିର ପରିସରରେ ଅନୁଷ୍ଠାନର ସମ୍ପାଦିକା ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ୍ ଓ ସଭାପତି ପ୍ରେମ ଚରଣ ରାଉତଙ୍କ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦ କାର୍ଯ୍ୟକାରୀ ସଭାପତି ନାଗୁ ଚରଣ ଦେବତା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ଆଇନଜୀବୀ ମଞ୍ଜୁଲତା ରାଉତ ଯୋଗଦେଇ ଚୈତ୍ର ମାସରେ କୈବର୍ତ୍ତ ମାନଙ୍କର ଶୃଙ୍ଖଳିତ ଦର୍ଶନଧାରା ସମ୍ପର୍କରେ ଅବଗତ କରାଇଥିଲେ ।ମୁଖ୍ୟ ବକ୍ତା ଭାବେ ରାଜ୍ୟ ସଂଗଠକ ନଗେନ୍ଦ୍ର ନାଥ ସ୍ୱାଇଁ,ବରେଣ୍ୟ ଅତିଥି ଭାବେ ଗଙ୍ଗୋତ୍ରୀ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ,ହୃଷିକେଶ ଜେନା,ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ କୁମାର ନାୟକ ସାଂପ୍ରତିକ ପରିସ୍ଥିତିରେ ଯୁବକ ମାନଙ୍କୁ ଏହି ସାମିଲ କରାଇବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ । କଥା ପୁରସ୍କାରପ୍ରାପ୍ତ ଗାଳ୍ପିକ ଦୀପ୍ତି ଖଣ୍ଡୁଆଳ ଚୈତ୍ର ପର୍ବ ମାହାତ୍ମ୍ୟ ଉପରେ ଲିଖିତ କବିତା ଗୁଡ଼ିକର ସମୀକ୍ଷା କରିବାସହ ଆଗାମୀ ଦିନରେ କିପରି ଏହାକୁ ସୁଦୂର ପ୍ରସାରୀ କରିହେବ ସେ ଦିଗରେ ତତ୍ପର ହେବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ।ଇଂଜିନିୟର ପଦ୍ମନାଭ ରାଉତ ବିଶିଷ୍ଟ ଅତିଥି ଭାବେ ପାରମ୍ପରିକ ପର୍ବ ପାଳନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ ।ଛଏହି ଉଦ୍ୟମୀ ଯୁବ ପ୍ରତିଭାଧର ମୃତ୍ୟୁଞ୍ଜୟ ଜୟସିଂହ,ଯୁବ ସାମ୍ବାଦିକ ତୃପ୍ତି ରଞ୍ଜନ ମହାନ୍ତି ଓ ଡଃ ତନ୍ମୟ କୁମାର୍ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଞ୍ଚଳିକ ପୂଜ୍ୟ ପୂଜା ସଂସଦ ସମ୍ପାଦକ କେଶରୀ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ରଘୁନାଥପୁର ପୋଲିସର ଫ୍ଲାଗମାର୍ଚ୍ଚ

ରଘୁନାଥପୁର, (ସବ୍ୟୁ):୨୦୨୪ ସାଧାରଣ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ରଘୁନାଥପୁର ପୋଲିସ ପକ୍ଷରୁ ରବିବାର ଦିନ ରଘୁନାଥପୁର ବିଭିନ୍ନ ଅଂଚଳରେ ଫ୍ଲାଗମାର୍ଚ୍ଚ କରା ଯାଇଥିଲା। ଏହି ଫ୍ଲାଗ ମାର୍ଚ୍ଚ ରଘୁନାଥପୁର ଥାନା ନିକଟରୁ ବାହାରି ରଘୁନାଥପୁର ମେଡିକାଲ ଛକ, ବଡ ବଜାର, ନୂଆ ବଜାର, ନାରାୟଣୀ ଛକ, ମଙ୍ଗଳା ଛକ, ବଡଦାଣ୍ଡ, ଜଗନ୍ନାଥତୋଳା, ଘାଟକୁଳ, ବାମ୍ଫିତୋଳା, ବାଗସାହି, ରଙ୍ଗବଜାର, ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିର, ହାଟ ବଜାର, ଜଗନ୍ନାଥପୁର ବଜାର, ମହେନ୍ଦ୍ରସାହୁ ଛକ, ଗୋପାଳପୁର ଆଦି ସ୍ଥାନ ପରିକ୍ରମା କରିଥିଲା। ଏହାପରେ ତାରପୁର ବାଇପାସ,ପୁରୁଣା ବଜାର ଅତିକ୍ରମ କରି ଏହି ଫ୍ଲାଗ ମାର୍ଚ୍ଚ ରେଢୁଆ ହାଟ, ମେଡିକାଲ ଛକ, ହାଇସ୍କୁଲ, ରାମ ମନ୍ଦିର ପରେ କଲେଜ ଛକରେ ପହଂଚିଥିଲା। ଏହି ଫ୍ଲାଗମାର୍ଚ୍ଚରେ ତିର୍ତୋଲ ଏସଡିପିଓ ଚିନ୍ମୟ ରାଉତଙ୍କ ନେତୃତ୍ୱରେ ଅତିରିକ୍ତ ଆଇଆଇସି ରଶ୍ମୀବାଳା ସେଠୀ,ଉପ ନିରିକ୍ଷକ ଯୋଗେଶ୍ୱର ବେହେରା, ଏଏସଆଇ ସଂଜୟ କୁମାର ଦଣ୍ଡପାଟ ଏବଂ ୧୧୩ଜଣ ସିଆରପି ପୋଲିସ ଯୋଗ ଦେଇଥିଲେ।

## ସ୍ୱାଭିମାନ ମାହାଙ୍ଗାର ଜଳଛତ୍ର ପ୍ରଦାନ

କୁଆଁପାଳ,(ସବ୍ୟୁ):ସ୍ୱାଭିମାନ ମାହାଙ୍ଗା ପକ୍ଷରୁ ପଲ୍ଲୀସାହି ପଞ୍ଚାୟତ ଶୁକ୍ଳେଶ୍ୱର ଠାରେ ଏକ ଜଳ ଛତ୍ର ସ୍ୱାଭିମାନ ମାହାଙ୍ଗାର ଅଧକ୍ଷ ସମାଜସେବୀ ଜୟନ୍ତ ଦାସଙ୍କ ତତ୍ତ୍ୱାବଧାନରେ ପଥଚାରି ମାନଙ୍କୁ ପ୍ରତ୍ୟେହ ଦହିପଣା ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମ ଦାଉରେ ତୃଷାର୍ତ୍ତ ମାନଙ୍କୁ ଅଭୟ କୁମାର ଦାସ,ପ୍ରଦୀପ୍ତ କୁମାର ଦାସ,ସଞ୍ଜୟ କୁମାର ଦାସ,ପ୍ରଭୁଦତ୍ତ ଦାସ,ସ୍ମୃତି ରଞ୍ଜନ ଦାସ,ଭବାନୀ ଶଙ୍କର ସାହୁ ଓ ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ଦହିପଣା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଖରାଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣା ଯାଇଛି।

## ଶ୍ରୀରାମ ନବମୀ ମହୋତ୍ସବ କମିଟିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଢେଙ୍କିକୋଟ ,(ସବ୍ୟୁ) :ଢେଙ୍କିକୋଟ ଠାରେ ଥିବା ଶ୍ରୀରାମ ନବମୀ ମହୋତ୍ସବ କମିଟି ୩୩ ତମ ବାର୍ଷିକ ଉତ୍ସବର ୩ୟ ସନ୍ଧ୍ୟାରେ ଢେଙ୍କିକୋଟ ଠାରେ ଥିବା ସବୁ ଅନୁଷ୍ଠାନ ଗୁଡିକୁ ସମ୍ବର୍ଦ୍ଧିତ କରିଛି। ଶ୍ରୀ ଦୁର୍ଗା ପୂଜା କମିଟି, ଶାରଦୀୟ ଦୁର୍ଗାପୂଜା କମିଟି,ମା ଶ୍ୟାମା କାଳୀପୂଜା କମିଟି,ମହାଲକ୍ଷ୍ମୀ ପୂଜା କମିଟି,ଲକ୍ଷ୍ମୀନାରାୟଣ ପୂଜା କମିଟି, ଶ୍ରୀ ଜଗନ୍ନାଥ କମିଟି, ବାବା ବିଶ୍ୱନାଥ ଶିବମନ୍ଦିର କମିଟି ସମେତ ବିନନ୍ଦାସ କ୍ଲବ ଓ ଦିଲଦାର୍ କ୍ଲବ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଉଦଘୋଷକ ସଂଜୟ କୁମାର ସାହୁ । କମିଟିର ସଭାପତି ରାଜ କିଶୋର ସଝହୁ,ସମ୍ପାଦକ ମକରଧୋଜ ସଝହୁ,କୋଷାଧକ୍ଷ ତୃପ୍ତି ରଂଜନ ସଝହୁ,ଉପ ସଭାପତି କୃପାସିନ୍ଧୁ ଦଳେଇ,ସହ ସମ୍ପାଦକ ଅଶେଷ କୁମାର ସାହୁଙ୍କ ସମେତ ବେଣୁଧର ସାହୁ,ଜଗନ୍ନାଥ ଦାସ୍, ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସମ୍ବର୍ଦ୍ଧିତ ଅନୁଷ୍ଠାନ ଗୁଡିକୁ ଉତ୍ତରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ନିମନ୍ତ୍ରିତ ଅତିଥି ମାନେ ଯୋଗଦେଇଥିଲେ ।

# ଟାଟା ଷ୍ଟିଲ୍ ଯୋଡା ପକ୍ଷରୁ ଜାତୀୟ ଅଗ୍ନି ସେବା ସପ୍ତାହ ପାଳିତ




କେନ୍ଦୁଝର /ଯୋଡା, (ସ୍ୱପ୍ର/ ସବ୍ୟୁ) :ଜନସାଧାରଣ, କର୍ମଚାରୀ, ଯୁବ ଗୋଷ୍ଠୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରେ ଟାଟା ଷ୍ଟିଲ ଯୋଡା ପକ୍ଷରୁ ସପ୍ତାହବ୍ୟାପୀ ଜାତୀୟ ଅଗ୍ନି ସେବା ସପ୍ତାହ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଅପ୍ରେଲ ୧୪ ରୁ ଆରମ୍ଭ ହୋଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ମକଡ୍ରିଲ ମାଧ୍ୟମରେ ଅପ୍ରେଲ ୨୦ ତାରିଖ ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମ ଉଦଘାଟନୀ ଉତ୍ସବରେ ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର ମୁଖ୍ୟ ଅତିଥି ଏବଂ ପ୍ରୋସେସିଂ ଏବଂ ଲଜିଷ୍ଟିକ ମୁଖ୍ୟ ନାରାୟଣ ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅଗ୍ନିଶମ ବାହିନୀର ନିଷ୍ଠାପର ସେବା ପାଇଁ ସାଧୁବାଦ ଣାଇଥିଲେ।ଉଦଯାପନୀ ଉତ୍ସବରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ ଉତ୍କୃଷ୍ଟ ସେବା ପାଇଁ ଅଗ୍ନିଶର୍ମ ଚାରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି ସପ୍ତାହ ବ୍ୟାପୀ ୍ୟକ୍ରମରେ ଯୋଡା ଇଷ୍ଟ, ଖଣ୍ଡବଣ୍ଡ ଲୌହ ଖଣି ସହ ସାହି, ବିଭିନ୍ନ ବସ୍ତି ଏବଂ ପାର୍ଶ୍ୱବର୍ତ୍ତୀ ସ୍କୁଲ ଗୁଡିକ ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହା ବ୍ୟତୀତ ବିଶେଷଜ୍ଞଙ୍କ ଅଗ୍ନିଶମ କର୍ମଚାରୀ ଙ୍କ ଦ୍ୱାରା ଅଗ୍ନି ନିରାପତ୍ତା ର ପ୍ରତ୍ୟକ୍ଷ ର୍ଶନ,ଅଗ୍ନି ଓ ଉଦ୍ଧାର ଉପକରଣ ପ୍ରଦର୍ଶନ ଓ କର୍ମଚାରୀ ଙ୍କ ପାଇଁ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ନିଆଁ କୁ କିଭଳି ଆୟତ୍ତ କରିହେବ,ନିଆଁ ଲିଭା ଯନ୍ତ୍ର କୁ କିଭଳି ସଠିକ୍ ବ୍ୟବହାର କରିହେବ ଏବଂ ନିଆଁ ଲାଗିବା ସମୟରେ କେଉଁ ଜିନିଷ ପ୍ରତି ଗୁରୁତ୍ୱ ଦିଆଯିବ ସେହି ଦିଗରେ ଆଲୋଚନା କରାଯାଇଥିଲା । ଏତଦବ୍ୟତୀତ, ମକଡ୍ରିଲ ମାଧ୍ୟମରେ ନିଆଁ ଲିଭାଇବା ଉପାୟ ଦର୍ଶା ଯାଇଥିଲା ଯାହା ସମସ୍ତଙ୍କ ପାଇଁ ଖୁବ୍ ଶିକ୍ଷଣୀୟ ଥିଲା । ଅଗ୍ନିଶମ ଟିମ ଘର, ଅଫିସ, ଶିକ୍ଷାନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଧୂଆଁ ଡ଼ିଟେ ମେସିନ୍ ଲଗାଇବାକୁ ପରାମର୍ଶ ଦେଇଥିଲେ । ଖଣି ରେ ସମସ୍ତଙ୍କ ସହ କର୍ମଚାରୀ ମାନେ ଅଗ୍ନି ସୁରକ୍ଷା ଶପଥପାଠ କରି ଏହି ସମୟରେ ଅନ୍ୟ ମାନଙ୍କର ଜୀବନ ବଞ୍ଚାଇବାକୁ ଶପଥ କରିଥିଲେ ।

## ସାଇବର ଠକେଇର ଶିକାର

ଆଗରପଡ଼ା, (ସବ୍ୟୁ):ସ୍ଥାନୀୟ ଚକ୍ରାପାଢ଼ୀ ଗ୍ରାମର ଅଲେଖ ସାହୁ ସାଇବର ଠକେଇର ଶିକାର ହୋଇ ୯୫ ହଜାର ଟଙ୍କାର ରଣଗ୍ରହିତା ହୋଇପଡ଼ିଥିବାର ଜଣାପଡ଼ିଛି। ତାଙ୍କ କହିବାନୁଯାୟୀ ସେ ଏକ ଆପ୍ଲିକେଶନ ଆପ ମାଧ୍ୟମରେ ଅର୍ଥ ନେଣଦେଣ କରିଥାନ୍ତି। କିଛିଦିନ ପୂର୍ବେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ତିନିଦଫାରେ ୯୫ହଜାର ଟଙ୍କା ଜମା ହୋଇ ପୁଣି ତାଙ୍କ ଅଜାଣତରେ ଅନ୍ୟାନ୍ୟ ଆକାଉଣ୍ଟକୁ ଏହି ଟଙ୍କା ଟ୍ରାନ୍ସଫର ହୋଇଥିଲା ବୋଲି ସେ ବାଲାନ୍ସ ଚେକ କରିବା ପରେ ଜାଣିବାକୁ ପାଇଥିଲେ। ଏବେ ସେହି ଆପ୍ଲିକେଶନ ଆପ ତରଫରୁ ଅଲେଖଙ୍କୁ ଏହା ରଣଟଙ୍କା ଦର୍ଶାଇ ସୁଝିବାକୁ ବାରମ୍ବାର କୁହାଯାଉଛି। ସେ ଠକେଇର ଶିକାର ହୋଇଥିବା ଦର୍ଶାଇ ଆଇନର ଆଶ୍ରୟ ନେଇଥିବାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।

## ଜଗନ୍ନାଥ ପାଣି ଥିଲେ ଉତ୍କଳର ଅମୃତ ସନ୍ତାନ

ଭଦ୍ରକ,(ସବ୍ୟୁ):ଜଗନ୍ନାଥ ପାଣି ଥିଲେ ଉତ୍କଳର ଅମୃତ ସନ୍ତାନ ବୋଲି କବିଙ୍କ ଜନ୍ମ ପୀଠ ନଳାଙ୍ଗ ଠାରେ ବରେଣ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ କବିଙ୍କ ୧୮୮ତମ ଜନ୍ମ ଜୟନ୍ତୀରେ ସ୍ମୃତି ପୀଠରେ ଏକତ୍ରିତ ହୋଇ ପ୍ରତିମୂର୍ତ୍ତୀରେ କବିଙ୍କୁ ମାଲ୍ୟାର୍ପଣ କରିବା ସହ ଜଗନ୍ନାଥ ପାଣିଙ୍କ ପରି ମହାନ ପ୍ରତିଭାକୁ ଜନ୍ମ ଦେଇ ଉତ୍କଳ ଜନନୀ ଧନ୍ୟା ବୋଲି କହିଥିଲେ । ଅତିଥି ମାନଙ୍କ ମରେ ପଣ୍ଡିତ ସଂଗ୍ରାମ ଆଶ୍ଚର୍ଯ୍ୟ, ଅଧାପକ ନିହାର ରଞ୍ଜନ କର,ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧାପକ ମାଧବ ଚନ୍ଦ୍ର ପତି, ବିଷ୍ଣୁ ପାଣି, ରାଧାମୋହନ ଲେଙ୍କା ସରପଞ୍ଚ, କଳାକାର କାଳିନ୍ଦୀ ମଲ୍ଲିକ, ସୁବାସ ଚନ୍ଦ୍ର ମଲ୍ଲିକ, ପିତାମ୍ବର ମଲ୍ଲିକ, ନିରଞ୍ଜନ ସାଇଁ, ଅଶୋକ କୁମାର ପାଣି, ରାମନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ଜେନା, ସନ୍ତୋଷ କୁମାର ଭୋଇ, ସନ୍ତୋଷ କୁମାର କର, ବିକ୍ରମ କୁଅଁର, ଗୌରାଙ୍ଗ ବାରିକ, କରୁଣାକର ଓଝା, ସୁଜିତ୍ କୁମାର ନାୟକ, କେଶବ ଚନ୍ଦ୍ର ପରିଡ଼ା, ଭାଗିରଥ ନାୟକ, ସସ୍ମିତା ମହାନ୍ତି ବିଜୟ କୁମାର ସାହୁ, ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

## ତାଟୋ ସାପ୍ତାହିକ ହାଟ ନିକଟରୁ ମହୁଲ ଫୁଲ ଜବତ

କରଞ୍ଜିଆ ଏ (ସବ୍ୟୁ) :କରଞ୍ଜିଆ ବ୍ଲକ ତାଟୋ ସାପ୍ତାହିକ ହାଟ ନିକଟରେ ଏକ ଘରେ ବହୁ ପରିମାଣର ଗଛିତ ଥିବା ମହୁଲ ଫୁଲ ବିଷୟରେ ଖବର ପାଇ କରଞ୍ଜିଆ ପୋଲିସ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲ୍ଲିକ ସଦଳବଳେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ ସମୟରେ ଚଢ଼ାଉ କରିଥିଲେ।ଏହି ଚଢ଼ାଉରେ ୩୨ ବୁରା ମହୁଲ ଫୁଲ ମୋଟ ୧୨୮୦ କିଲୋ ସେଠାରୁ ଜବତ କରିଛି ପୋଲିସ।ଏହି ଚଢ଼ାଉ ରେ ସହକାରୀ ଇନ୍ସପେକ୍ଟର ବଳରାମ ମହାରଣା, ହାବିଲଦାର ଦୁର୍ଯୋଧନ ମହାନ୍ତ,ଅଶ୍ୱିନୀ କୁମାର ମହାନ୍ତ,ପ୍ରଭାକର ମହାନ୍ତଙ୍କ ସହ ଓଡ଼ିଶା ଆର୍ମ୍ଡ ପୋଲିସ ଫୋର୍ସ ଦଳ ସାମିଲ ଥିଲେ ଛଏବିଷୟରେ କରଞ୍ଜିଆ ଥାନାରେ ୧୩୯/୨୪ ନମ୍ବର କେଶ୍ ରୁଜୁ କରାଯାଇଛି। ତେବେ ଘଟଣାସ୍ଥଳରୁ ଘର ମାଲିକ ସନ୍ତୋଷ କୁମାର ରାମ ଫେରାର ହୋଇଯାଉଥିବା ବେଳେ ରରୁଆଁ ପୋଲିସ ହାତରେ ଧରା ପଡିଛି।ତାର ନାଁ ରେ ପୂର୍ବରୁ ରରୁଆଁ ଥାନାରେ କେଶ୍ ଥିବାରୁ ଶନିବାର ଦିନ ତାକୁ ଧରି କୋର୍ଟ ଚାଲାଣ କରାଯାଇଛି ବୋଲି ରରୁଆଁ ଥାନା ଭାରପ୍ରାପ୍ତ ଅଧିକାରୀ ସୁମନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ କିଛି ଦିନ ମଧ୍ୟରେ କରଞ୍ଜିଆ ଥାନା ଅଧୀନରେ ଥିବା ଜରାସାହୀ ଓ ବଡରାମଚନ୍ଦ୍ରପୁର ଠାରୁ ୨୦ ହଜାର କିଲୋ ମହୁଲ ପୋଚ ଓ ୩୮୦ ଲିଟର ଦେଶୀ ମଦ ପୋଲିସ ଜବତ କରିଥିଲା ଏବଂ ୨ ଜଣକୁ ଗିରଫ କରିଥିଲା।

## ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାଙ୍ଗଠନିକ ଶକ୍ତିବୃଦ୍ଧି ପାଇଁ ସଂଗ୍ରାମ ଜାରି

ବାଲେଶ୍ୱର,(ସବ୍ୟୁ) :ଆମେ ଦୀର୍ଘ ୧୦ବର୍ଷ ଧରି ସାଂଗଠନିକ ଭାବେ ଯେଉଁସବୁ ଦାବି ଉପସ୍ଥାପନ କରି ଆସୁଛୁ ରାଜ୍ୟ ସରକାର ତନ୍ମଧ୍ୟରୁ ଅନେକ ଦାବି ପୂରଣ କରିଛନ୍ତି । ତେଣୁ ଆମେ ସରକାରଙ୍କୁ ମଧ ସହଯୋଗ ଓ ସାହାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଛୁ । ଓଡ଼ିଶା ଶିଳ୍ପୀ ମହାସଂଘ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବାଲେଶ୍ୱର ଜିଲ୍ଲା ହସ୍ତଶିଳ୍ପୀ ଓ ବୁଣାକାର ସମାବେଶରେ ସାମାଜିକ ସୁରକ୍ଷା ଓ ସାଂଗଠନିକ ଶକ୍ତି ବୃଦ୍ଧି ଶୀର୍ଷକ ଆଲୋଚନା ଚକ୍ରକୁ ଉଦ୍‌ଯାପନ କରି ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି ଏକଥା କହିଛନ୍ତି । ମହାସଂଘ ଭତ୍ତା ଓ ପେନସନ୍ ପାଇଁ ଯେତିକି ଅର୍ଥ ଦାବି କରିଥିଲା । ସରକାର ତା ଠାରୁ ଅଧିକ ଅର୍ଥ ଦେଇଛନ୍ତି । ଏହା ବ୍ୟତୀତ ଖଣ୍ଡଗିରିରେ ଅତ୍ୟାଧୁନିକ ଅଫିସ ଓ ଭୁବନେଶ୍ୱରର ମଂଚେଶ୍ୱରରେ ମହିଳା ହସ୍ତଶିଳ୍ପୀଙ୍କ ରହିବା ବ୍ୟବସ୍ଥା କରିଛନ୍ତି । ଅବଶ୍ୟ ନିର୍ବାଚନ ପରେ ମହାସଂଘ ଆଉକିଛି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବ । ଏଥିଲାଗି ଆମେ ପ୍ରତି ଜିଲ୍ଲା ବୁଲିବୁଲି ସଂଗଠନକୁ ମଜବୁତ କରୁଛୁ । ବଲାଙ୍ଗୀରଠାରେ ଏକ ବିଶାଳ ସମାବେଶ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପର୍ଯ୍ୟଟକ ମାନଙ୍କ ନିକଟରେ ଓଡ଼ିଶାର କଳାକୃତିକୁ ପହଁଞ୍ଚାଇବା ଲାଗି ସରକାର ଅଧିକ ପ୍ରୟାସ କରିବେ ବୋଲି ଶ୍ରୀ ମହାନ୍ତି କହିଥିଲେ । ମହାସଂଘର ସମ୍ପାଦକ ପ୍ରିୟରଂଜନ କରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଅଧକ୍ଷା ବାସନ୍ତୀ ନାୟକ ମାର୍କେଟିଂ କୌଶଳ,ସଂଗଠନ ସମ୍ପାଦିକା ସରୋଜିନି ଦାସ, ଏକତାର ଆବଶ୍ୟକତା, କୋଷାଧକ୍ଷ ଅଶୋକ କୁମାର ଗୁଇଁ, ମୟୁରଭଞ୍ଜ ଜିଲ୍ଲା ସଭାନେତ୍ରୀ କନକଲତା ମହାନ୍ତ ଓ ତପନ କୁମାର ଦାସ ପ୍ରମୁଖ ନିଜ ବକ୍ତବ୍ୟରେ ସରକାରଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସଭା ପ୍ରାରମ୍ଭରେ ଦିବଂଗତ ଶିଳ୍ପୀଙ୍କ ଆତ୍ମା ପ୍ରତି ସମ୍ମାନ ଜଣାଇ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ କୁନି ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଧର୍ମପ୍ରାଣ ଦମ୍ପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ତିର୍ତ୍ତୋଲ,(ସବ୍ୟୁ) :ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଅରିଲୋରେ ପୂଜ୍ୟ ପୂଜକ ପଦ୍ମଶ୍ରୀବାବା ବଳିଆଙ୍କ ତତ୍ତ୍ୱାବଧାନରେ ଶ୍ରୀଶ୍ରୀ ସର୍ବେଶ୍ୱର ମହାଦେବଙ୍କ ମନ୍ଦିର ପରିବସରରେ ଥିବାଶ୍ରୀରାମ ମନ୍ଦିରରେ ରାମ ନବମୀ ଉତ୍ସବ ଅବସରରେ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓଆଧ୍ୟାତ୍ମ୍ୟବାଦୀ ଦମ୍ପତ୍ତିଙ୍କ ପ୍ରତିମୃତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଅପରାହ୍ନରେ ଗ୍ରାମର ପ୍ରତିଷ୍ଠିତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତି ଓତାଙ୍କ ସହ ଧର୍ମଣୀ ଦିବଂଗତ ଶାନ୍ତିସୁଧା ମହାନ୍ତିଙ୍କ ମୃତ୍ତି ରେ ପଦ୍ମଶ୍ରୀ ବାବା ବଳିଆଙ୍କଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରିବା ସହ କଟକ ବାୟା ବାବା ମଠରେ ଦିବଂଗତ ଗୋକୁଳାନନ୍ଦ ବାବା ଓ ତାଙ୍କ ପତ୍ନୀଙ୍କ ସେବା ତଥା ଅନ୍ୟାନ ଆଧ୍ୟାତ୍ମିକ କାର୍ଯ୍ୟକୁ ଲକ୍ଷ କରି ବାବାବଳିଆ କହିଥିଲେ ସେବା, ଭକ୍ତି ବଳରେ ସାଧାରଣ ବ୍ୟକ୍ତି ଅସାଧାରଣ ମଧ୍ୟ ହୋଇ ପାରିବେ।ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ସାନ ଝିଅ ଇତିଶ୍ରୀ ମହାନ୍ତି ମୃତ୍ତି ଦୁଇର ଆବରଣ ଖୋଲିଉନ୍ମୋଚିତ କରିଥିଲେ। ଉକ୍ତ ବର୍ଣ୍ଣାଢ୍ୟ ଉନ୍ମୋଚନ ଉତ୍ସବରେ ଜେଷ୍ଠ ପୁଅ ତଥା କଟକରପୂର୍ବତନ ଜିଲ୍ଲାପାଳ କିଶୋର କୁମାର ମହାନ୍ତିଙ୍କ ସହ ସମସ୍ତ ଭାଇ ଭଉଣି, ଜାମାତା, ନାତି ,ନାତୁଣୀ ଯୋଗଦେଇଥିଲେ। ଜୟଶ୍ରୀ, ଶୁଭଶ୍ରୀ, ମୋନାଲିଶା, ଇତିଶ୍ରୀ, ସୌମ୍ୟନ୍ଦ୍ରେ,ଜୋସେଫ୍ , ଜାମାତା ବିଭୂତି, ରଜନୀକାନ୍ତ, ନାତୁଣୀ ହନି, ସିନି ପ୍ରମୁଖ ସଭା କାର୍ଯ୍ୟପରିଚାଳନା କରିଥିଲେ। ପୁତ୍ର ବଧୂ ସଂଯୁକ୍ତା, ଅବନ୍ତୀବାଳା, ଶୁଭସ୍ମିତା, ଓଏଫ୍ଓ ନିମାଇଁଚରଣ ମହାନ୍ତି, ଇଂ ଲଳିତ ମୋହନ ମହାନ୍ତି, ଦ୍ୱାରୀକାନାଥ ସେନାପତି ସମେତ ଗରଦପୁରର ବିଡିଓଙ୍କ ସହ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହି ବକ୍ତବ୍ୟ ସହ ସ୍ମୃତିଚାରଣ ଥିଲେ।

# ବେଦ ପ୍ରକାଶ ଥିଲେ ପାଟକୁରାର ବିଶ୍ୱକର୍ମା



ଡେରାବିଶ ,(ସବ୍ୟୁ) : ସ୍ୱର୍ଗତଃ ବେଦପ୍ରକାଶ ଖାଲି ଜଣେ ରାଜନେତା ନଥିଲେ । ସ୍ପଷ୍ଟ ବାଦିତା, ସମୟାନୁବର୍ତିତା ସହିତ ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ ହେବା ତାଙ୍କର ମଣିଷ ପଣିଆର ପରିଚୟ ଦେଇଥିଲା । ଏକାଧିକ ଥର ବିଧାୟକ ଓ ମନ୍ତ୍ରୀ ଥାଇ ମଧ ସାଧାରଣ ଖଟିଖିଆଙ୍କ ନିକଟରେ ପହଁଚି ପାଟକୁରାର ଉନ୍ନତି ପାଇଁ ଶେଷ ପର୍ଯ୍ୟନ୍ତ ତାଙ୍କର ପ୍ରୟାସ ଜାରି ରଖିଥିଲେ । ତାଙ୍କର ଦରଦି ହୃଦୟ ଆଜି ବି ପାଟକୁରାବାସି ଭୁଲିପାରିନାହାଁନ୍ତି । ତାଙ୍କ ସମୟରେ ପାଟକୁରାର ବିକାଶ କୁ ମନେପକାଇ ସାଧାରଣ ଲୋକ ମଧ ତାଙ୍କ ଅଭାବକୁ ଅନୁଭବ କରୁଛନ୍ତି । ତାଙ୍କ ଆବର୍ତମାନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ନିକଟରେ ପୂରଣ ହୋଇପାରିବ ନାହିଁ । ବାସ୍ତବରେ ସେ ପାଟକୁରାର ବିଶ୍ୱକର୍ମା ଥିଲେ ବୋଲି ସ୍ୱର୍ଗତଃ ବେଦପ୍ରକାଶ ଅଗ୍ରୱାଲଙ୍କ ପଂଚମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଚାନ୍ଦୋଳ ସ୍ଥିତ ଆଦିଶ୍ରୀ କଟେଜ ପରିସରରେ ସ୍ୱର୍ଗତଃ ଅଗ୍ରୱାଲଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଉଚ୍ଚ ନ୍ୟାୟାଳୟର ଆଇନଜୀବି ମଧୁମିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଯୁବନେତା ରାଜେଶ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ବରିଷ୍ଠ ଆଇନଜୀବି ଭୀମସେନ ଭୂୟାଁ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଭବାନୀ ପ୍ରସାଦ ଓଝା ମଂଚାସୀନ ରହି ସ୍ୱର୍ଗତଃ ବେଦପ୍ରକାଶଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୀନ୍ଦ୍ର ରଥ ଓ ସୁବାଷ କରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ବକ୍ତବ୍ୟ ରଖିବା ସହ ସ୍ୱର୍ଗତଃ ବେଦପ୍ରକାଶଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ବେଦପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦ ପକ୍ଷରୁ ବିଶିଷ୍ଟ ଚିତ୍ରଶିଳ୍ପୀ ଅଜୟ ପଣ୍ଡା, ଶିକ୍ଷାବିତ ସୁବାଷ କର ଓ ମନୋରଂଜନ ପଣ୍ଡାଙ୍କୁ ତାଙ୍କ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟଚିକିତ୍ସାଳୟ ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ପ୍ରାରମ୍ଭରେ ଦେବାଶିଷ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ମୃତି ପରିଷଦର କୋଷାଧକ୍ଷ ଲୋହିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ



କେନ୍ଦ୍ରାପଡା,(ସବ୍ୟୁ): ବିଶିଷ୍ଟ ଜନନାୟକ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ରବିବାର ଦିନ କେନ୍ଦ୍ରାପଡା ତିନିମୁହାଣୀସ୍ଥିତ ସ୍ମୃତି ପୀଠରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ପରିଷଦର ସଭାପତି ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରାଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିବା ବେଳେ ଅତିଥି ଭାବରେ ନନ୍ଦକିଶୋର ପରିଡା, ଶତ୍ରୁଘ୍ନ ପାଣ୍ଡବ, ଗଣେଶ୍ୱର ବେହେରା, ଗୟାଧର ଧଳ, ଅଜୟ କୁମାର ସାମଲ, ଆକବର ଅଲ୍ଲୀ, ରାଜେଶ ମହାନ୍ତି, ନାରାୟଣ ପ୍ରସାଦ ପରିଡା, ରମଣୀ ରଞ୍ଜନ ରାଉତରାୟ, ମୁକ୍ତାର ଖାଁ, କୃଷ୍ଣଚନ୍ଦ୍ର ମଲ୍ଲିକ ଓ ରତିକାନ୍ତ ସାମଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ପଟ୍ଟନାୟକଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ । ଏଥିସହିତ ସ୍ମୃତି ପରିଷଦର ଚଳିତ ବର୍ଷ ଜାନକୀ ବଲ୍ଲଭ ସାହିତ୍ୟ ସମ୍ମାନ-୨୦୨୪ କେନ୍ଦ୍ରାପଡା ମାଟିର ସୁଯୋଗ୍ୟ ତଥା ସାରସ୍ୱତ ସାଧକ ଅଧାପକ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ଓ ଅଧାପକ ଡକ୍ଟର ପ୍ରକାଶ କୁମାର ପରିଡାଙ୍କୁ ପ୍ରଦାନ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଉମା ବଲ୍ଲଭ ଜେନା, ସଞ୍ଜୟ ଜେନା, ଡଃ ଗିରୀଶ ପାତ୍ର, ବିପଦ ରଞ୍ଜନ ଦାସ, ପ୍ରଫୁଲ୍ଲ ଦାସ, ଚିତ୍ତରଞ୍ଜନ ମଲ୍ଲିକ, ଜଗତଜୀବନ ଦାସ, ପ୍ରଦ୍ୟୁମ୍ନ ଜେନା, ରମେଶ ଦାସ, ଗୋପିନାଥ ବାରିକ, ମୀର ମୁରସିଦ୍, କମଳାକାନ୍ତ ବେହେରା, କୁଳମଣି ମଲ୍ଲିକ, ସୁନୀଲ ମହାପାତ୍ର, ଦୁର୍ଗାପ୍ରସାଦ ପତି, ବିଜୟ କୁମାର ସାହୁ, ବିଶ୍ୱଜିତ୍ ମହାନ୍ତି, କ୍ଷମାନିଧି ସାମଲ, ମଣ୍ଟୁ ସାହୁ, ଦୀପକ କୁମାର ଦାସ, ଜ୍ଞାନରଞ୍ଜନ ସାହୁ, ନିରଞ୍ଜନ ପରିଡା, ଗଦାଧର ମଲ୍ଲିକ, ଉତ୍ତମ ମଲ୍ଲିକ, ସୌମେନ୍ଦ୍ର ପୃଷ୍ଟି, ବାବାଜୀ ଚରଣ ମଲ୍ଲିକ, ମୃତ୍ୟୁଞ୍ଜୟ ସାହୁ, ନରେଶ ଜେନା, ବିଦ୍ୟୁତଲତା ପଲ୍ଲାଇ, ଜନ୍ମେଜୟ ରାଉତ, ଆଶୀଷ ମେକାପ, ନୟନ କିଶୋର ରାଉତ, ଚନ୍ଦ୍ରକାନ୍ତ ବେହେରା, ଲକ୍ଷ୍ମୀଧର ପଲ୍ଲାଇ, ଜିତେନ୍ଦ୍ରନାଥ ମଲ୍ଲିକ, ମଣି ଭଦ୍ର ଓ ସୟଦ ମୁକ୍ତାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ଆତ୍ମା ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୧୨)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

**ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।**
**ଅଯୁକ୍ତଃ କାମକାରେଣ ଫଳେ ସକ୍ତୋ ନିବଧ୍ୟତେ ।।୧୨।।**

ପରମେଶ୍ୱର ପରାୟଣ ବ୍ୟକ୍ତିକର୍ମଫଳ ତ୍ୟାଗକରି (କର୍ମ କଲେ ମଧ୍ୟ) ପରମ ଶାନ୍ତି ପ୍ରାପ୍ତ ହୁଅନ୍ତି, କିନ୍ତୁ ଫଳକାମୀ ଈଶ୍ୱରବିମୁଖ ବ୍ୟକ୍ତି କାମନାର ପ୍ରେରଣାବଶତଃ ଫଳରେ ଆସକ୍ତ ହୋଇ ବନ୍ଧନଦଶାଗ୍ରସ୍ତ ହୁଏ ।।୧୨।।

# ଅହଂକାରହିଁ ଅନେକତା ଓ ବିଷମତାର ମୂଳ

## ସମ୍ପାଦକୀୟ

ସଂସାର କେଉଁ ଦିଗରେ ଚାଲିଛି ବିଚାର କଲେ ବୁଝାଯିବ ଯେ, ଚତୁର୍ଦ୍ଦିଗରେ କଳହ, ମନାନ୍ତର ଓ ମତାନ୍ତର ବୃଦ୍ଧି ପାଉଛି । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ପରିବାର ପରିବାର ମଧ୍ୟରେ ଏବଂ ସେହିପରି କୁଳ, ସଂଗଠନ, ସମ୍ପ୍ରଦାୟ, ଜାତି, ଦେଶ ତଥା ନିଜ ନିଜ ମଧ୍ୟରେ ଘୃଣା ଓ ଶତ୍ରୁତା ପ୍ରକାଶ ପାଉଛି । ଏହିପରି ମନୋଭାବ ପୋଷଣ କରିବାର ମୂଳ କାରଣ 'ଅହଂକାର' । ଏହି ଅହଂକାରକୁ ସାଂଖ୍ୟକାର ସାଂଖ୍ୟଦର୍ଶନରେ ବିଶ୍ଳେଷଣ କରି କହିଛନ୍ତି– ପ୍ରକୃତିରୁ ବିଶ୍ୱର ବିକାଶ । ପ୍ରକୃତିରୁ ମୁଖ୍ୟ ମହତ୍‌ତତ୍ତ୍ୱ ଜାତ, ତହିଁରୁ ଅହଂକାର ଉତ୍ପନ୍ନ । ଏହି ଅହଂକାର ତତ୍ତ୍ୱ ସବୁଠାରେ ପୂରି ରହିଛି ଏବଂ ନିଜର ସତ୍ତା ବଜାୟ ରଖିବା ପାଇଁ ସତତ ସଚେଷ୍ଟ । ଅଣୁ ପରମାଣୁ ମଧ୍ୟରେ ସବୁଠାରେ କ୍ରିୟା ଚାଲିଛି । ଯେତେବେଳେ ଅହଂକାରତତ୍ତ୍ୱ ବ୍ୟକ୍ତିଠାରେ ପୂର୍ଣ୍ଣ ଭାବରେ ପ୍ରକଟିତ ହୁଏ, ସେତେବେଳେ ନିଜ ବ୍ୟକ୍ତିତ୍ୱକୁ ଅବଲମ୍ବନ କରି ସେ ପରିବାର ଗଠନ କରେ । ପରିବାର ଆଶ୍ରୟରେ ରହିଥିବା ସ୍ତ୍ରୀ, ସନ୍ତାନ, ଗୃହ, ଧନସମ୍ପତ୍ତି, ଐଶ୍ୱର୍ଯ୍ୟ, ଭୃତ୍ୟ, ପଶୁ ଆଦି ବ୍ୟକ୍ତିର ଅହଂକାର ତତ୍ତ୍ୱର ବହିଃପ୍ରକାଶ । 'ମୁଁ–ମୋର' ପିପାସା ମେଣ୍ଟାଇବା ପାଇଁ ବ୍ୟକ୍ତି ପୂର୍ବୋକ୍ତ ସମସ୍ତ ଆୟୋଜନ କରେ । ପରିବାରର ବେଷ୍ଟନୀ ମଧ୍ୟରେ ବ୍ୟକ୍ତିତ୍ୱର ଅହଂଭାବ ଯେତେବେଳେ ପୂର୍ଣ୍ଣ ତୃପ୍ତି ପାଏ ନାହିଁ, ସେତେବେଳେ ସେ ଆହୁରି ଆଗକୁ ଆଗକୁ ବଢ଼ିଚାଲେ । ବହୁ ଲୋକ ଓ ବହୁ ବସ୍ତୁ ମଧ୍ୟରେ ନିଜର ମାନମର୍ଯ୍ୟାଦା, ପ୍ରଭୁତ୍ୱ ଓ ବଡିମା ପ୍ରତିଷ୍ଠା କରିବା ପାଇଁ ସେ ସଚେଷ୍ଟ ହୁଏ । ଏଥିପାଇଁ କେତୋଟି ପରିବାରକୁ ନେଇ ସେ ନିଜ ଅଧିକାର ସ୍ଥାପନ କରେ । ଯେକୌଣସି ଜ୍ଞାତିକୁଳକୁ ଦେଖିଲେ ଜଣାଯାଏ ଯେ, ସେଥିମଧ୍ୟରେ କୌଣସି ନା କୌଣସି ବ୍ୟକ୍ତି ମୁଖ୍ୟ ଅଟନ୍ତି । ତାହାଙ୍କ ଇଙ୍ଗିତ ଓ ମତାନୁଯାୟୀ କୁଳର ସମସ୍ତେ ପରିଚାଳିତ ହୁଅନ୍ତି । କୁଳ ମଧ୍ୟରେ ଗୋଟିଏ ପ୍ରଭାବଶାଳୀ ପରିବାର ଓ ପରିବାର ମଧ୍ୟରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି କୁଳକୁ ନିୟନ୍ତ୍ରଣ କରନ୍ତି । କୁଳର ମତାମତ ପ୍ରକୃତପକ୍ଷେ ଏହି ନିର୍ଦ୍ଦିଷ୍ଟ ବ୍ୟକ୍ତି ଉପରେ ନିର୍ଭର କରେ । ଏହି କୁଳନେତାଙ୍କ ଦ୍ୱାରା କୁଳର ରୀତିନୀତି ସାମାଜିକ ବ୍ୟବସ୍ଥା ନିୟନ୍ତ୍ରିତ ହୁଏ । କୁଳର ମୁଖିଆ ବା କୁଳପତିଙ୍କ ସମସ୍ତ ପ୍ରଭାବ ତାହାଙ୍କ ଅହଂଭାବର ବିକାଶ । କୁଳ ମଧ୍ୟରେ ଅହଙ୍କାର ପୂର୍ଣ୍ଣ ତୃପ୍ତି ଲାଭ କରି ଆଗକୁ ବଢ଼ି ପୁଣି ବଡ଼ ସମାଜ ଗଠନ କରେ । ସମାଜ ମଧ୍ୟରେ ବହୁଗୋଷ୍ଠୀ ନିଜ ନିଜ ମଧ୍ୟରେ ପ୍ରାଧାନ୍ୟ ବିସ୍ତାର ପାଇଁ ଉଦ୍ୟମ କରନ୍ତି । କିନ୍ତୁ ପରିଶେଷରେ ଗୋଟିଏ ଗୋଷ୍ଠୀ ହିଁ ପ୍ରଭାବଶାଳୀ ହୋଇଉଠେ ଏବଂ ସମଗ୍ର ଗୋଷ୍ଠୀ ଓ ସମାଜ ଉପରେ କର୍ତ୍ତୃତ୍ୱ ବିସ୍ତାର କରେ । ସମାଜ ନୀତି ଓ ସଂଗଠନର କାର୍ଯ୍ୟାବଳୀ ଏହି ଗୋଷ୍ଠୀ ବା ପ୍ରକୃତପକ୍ଷେ କହିବାକୁ ଗଲେ ଗୋଷ୍ଠୀର ମୁଖ୍ୟବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହୁଏ । ପ୍ରତ୍ୟେକ ଗୋଷ୍ଠୀ, ସଂଗଠନ ବା ସମାଜର ଆମୂଳଚୂଳ କ୍ରିୟାକଳାପ ମଧ୍ୟରେ ଏହାଙ୍କ ଅହଙ୍କାରର ପ୍ରଭାବ ପ୍ରତିଫଳିତ ହୁଏ । ବ୍ୟକ୍ତିତ୍ୱର ଅହଂକାର ସମାଜ ଗଠନରେ ଆବଦ୍ଧ ନ ରହି ଆହୁରି ଆଗକୁ ବଢ଼େ ଓ ଜାତି ଦେଶରେ ପ୍ରଭୁତ୍ୱ ବିସ୍ତାର କରେ । ଏହି ପ୍ରଭୁତ୍ୱର ପ୍ରଭାବ ଯଦି ସମ୍ପ୍ରଦାୟଗତ ହୁଏ, ତାହାହେଲେ ବ୍ୟକ୍ତି ନିଜକୁ ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ, ଖ୍ରୀଷ୍ଟିଆନ ବୋଲି ପରିଚୟ ଦେଇ ତୃପ୍ତି ଲାଭ କରେ । ନିଜ ସମ୍ପ୍ରଦାୟକୁ ଅନ୍ୟଙ୍କ ଅପେକ୍ଷା ବଡ଼ ବୋଲି ମଣେ । ଅପରକୁ ନ୍ୟୁନ ଓ ତୁଚ୍ଛ ବୋଲି ଗଣ୍ୟ କରେ । ଅହଂଭାବ ଜାତୀୟ ଭାବନା ବା ଦେଶପ୍ରେମଦ୍ୱାରା ଉଦ୍‌ବୁଦ୍ଧ ହେଲେ ନିଜକୁ ଜର୍ମାନ୍, ଇଟାଲିଆନ୍, ଜାପାନୀ, ଆମେରିକାନ୍, ରଷିଆନ୍ ବୋଲି ଦାବି କରେ । ସଂସାର ମଧ୍ୟରେ ତାହାର ଜାତି ଓ ଦେଶକୁ ସବୁଠାରୁ ଶ୍ରେଷ୍ଠ ବୋଲି ମଣେ । ଅନ୍ୟ ଜାତି ଓ ଦେଶ ତାହାର ମତକୁ ଗ୍ରହଣ କରୁ, ଏହା ସେ ଚାହେଁ ।

ହିଟଲର ଚାହୁଁଥିଲେ ଯେ, ସମଗ୍ର ବିଶ୍ୱକୁ ଜର୍ମାନୀର ଅଧିକାରରେ ରଖିବେ, ଅନ୍ୟ ସମସ୍ତ ଜାତି ଜର୍ମାନୀର ଦାସ ହୋଇ ରହିବେ । ମୁସୋଲିନୀ ଚାହୁଁଥିଲେ ଯେ, ଇଟାଲୀ ସଂସାରର ଏକଚକ୍ରାଧିପତି ରାଜା ହୋଇ ରହିବ ଓ ଅନ୍ୟ ସମସ୍ତ ଜାତି ପ୍ରଜା ରୂପେ ରହିବେ । ସାଂପ୍ରଦାୟିକ ଅହଂ ଭାବନା ନେଇ ୟୁରୋପରେ ଖ୍ରୀଷ୍ଟିଆନ ଓ ମୁସଲମାନମାନଙ୍କ ମଧ୍ୟରେ କ୍ରୁସେଡ୍ ଯୁଦ୍ଧର ସୂତ୍ରପାତ ହେଲା । ଖ୍ରୀଷ୍ଟିଆନଙ୍କ ମଧ୍ୟରେ କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ଇନ୍‌କ୍ୱିଜିସନ୍ ବସିଲା । ମୁସଲମାନୀ ସିଆ ଓ ସୁନ୍ନୀ ସମ୍ପ୍ରଦାୟ ମଧ୍ୟରେ କଳହ ସୃଷ୍ଟି ଭାରତରେ ହେଲା । ହିନ୍ଦୁ– ମୁସଲମାନ ଦଙ୍ଗାରେ ଭାରତଭୂମି ରକ୍ତସିକ୍ତ ହେଲା ।

ଏହିସବୁ ମନାନ୍ତର ଓ ଯୁଦ୍ଧ ପଛରେ ବ୍ୟକ୍ତିର 'ଅହଂକାର' ହିଁ ମୂଳ ଅଟେ । ଭାରତ ଶତାବ୍ଦୀ ଶତାବ୍ଦୀ ଧରି ପରାଧୀନ ରହିବାବେଳେ ବାହାର ଦୁନିଆରେ ଯେଉଁ ସାମ୍ପ୍ରଦାୟିକ, ରାଜନୈତିକ ଅଥବା ଜାତୀୟ ବିପ୍ଳବମାନ ଘଟିଯାଇଛି, ସେସବୁର ମୂଳରେ ବ୍ୟକ୍ତିର 'ଅହଂକାର'ହିଁ ଦେଖିବାକୁ ମିଳେ । ବ୍ୟକ୍ତିର ଅହଂକାର ସମସ୍ତ ସଂଗଠନର ଆଧାର ରୂପେ କାର୍ଯ୍ୟ କଲେ ସୁଦ୍ଧା ଏହାକୁ ସ୍ପଷ୍ଟ ଭାଷାରେ ସ୍ୱୀକାର କରିବା ପାଇଁ ଆମେ ଲଜ୍ଜା ଅନୁଭବ କରୁ । ପ୍ରତ୍ୟକ୍ଷ ଓ ପରିଷ୍କାର ରୂପେ ଏହାକୁ ସ୍ୱୀକାର କଲେ ଏଭଳି ସମାଜ ସଂଗଠନ, ଦେଶ ବା ଜାତି ଗଠନକୁ 'ଡିକ୍‌ଟେଟରସିପ୍' କୁହାଯାଏ । ଯେଉଁମାନେ ଏହାକୁ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି ନାହିଁ, ସେମାନେ ଡିକ୍‌ଟେଟରସିପ ବଦଳରେ 'ପାର୍ଟି ଡିକ୍‌ଟେରସିପ'ର ନାମ ଉଚ୍ଚାରଣ କରନ୍ତି । ପରନ୍ତୁ ଏହି ସମସ୍ତ ବିକାଶ କ୍ଷେତ୍ରରେ ଅହଂକାରହିଁ ମୂଳ କାରଣ ।

# ଜ୍ଞାନ,ଭକ୍ତି ଆଉ କର୍ମ...

ଉପଦେଶ ଯେତେବେଳେ ଜୀବନରେ ଚରିତାର୍ଥ ହୋଇଥାଏ, ସେତେବେଳେ ତାହା ସ୍ୱାଭାବିକ ରୂପରେ ଅନୁକରଣୀୟ ହୋଇଯାଏ । ରାମଚରିତ ମାନସରେ ଲୀଳା ଆଉ ଚରିତ୍ର ଦୁହେଁ ଚରିତାର୍ଥ ଅଟନ୍ତି । ସେଥିରେ ଉପଦେଶ ଦିଆ ଯାଇ ନାହିଁ । ଅପିତୁ ଚରିତାର୍ଥ କରିକି ଦେଖାଯାଇଛି । ଭଗବାନ ରାମ ନିଜର କୌଣସି ମୂଲ୍ୟାଙ୍କନ କରିନାହାନ୍ତି, କିନ୍ତୁ ଅନ୍ୟର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ଆଉ ସେମାନଙ୍କୁ ଉତ୍ସାହିତ କରିଛନ୍ତି । ଜ୍ଞାନକୁ ବୁଝିବା, ଭକ୍ତିଭାବନା ଆଉ କାର୍ଯ୍ୟର ଶୈଳୀରେ ଯଦି ବ୍ୟବହାରିକା ନାହିଁ, ସେତେବେଳେ ସାଧକର ଜୀବନରେ ଜ୍ଞାନ,ଭକ୍ତି ଆଉ କର୍ମର ତ୍ରିପୁଟିର ପ୍ରୟୋଜନ ସିଦ୍ଧ ହେବନାହିଁ । ଭଗବାନ ରାମ ମାନବୋଚିତ ଗୁଣର ନିର୍ବାହନ କରିକି ମଧ୍ୟ ସ୍ୱୟଂକୁ ସତ୍, ଚିତ୍, ଆନନ୍ଦ ସ୍ୱରୂପ ଶୁଦ୍ଧ ସ୍ୱରୂପର ବନେଇ ରଖିଥିଲେ । ଜ୍ଞାନର ବ୍ୟବହାରିକତା ହେଲା କି କାହାକୁ ନିଜ ଇଚ୍ଛାରେ ନରଖି ଆଉ ସବୁଠି ଗୋଟିଏ ବ୍ରହ୍ମାଙ୍କ ସାକ୍ଷାତକାର କର । ଭକ୍ତିର ବ୍ୟବହାରିକତା ହେଲା କି ସଂସାରର ସବୁ ସମ୍ବନ୍ଧର ଆଧାର ଭଗବାନଙ୍କୁ ମାନ । ଆଉ ସହଜ ସନ୍ତୋଷୀ ସ୍ୱଭାବ ହେଉ । କୁଟିଳତା ନଥାଉ । କର୍ମର ବ୍ୟବହାରିକତା ହେଲା କି ବ୍ୟକ୍ତି ସ୍ୱୟଂକୁ ସେବକ ମାନୁ । ଲୋକଙ୍କର ଶୁଭ ଆଉ ସତ୍‌କର୍ମର ପ୍ରଶଂସା କରୁ । ଭଗବାନ ଶ୍ରୀରାମ ମଧ୍ୟ ସ୍ୱୟଂଠାରେ କୌଣସି ଗୁଣ ଦେଖି ନଥିଲେ, ଅପିତୁ ଅନ୍ୟଙ୍କର ଅବଗୁଣରେ ମଧ୍ୟ ଗୁଣ ପକ୍ଷକୁ ଗ୍ରହଣ କରି ତାହାର ଉପଯୋଗ ଲୋକହିତରେ କରିଥିଲେ । ଏହା ଜ୍ଞାନ,ଭକ୍ତି ଆଉ କର୍ମର ପୂର୍ଣ୍ଣତା ଅଟେ । ଆମର ଜୀବନରେ ଜ୍ଞାନ, ଭକ୍ତି ଆଉ କର୍ମର ଯୋଗ ଯେ ପର୍ଯ୍ୟନ୍ତ ଶ୍ରୀରାମଙ୍କ ପରିହେବନି, ସେ ପର୍ଯ୍ୟନ୍ତ ଆମେ ଜୀବନକୁ ଦିଶା ଦେଇ ପାରିବାନି । ମନୁଷ୍ୟ ଶରୀର ବହୁତ ଭାଗ୍ୟରେ ପ୍ରାପ୍ତ ହୋଇଥାଏ । ଏହାର ପରମ ଲକ୍ଷ୍ୟ ହେଲା କି ଯାହା ଆମକୁ ପ୍ରାପ୍ତ ହୋଇଛି, ଏହି ସାଧକ ଆଉ ଇନ୍ଦ୍ରିୟର ସଦୁପଯୋଗ କରିକି ସ୍ୱାର୍ଥ ଆଉ ପରମାର୍ଥକୁ ସିଦ୍ଧ କରିନେବ । ଯେଉଁ ଲୋକ ଏହି ଶରୀରକୁ କେବଳ ଭୋଗ ପାଇଁ ଉପଯୋଗ କରନ୍ତି,ସେ ଅମୃତକୁ ଛାଡିକରି ବିଷକୁ ସେବନ କରୁଛନ୍ତି । ଶେଷରେ ଯେତେବେଳେ ବିଷର ପରିଣାମ ଆସିଥାଏ, ସେତେବେଳେ ସେମାନେ କାଳ,କର୍ମ ଆଉ ଈଶ୍ୱରଙ୍କୁ ଦୋଷ ଦେଇ କରି ସ୍ୱୟଂକୁ ନିର୍ଦ୍ଦୋଷ ସିଦ୍ଧ କରିଥାନ୍ତି । କାଳ,ଧର୍ମ,ସ୍ୱଭାବ ଆଉ ଗୁଣ କୃତ ଦୋଷର କାରଣରୁ ବ୍ୟକ୍ତି ମାୟାର ବିକୃତର ଗ୍ରାସ ହୋଇଯାଏ । ଭଗବାନ ରାମଲୀଳା କାଳରେ କେବେ ବି ଚମତ୍କାର କିମ୍ବା ମାୟାର ପଦାର୍ଥର ଆଶ୍ରୟ ନେଇ ନଥିଲେ ନା'ସେ ସ୍ୱୟଂକୁ କୌଣସି ଲକ୍ଷ୍ୟର ସିଦ୍ଧ କରିବା ନା'ହିଁ କୌଣସି ଏମିତି ଉପଦେଶ ଦେଇଥିଲେ ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,ୟୁନିଟ୍–୯,**
**ଭୁବନେଶ୍ୱର,ମୋ–୭୯୭୮୮୩୦୬୧୧**

# ପରିବର୍ତ୍ତିତ ଜଳବାୟୁ ଓ ଆମେ

**ଚିତ୍ତରଞ୍ଜନ ପୃଷ୍ଟି**

ସୁନ୍ଦର ଓ ପ୍ରାକୃତିକ ପରିବେଶ ଶାନ୍ତିପୂର୍ଣ୍ଣ ଜୀବନଯାପନର ମାପକାଠି । ଦିନେ ମଣିଷ ପ୍ରାକୃତିକ ପରିବେଶରୁ ପାଉଥିଲା ପ୍ରଦୂଷଣ ମୁକ୍ତ ବିଶୁଦ୍ଧ ବାୟୁ, ନିର୍ମଳ ସୁଶୀତଳ ଜଳ । କିନ୍ତୁ ଆଜି ବିଜ୍ଞାନର ମାୟାରେ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳି ଯାଇଛି ପରିବେଶ । ପ୍ରାକୃତିକ ପରିବେଶ ଆଜି ପ୍ରଦୂଷିତ ହୋଇଛି । ଆଧୁନିକ ମଣିଷ ଦୂଷିତ ପରିବେଶରେ ଆଜି ଶ୍ୱାସରୁଦ୍ଧ । ଆଧୁନିକ ମାନବର ପାଶ୍ଚାତ୍ୟ ଜୀବନଶୈଳୀ ସିଧାସଳଖ ପ୍ରଭାବ ପକାଇଛି ପ୍ରାକୃତିକ ପରିବେଶ ଉପରେ । ଏହାର ଫଳ ସ୍ୱରୂପ ପାଣିପାଗ ଓ ଜଳବାୟୁରେ ପରିବର୍ତ୍ତନ ଘଟିଚାଲିଛି । ଏହି ପରିବର୍ତ୍ତନ ଯୋଗୁଁ କୃଷି,ସ୍ୱାସ୍ଥ୍ୟ, ଜୀବନଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିଶ୍ୱ ପାଣିପାଗ ସଂସ୍ଥା ଏବଂ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ ଆଇ.ପି.ସି.ସି (ଇଣ୍ଟର ଗଭର୍ଣ୍ଣମେଣ୍ଟାଲ ପାନେଲ ଫର୍ କ୍ଲାଇମେଟ ଚେଞ୍ଜ) ର ବୈଜ୍ଞାନିକମାନଙ୍କ ମତରେ ଭୂଉତ୍ତପ୍ତୀକରଣ ଏବଂ ତଦ୍ ଜନିତ ଜଳବାୟୁ ପରିବର୍ତ୍ତନ ପୃଥିବୀ ପୃଷ୍ଠରେ ମଣିଷ କାର୍ଯ୍ୟକଳାପର ପରିଣାମ ଅଟେ ।

ପୃଥିବୀରେ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଇବା ଫଳରେ ଜୀବନ ଧାରାରେ ଦ୍ରୁତ ପରିବର୍ତ୍ତନ ହୋଇଛି ଯଥା: ଶିକ୍ଷା ଓ ଶିଳ୍ପ ପ୍ରସାର, କଳକାରଖାନା, ରାସ୍ତାଘାଟ, ଯାନବାହାନ, କୋଠାବାଡି, ସହରୀକରଣ, ଖଣିଜ ଉତ୍ତୋଳନ, ଶକ୍ତି ଉତ୍ପାଦନ ଇତ୍ୟାଦି କ୍ଷେତ୍ରରେ ପ୍ରଭୂତ ପରିବର୍ତ୍ତନ ହେଉଛି । ଏହି ସମସ୍ତ କାର୍ଯ୍ୟ ପାଇଁ ଆମେ ପୃଥିବୀର ସମସ୍ତ ସମ୍ପଦକୁ ମାତ୍ରାଧିକ ଆହରଣ କରିବାରେ ଲାଗିଛୁ । ଆମ ଆଖି ଆଗରେ ଜଙ୍ଗଲ ସମ୍ପଦ ଧୀରେ ଧୀରେ ଲୋପ ପାଇବାକୁ ଲାଗିଲାଣି । ଜଙ୍ଗଲର ଜୀବଜନ୍ତୁ ବିପନ୍ନ ହେବାକୁ ଲାଗିଲେଣି । କୋଇଲା, ପେଟ୍ରୋଲର ଅତ୍ୟଧିକ ବ୍ୟବହାରରେ ଅଙ୍ଗାରକାମ୍ଳ ସମେତ ଅନେକ ସବୁଜ ବାଷ୍ପ (ଯଥା : ମିଥେନ, ନାଇଟ୍ରସ ଅକ୍ସାଇଡ, ସିଏଫସି) ବାୟୁମଣ୍ଡଳରେ ଭରିହୋଇଗଲାଣି । ଆଜି ଜଳ, ସ୍ଥଳ, ବାୟୁ ସବୁ ପ୍ରଦୂଷିତ । ପୃଥିବୀର ଭୌତିକ, ରାସାୟନିକ ଏବଂ ଜୈବିକ ସ୍ଥିତି ଅତ୍ୟନ୍ତ ଅସନ୍ତୁଳିତ । ବାୟୁମଣ୍ଡଳରେ ମାତ୍ରାଧିକ ସବୁଜ ଗ୍ୟାସ ପୃଥିବୀକୁ ଘୋଡାଇ ରଖିବାରୁ ପୃଥିବୀପୃଷ୍ଠରୁ ପ୍ରତିଫଳିତ ଉତ୍ତପ୍ତ ସୂର୍ଯ୍ୟରଶ୍ମୀ ବାୟୁମଣ୍ଡଳ ବାହାରକୁ ଯାଇନପାରି ଏକ ସବୁଜଗୃହ ପରିସ୍ଥିତି ସୃଷ୍ଟିକରି ପୃଥିବୀପୃଷ୍ଠ ଏବଂ ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି କରିବାରେ ସକ୍ଷମ ହେଉଛି ।

ଉତ୍ତାପବୃଦ୍ଧି ଯୋଗୁଁ ସମସ୍ତ ସ୍ଥଳଭାଗ, ଜଳଭାଗ ଓ ବାୟୁମଣ୍ଡଳର ବ୍ୟବସ୍ଥା ଏବଂ ପ୍ରକ୍ରିୟାରେ ପରିବର୍ତ୍ତନ ହେଉଛି । ସ୍ଥଳଭାଗରେ ଉତ୍ତାପ ବୃଦ୍ଧି ଯୋଗୁଁ ଉଷ୍ଣ ପ୍ରବାହ ଏବଂ ଅଂଶୁଘାତମୃତ୍ୟୁ ଦେଖିବାକୁ ମିଳୁଛି । ସ୍ଥଳଭାଗର ବାୟୁପ୍ରବାହରେ ମଧ୍ୟ ପରିବର୍ତ୍ତନ ହେଉଛି । ମେରୁଅଞ୍ଚଳ ତଥା ଅତି ଉଚ୍ଚ ପର୍ବତମାଳା ଅଞ୍ଚଳରେ ଯୁଗ ଯୁଗ ଧରି ଜମାଟ ବାନ୍ଧିଥିବା ଘନବରଫ ତରଳିବାକୁ ଆରମ୍ଭ କରିଛି । ଆଣ୍ଟାର୍କଟିକା ତଥା ହିମାଳୟ ଏବଂ ତିବ୍ବତ ମାଳଭୂମି ଅଞ୍ଚଳରୁ ମାତ୍ରାଧିକ ବରଫ ତରଳୁଛି । ଏହି ବରଫ ତରଳିବା ସହ ପୃଥିବୀ ପୃଷ୍ଠର ଅନେକ ସ୍ଥିତି ଏବଂ ପ୍ରକ୍ରିୟା ପ୍ରଭାବିତ ହେଉଛି, ଯଥା: ସମୁଦ୍ରର ଜଳରାଶି ବୃଦ୍ଧି ଏବଂ ଖାଲୁଆ, ତଟବର୍ତ୍ତୀ ଅଞ୍ଚଳ ସମୁଦ୍ର ଦ୍ୱାରା ଜଳମଗ୍ନ, ମେରୁଅଞ୍ଚଳର ଜୀବଜନ୍ତୁମାନଙ୍କର ବିଲୋପ ଇତ୍ୟାଦି ।

ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଦେଖିବାକୁ ମିଳିଛି ବିଶେଷକରି ହିମାଳୟ ଠାରୁ ଆଣ୍ଟାର୍କଟିକା ପର୍ଯ୍ୟନ୍ତ ଏହାର ପ୍ରଭାବ ଯୋଗୁଁ ବିଶାଳ ବରଫ ଖଣ୍ଡ ତରଳିବାରେ ଲାଗିଛି । ସମୁଦ୍ରର ଜଳପତ୍ତନ ବୃଦ୍ଧି ଯୋଗୁଁ ଆଗାମୀ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଦେଶର ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡିକ ଜଳମଗ୍ନ ହେବା ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । କେତେବେଳେ ମନୁଷ୍ୟକୃତ ରୋଗ ଲୋକଙ୍କୁ ସଂକ୍ରମିତ କରୁଛି ତ ଆଉ କେତେବେଳେ ପ୍ରକୃତି ସାଧୁଛି ଦାଉ । ପ୍ରକୃତିର କରାଳ ରୂପରେ ମାଟି କାମୁଡ଼ି ପଡୁଛି ଏ ମଣିଷ ସମାଜ । ପୁଣିଥରେ ଉଠି ଆଗକୁ ବଢ଼ିବାକୁ ଅଣ୍ଟା ସଳଖିପାରୁନି । କରୋନାର ଦାଉରୁ ରକ୍ଷା ପାଇଥିବା ମଣିଷ ପାଇଁ ଆଗକୁ ଆସୁଛି ଆଉ ଏକ ବଡ଼ ବିପଦ । ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତ ଉପରେ ମାଡ଼ି ଆସୁଛି ବିପତ୍ତି । ଏହାର ପ୍ରଭାବ ହିମାଳୟର ପାହାଡ଼ ଠାରୁ ଗାଁର ଫସଲ ଉତ୍ପାଦନ ପର୍ଯ୍ୟନ୍ତ ସବୁ ଉପରେ ଦେଖିବାକୁ ମିଳିବ । ଇଣ୍ଟରଗଭର୍ଣ୍ଣମେଣ୍ଟାଲ ପ୍ୟାନେଲ ଫର କ୍ଲାଇମେଟ୍ ଚେଞ୍ଜର ନୂଆ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ କେତେ ବିପଦପୂର୍ଣ୍ଣ ସାବ୍ୟସ୍ତ ହେବ ସେ ନେଇ କୁହାଯାଇଛି । ଏହାର ପ୍ରଭାବ ଭାରତର ପ୍ରତିଟି କୋଣ ଅନୁକୋଣରେ ପଡ଼ିବ । ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏସିଆ ମହାଦେଶର ଅଧିକାଂଶ ଦେଶରେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଦୁର୍ଭିକ୍ଷ ସ୍ଥିତି ଉପୁଜିବ । ଲୋକମାନେ ଖାଇବାକୁ ଖାଦ୍ୟ ପାଇବେନି କି ପିଇବାକୁ ପାଣି । ଭୋକରେ ଶେଷରେ ଆଉଟୁପାଉଟୁ ହୋଇ ଲୋକମାନେ ସମସ୍ୟାର ସମ୍ମୁଖିନ ହେବାର ସମ୍ଭାବନା ଉପୁଜୁଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗର ସ୍ଥିତି ଜଟିଳ ହୋଇଛି ଯାହା ଦ୍ୱାରା ସହରାଞ୍ଚଳରେ ମଧ୍ୟ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଏଥିପାଇଁ ମଣିଷ ହିଁ ଅନେକାଂଶରେ ଦାୟୀ । ସହରର ସବୁଜିମାକୁ ନଷ୍ଟ କରିବା ତଥା ବଡ ବଡ ଅଟ୍ଟାଳିକ ନିର୍ମାଣ ଦ୍ୱାରା ସମୟେ ସମୟେ ଭୟଙ୍କର ବନ୍ୟା ପରସ୍ଥିତି ସୃଷ୍ଟି ହେଉଛି ।

ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘାତକ ସାବ୍ୟସ୍ତ ହେବାକୁ ଯାଉଛି । ଏହାର ପ୍ରଭାବରେ ୨୦୫୦ ସୁଦ୍ଧା ସମୁଦାୟ ବିଶ୍ୱର ଜିଡିପି ପ୍ରାୟ ୪ ପ୍ରତିଶତ କ୍ଷତି ସହିତ ବୋଲି ଏକ ଆକଳନରୁ ଜଣାଯାଇଛି । ବାଂଲାଦେଶ, ଭାରତ, ପାକିସ୍ତାନ ଏବଂ ଶ୍ରୀଲଙ୍କାରେ ଜଳବାୟୁ ପରିବର୍ତ୍ତନ କାରଣରୁ ଏକାଧିକ ବନାଗ୍ନି, ବନ୍ୟା, ଭୀଷଣ ଝଡବାତ୍ୟା ଏବଂ ଜଳାଭାବ ଭଳି ସଙ୍କଟ ଦେଖାଦେଇପାରେ । ଏହାଦ୍ୱାରା ସମୁଦାୟ ଦକ୍ଷିଣ ଏସିଆ ଜିଡିପିର ୧୦ରୁ ୧୮ ପ୍ରଭାବିତ ପ୍ରଭାବିତ ହେବା ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଲୋକଙ୍କୁ ପିଇବା ପାଣି ମିଳିବାରେ ବି ସମସ୍ୟା ହେବ । ହିମାଳୟରେ ଗ୍ଲେସିୟର ତରଳିବା ଯୋଗୁ ନଦୀଗୁଡ଼ିକ ଶୁଖିଯିବ । ଫଳରେ ଲୋକଙ୍କୁ ଆବଶ୍ୟକତା ମୁତାବକ ପାଣି ମିଳିବ ନାହିଁ ବୋଲି ସମ୍ଭାବନା ସୃଷ୍ଟି ହେଇଛି । ଆଗକୁ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ଗଙ୍ଗା, ଯମୁନା, ସିନ୍ଧୁ ଆଦି ନଦୀର ଜଳ ସ୍ତର କମିବାକୁ ଲାଗିବ । ପ୍ରଦୂଷଣର ସ୍ତର ବଢ଼ିବ । ଫଳରେ ଭାରତରେ ଜଳାଭାବ ଦେଖାଯିବ । ଖାସ୍ କରି ହିମାଳୟରୁ ବାହାରିଥିବା ନଦୀଗୁଡ଼ିକ ଶୁଖିଯିବାର ସମ୍ଭାବନା ରହିଛି । ଫଳରେ ଏସିଆ ମହାଦେଶର ଅଧିକ ସ୍ଥାନରେ ମାଟି ଫାଟି ଦୁର୍ଭିକ୍ଷ ସ୍ଥିତି ଉପୁଜିବ ।

ପାଣିପାଗରେ ଲଗାତାର ପରିବର୍ତ୍ତନର ପ୍ରଭାବ ଏବେ ଧୀରେ ଧୀରେ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡ଼ିବା ଆରମ୍ଭ ହୋଇଛି । ଏହି ବିପଦ ଆଗକୁ ଆହୁରି ବଢ଼ିଯିବ । ଫଳରେ ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁ ଲୋପ ପାଇଯିବେ । ୨୦୫୦ ବେଳକୁ ବରଫରେ ବାସ କରୁଥିବା ଜୀବଜନ୍ତୁଙ୍କୁ ଦେଖିବା ଏକ ପ୍ରକାର ସ୍ୱପ୍ନ ହୋଇଯିବ । ସେହିପରି ଜଙ୍ଗଲୀ ଜୀବଜନ୍ତୁଙ୍କ ବଂଶ ବି ଆଗକୁ ସମ୍ପୂର୍ଣ୍ଣ ଶୂନ ହୋଇଯିବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱପାଇଁ ଏକ ପ୍ରକାର କାଳ ହୋଇଛି । ଜଳବାୟୁ ପରିବର୍ତ୍ତନ ଫଳରେ ବିଶ୍ୱବାସୀ ଅନେକ ପ୍ରକାର ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ନୂଆ ନୂଆ ରୋଗ ସୃଷ୍ଟି ହେବାରେ ଲାଗିଛି । ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଏବଂ ଅସହ୍ୟ ଗୁଳିଗୁଳି ପାଇଁ ଶରୀରର ତାପମାତ୍ରା ବଢୁଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଦେଖାଦେଇଛି ଅଂଶୁଘାତ ଓ ହାଇପରଥର୍ମିଆ । ଯାହା ମଣିଷକୁ ଦୁର୍ବଳ କରିଦେଉଛି ।

ପରିବର୍ତ୍ତିତ ଜଳବାୟୁ ଓ ଅସନ୍ତୁଳିତ ପରିବେଶ ମଧ୍ୟରେ ଜୀବନଧାରଣ ପାଇଁ ମଣିଷ ଆଜି ଅଣନିଃଶ୍ୱାସୀ । ବିଶୁଦ୍ଧ ପରିବେଶ ଭିତରେ ବଞ୍ଚିବା ଆଜିର ପରିସ୍ଥିତିରେ ଏକ ଆହ୍ୱାନରେ ପରିଣତ ହୋଇଛି । ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନର ମାନଦଣ୍ଡ । ପ୍ରାକୃତିକ ପରିବେଶକୁ ସୁନ୍ଦର ରଖିବା ସହିତ ସୁରକ୍ଷିତ ରଖିପାରିଲେ ଆମେ ସମସ୍ତେ ସୁଖକର ଜୀବନଯାପନ କରିପାରିବା । ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କଲେ ମଣିଷ ତା'ର ଅସ୍ତିତ୍ୱ ହରାଇବସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମୟ ଆସିବ ସାରାବିଶ୍ୱ ଦିନେ ପରିବର୍ତ୍ତିତ ଜଳବାୟୁ ଓ ଅସନ୍ତୁଳିତ ପରିବେଶ ପ୍ରଭାବରେ ଅତିଷ୍ଠ ହେବାକୁ ଲାଗିବ । ତେଣୁ ବେଳ ଥାଉ ଥାଉ ପରିବେଶର ଯତ୍ନ ନେବାକୁ ପଡିବ । ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ପଡିବ । ଆଧୁନିକ ଜୀବନଶୈଳୀ ତଥା ବିଜ୍ଞାନର ମାୟାରେ ବାଟବଣା ନହୋଇ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବ ପ୍ରତି ସଚେତନ ହେବା ଯାହା ଫଳରେ ଉଭୟ ଜୀବନ ସୁସ୍ଥ ଓ ସୁନ୍ଦର ହୋଇପାରିବ । ତା' ନ ହେଲେ ଏହି ମାନବ ସଭ୍ୟତା, ସୁନ୍ଦର ଜୀବଜଗତ ଅକାଳରେ ଧ୍ୱଂସପ୍ରାପ୍ତ ହେବ ।

**ନିମାପଡା, ପୁରୀ**
**ମୋ–୯୭୭୮୧୭୭୫୦୧**

# ଫାଇବ୍ରୋସ୍କାନ୍



**ପ୍ରଫେସର ଡାକ୍ତର**
**ଉମେଶ ଚନ୍ଦ୍ର ପାତ୍ର**

ଶରୀରର ଗୁରୁତ୍ୱପୂର୍ଣ୍ଣ ଲିଭର ବା ଯକୃତର ଅନ୍ତର୍ନିର୍ଯ୍ୟାସର ପରୀକ୍ଷା ଭାବେ ଫାଇବ୍ରୋସ୍କାନ ବ୍ୟବସ୍ଥାକୁ ଗ୍ରହଣ କରାଯାଏ । ଶରୀରର କାର୍ଯ୍ୟଦକ୍ଷତା ମଧ୍ୟ ଏହି ପରୀକ୍ଷାରୁ ଜଣାପଡ଼ିଥାଏ । ଆସନ୍ତୁ ଏହି ଫାଇବ୍ରୋସ୍କାନ ସମ୍ବନ୍ଧରେ ଏକ ଛୋଟିଆ ଆଲୋଚନା ଏଠାରେ ଉପସ୍ଥାପନ କରୁଛୁ ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ । ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ ।

ଏକ ଛୁଞ୍ଚ ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ । ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ । ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର । ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ । କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ । ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ । ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ ।

ଯକୃତର ଜଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ । ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣାପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ । ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି । ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ ।ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ । ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ । ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ । ୬୦–୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ । ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ । ଏହା ଯକୃତର କ୍ଷମତା ଜଣାଇଥାଏ । ଫ୍ୟାଟି ଲିଭର ପାଇଁ ଅଲ୍‌ଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ । ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି । ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ । ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ । ହେପାଟାଇଟିସ୍ ବି ଟିକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ । ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବତ, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏସବୁ ଖାଦ୍ୟରେ ଗ୍ରହଣ କରିବା ପ୍ରତି ଦୃଷ୍ଟି ଦିଅନ୍ତୁ ।

**ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ,ମୋ– ୯୪୩୭୦୫୧୯୫୭**

# ବନ୍ଧୁ ଓ ବନ୍ଧୁତା

**ରାକେଶ ପଣ୍ଡା**

ଜୀବନରେ, ପ୍ରାୟତଃ କୁହାଯାଏ ଯେ ବନ୍ଧୁମାନେ ହେଉଛନ୍ତି ପରିବାରର ସେହି ସଦସ୍ୟ ଯାହାକୁ ଆମେ ନିଜେ ବାଛିଥାଉ । ବନ୍ଧୁ ହିଁ ଆମକୁ ସମର୍ଥନ କରନ୍ତି, ଆମକୁ ବୁଝନ୍ତି ଏବଂ ଆମ ସହିତ ଅଗଣିତ ସ୍ମୃତି ବାଣ୍ଟନ୍ତି । ବନ୍ଧୁତା ସାଧାରଣତଃ ବିଶ୍ୱାସ, ଅଂଶୀଦାରିତା, ଅଭିଜ୍ଞତା ଏବଂ ପାରସ୍ପରିକ ବୁଝାମଣା ଉପରେ ନିର୍ମିତ ତଥା ଗଢିତୋଳି ହୋଇଥାଏ । ତଥାପି, ବେଳେବେଳେ ଏହି ଘନିଷ୍ଠ ବନ୍ଧଗୁଡିକ ଭାଙ୍ଗି ଯାଏ ଏବଂ ବନ୍ଧୁମାନେ ଶତ୍ରୁରେ ପରିଣତ ହୋଇଥାନ୍ତି । ବନ୍ଧୁତ୍ୱରୁ ଶତ୍ରୁତାକୁ ଉକ୍ତ ପରିବର୍ତ୍ତନ ବିସ୍ମୟକର ଏବଂ ଯନ୍ତ୍ରଣାଦାୟକ ଅଟେ । ଏହା ଏକ ହୃଦୟ ବିଦାରକ ବାସ୍ତବତା ଯାହା କୌଣସି ସମ୍ପର୍କରେ ମଧ୍ୟ ଘଟିପାରେ । ଏହି ଜଟିଳ ଏବଂ ବହୁମୁଖୀ ପରିସ୍ଥିତିଟି ଉଭୟ ପକ୍ଷକୁ ଆଘାତ, ଦ୍ୱନ୍ଦ୍ୱ ଏବଂ ବିଶ୍ୱାସଘାତକତା ପ୍ରଦାନ କରିଥାଏ । ଜୀବନର ଜଣେ ବନ୍ଧୁଙ୍କୁ ଶତ୍ରୁରେ ପରିବର୍ତ୍ତନ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ ବରଂ ମାନବିକ ସମ୍ପର୍କର ଦୁର୍ବଳ ପ୍ରକୃତିର ସ୍ମାରକ ମଧ୍ୟ ।

ବନ୍ଧୁଟିଏ ଶତ୍ରୁ ହେବାର ପ୍ରଥମ କାରଣ ହେଉଛି ସମ୍ପର୍କରେ ରହିଥିବା ମୂଲ୍ୟବୋଧ ଏବଂ ବିଶ୍ୱାସର ସଂଘର୍ଷ । ସମୟ ସହିତ, ବ୍ୟକ୍ତିଗତ ଅଭିବୃଦ୍ଧି ଏବଂ ଜୀବନ ଉପରେ ଲୋକମାନଙ୍କର ଦୃଷ୍ଟିକୋଣରେ ପରିବର୍ତ୍ତନ ହୋଇଥାଏ । ସେମାନେ ନୂତନ ଆଗ୍ରହର ବିକାଶ ଓ ବିଭିନ୍ନ ଲକ୍ଷ୍ୟ ଅନୁସରଣ କରିଥାନ୍ତି କିମ୍ବା ବନ୍ଧୁମାନଙ୍କଠାରୁ ଭିନ୍ନ ଆଦର୍ଶ ଗ୍ରହଣ ମଧ୍ୟ କରିଥାନ୍ତି । ବେଳେ ବେଳେ,ଏହି ପାର୍ଥକ୍ୟଗୁଡିକ ଏକ ମତଭେଦ ଏବଂ ଭୁଲ ବୁଝାମଣା ସୃଷ୍ଟି କରିଥାଏ । ଏପରି ପରିସ୍ଥିତିରେ, ଯାହା ସେମାନଙ୍କୁ ଏକଦା ଏକତ୍ର କରିଥିଲା ତାହା ବର୍ତ୍ତମାନ ସମୟରେ ପୃଥକ କରିବାର କାରଣ ସାଜିଥାଏ । ଅନ୍ୟ ପକ୍ଷରେ, ହିଂସା ଏବଂ ଈର୍ଷା ବନ୍ଧୁତା ଭାଙ୍ଗିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଆଜିର ପ୍ରତିଯୋଗିତାମୂଳକ ଦୁନିଆଁରେ ଏହି ନକାରାତ୍ମକ ଭାବନା କ୍ରୋଧ ଏବଂ ଶତ୍ରୁତାକୁ ବଢାଇଥାଏ । ଯେଉଁ ବନ୍ଧୁମାନେ, ପରସ୍ପରର ସଫଳତା ପାଇଁ ଏକଦା ସହଯୋଗୀ ଏବଂ ଖୁସି ଥିଲେ, ସେମାନେ ନିଜ ଜୀବନର ପରିସ୍ଥିତିକୁ ନିଜ ସାଙ୍ଗମାନଙ୍କ ସହିତ ତୁଳନା କରିବା ସମୟରେ ନିଜକୁ ଅଯୋଗ୍ୟ କିମ୍ବା ଈର୍ଷା ଅନୁଭବ କରିପାରନ୍ତି । ଯେତେବେଳେ ଈର୍ଷା ଅନାବୃତ ହୋଇଯାଏ, ଏହା ବନ୍ଧୁତାକୁ ବିଷାକ୍ତ କରି ଏକ ଖରାପ ସମ୍ପର୍କ ଆଡକୁ ଟାଣି ନେଇଥାଏ । ଏହାଛଡା, ଭୁଲ ଯୋଗାଯୋଗ, ଭୁଲ ବୁଝାମଣା, ଏବଂ ଆପୋଷ ବୁଝାମଣା ପାଇଁ ଅନିଚ୍ଛା ରୂପକ କାରକଗୁଡିକ ଏକ ଦୃଢବନ୍ଧୁତ୍ୱକୁ ଏକ ତିକ୍ତ ଶତ୍ରୁ ଆଡକୁ ଠେଲି, ଏହାର ଅବନତିରେ ସହାୟକ ହୋଇଥାନ୍ତି ।

ବନ୍ଧୁମାନେ ଅଧିକାଂଶ ଲୋକଙ୍କ ଜୀବନର ଏକ ବିରାଟ ଅଂଶ ଗଠନ କରନ୍ତି, କିନ୍ତୁ ଯଦି ସମ୍ପର୍କର ରକ୍ଷଣାବେକ୍ଷଣ ସଠିକ ଢଙ୍ଗରେ ଓ ଆତ୍ମୀୟତାର ସହ ନ' ହୁଏ ତେବେ, ସମୟ ସହିତ, ବନ୍ଧୁତା ଦୁର୍ବଳ ହୋଇଯାଏ । ତେବେ, ବିଶ୍ୱାସ ଓ ନିଃସ୍ୱାର୍ଥପରତା ଯେକୌଣସି ସୁସ୍ଥ ବନ୍ଧୁତ୍ୱର ମୂଳଦୁଆ ଅଟେ । ଜୀବନ ଅନୁଭୂତିଗୁଡିକରୁ ଶିଖିବା ଏବଂ ସ୍ଥାୟୀ ଏବଂ ପୂର୍ଣ୍ଣ ସମ୍ପର୍କକୁ ବଜାୟ ରଖିବା ପାଇଁ ସୁସ୍ଥ ଯୋଗାଯୋଗ, ବୁଝାମଣା ଏବଂ କ୍ଷମା ମୂଲ୍ୟକୁ ପ୍ରଶଂସା କରିବା ଅତ୍ୟନ୍ତ ଜରୁରୀ । ପ୍ରତିଟି ବ୍ୟକ୍ତି ନିଜ ସାଙ୍ଗମାନଙ୍କ ସହିତ ଯୋଗାଯୋଗ ରଖିବା ଏକାନ୍ତ ଆବଶ୍ୟକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେ ଆମର ବନ୍ଧୁମାନଙ୍କୁ ଭଲ ପାଇବା ଏବଂ ସମ୍ମାନ ଦେବା ଆବଶ୍ୟକ । ସେମାନଙ୍କୁ ଭଲ ଭାବରେ ବ୍ୟବହାର ପ୍ରଦର୍ଶନ କରିବା ଜରୁରୀ ଅଟେ ଏବଂ ପରସ୍ପର ମତାମତକୁ ସମ୍ମାନ କରିବା ତଥା ପରସ୍ପର ସହିତ ସଚ୍ଚୋଟ ରହିବା ଆବଶ୍ୟକ, ଯାହାଦ୍ୱାରା ଉକ୍ତ ମୂଲ୍ୟକୁ ଉଭୟ କଦାପି ଭୁଲିବେ ନାହିଁ । ପ୍ରେମ ସ୍ୱାଭାବିକ ଭାବରେ ଯେକୌଣସି ସମ୍ପର୍କର ଏକ ଅଂଶ । ଏକ ବନ୍ଧୁତ୍ୱରେ, ପ୍ରେମ ଅନେକ ଜିନିଷର ଅର୍ଥ ଦେଇପାରେ । ଏକ ବନ୍ଧୁତ୍ୱରେ ସମ୍ମାନ କେବଳ ଦିଆଯାଇନଥାଏ, ଏହା ଅର୍ଜନ ମଧ୍ୟ କରାଯାଏ । ବନ୍ଧୁମାନେ ସାଧାରଣତଃ ପରସ୍ପରକୁ ଯେତେ ଭଲ ପାଆନ୍ତି ଏବଂ ଉଭୟ ଉଭୟଙ୍କ ଯତ୍ନ ନିଅନ୍ତି ସେହିଭଳି ଭାବରେ ସମ୍ମାନ ଅର୍ଜନ କରନ୍ତି । ସମ୍ପର୍କରେ କୌଣସି ଛଳନା କିମ୍ବା ରହସ୍ୟ ରଖିବା ଉଚିତ ନୁହେଁ ଯାହା କୌଣସି ବନ୍ଧୁତାକୁ ନଷ୍ଟ କରିପାରେ । ସଚ୍ଚୋଟତାର ସବୁଠାରୁ ବଡ ଶତ୍ରୁ ହେଉଛି ବିଶ୍ୱାସଘାତକତା । ତେବେ,ବନ୍ଧୁର ପରିସୀମା ବିସ୍ତୀର୍ଣ୍ଣ ଏହା ନିଃସ୍ୱାର୍ଥପର, ସ୍ୱତନ୍ତ୍ର ଓ ଅନନ୍ୟ । ପ୍ରକୃତ ବନ୍ଧୁତା ସର୍ବଦା ଏକ ଭଲ ଭିତ୍ତିଭୂମି ଆବଶ୍ୟକ କରିଥାଏ । ତେଣୁ, ପ୍ରକୃତ ବନ୍ଧୁତା ଜଣେ ବ୍ୟକ୍ତିଙ୍କୁ ଗ୍ରହଣ କରିବା ପରିବର୍ତ୍ତେ ବନ୍ଧୁ ସୁଲଭ ଗୁଣକୁ ଗ୍ରହଣ କରେ । ପ୍ରକୃତ ବନ୍ଧୁତ୍ୱର କୌଣସି ଉଦ୍ଦେଶ୍ୟ ନ'ଥାଏ । ଏହା ସର୍ବଦା ନିଃସ୍ୱାର୍ଥପର ହୋଇଥାଏ । ମଣିଷର ଜୀବନରେ ବନ୍ଧୁତ୍ୱର ଏକ ମହତ୍ତ୍ୱ ରହିଛି । ଯାହା ତାକୁ ଅନେକ ଅବିସ୍ମରଣୀୟ ଶିକ୍ଷା ଦେବା ପାଇଁ ସଦା ତତ୍ପର । କେତେକ କ୍ଷେତ୍ରରେ ଏହା ଜୀବନ ପରିବର୍ତ୍ତନକାରୀ ସାବ୍ୟସ୍ତ ହୋଇଥାଏ । ଜୀବନରେ ପ୍ରକୃତ ବନ୍ଧୁତା ପାଇବା ଏକ ସାଧାରଣ କଥା ନୁହେଁ । ଗୋଟିଏ ପ୍ରକୃତ ବନ୍ଧୁତା ଜୀବନକୁ ସହଜ ଓ ସରଳ କରିଥାଏ ଏବଂ ଭଲ ସମୟଟିଏ ଉପହାର କରିଥାଏ ।

**ବନ୍ଧାଲୋ, ଟାଙ୍ଗୀ, କଟକ**
**ମୋ–୯୩୩୭୮୯୭୬୫୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୫ରୁ...

ତାରିଖ ପର୍ଯ୍ୟନ୍ତ ୩ ଦିନ ପାଇଁ ସମସ୍ତ ସ୍କୁଲ୍‌ଗୁଡ଼ିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଥିଲେ । ଆଜିଠାରୁ ୨୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ । ତେଣୁ ପାଗ ଟିକେ ଭଲ ରହିପାରେ । କିନ୍ତୁ ୨୫ ତାରିଖରୁ ପୁଣି ଖରାର ପ୍ରକୋପ ଅନୁଭୂତ ହୋଇପାରେ । ଏପ୍ରିଲ ୨୬ରୁ ମେ' ୨ ପର୍ଯ୍ୟନ୍ତ ପୁଣି ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଆଜି ସ୍କୁଲ ଗୁଡ଼ିକୁ ଖରା ଛୁଟି ଘୋଷଣା କରିଛନ୍ତି ।

ଆଜି ବି ଝାରସୁଗୁଡ଼ା ଓ କେନ୍ଦୁଝରରେ ତାପମାତ୍ରା ୪୩.୬ ଡିଗ୍ରି ରେକର୍ଡ କରିଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ହୀରାକୁଦ ଓ ରାଉରକେଲାରେ ତାପମାତ୍ରା ୪୧.୮, ସମ୍ବଲପୁରରେ ୪୧.୭, ଭୁବନେଶ୍ୱର ଓ ଚାନ୍ଦବାଲିରେ୪୧.୬, ବାଲେଶ୍ୱରରେ ୪୦.୫ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିବା ଆଶଙ୍କାରେ ୬ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ୯ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ମୟୂରଭଞ୍ଜ, ନୟାଗଡ଼, ଅନୁଗୁଳ, ବୌଦ୍ଧ, କଟକ ଓ କେନ୍ଦୁଝର ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକ ହେଉଛି ନୂଆପଡ଼ା, ସୁବର୍ଣ୍ଣପୁର, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ବରଗଡ଼ ଓ ରାୟଗଡ଼ା । ୬ଟି ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ସେଗୁଡ଼ିକ ହେଉଛି କନ୍ଧମାଳ, ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରି । ସେହିଭଳି ୨୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୁଳ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୩ ଓ ୨୪ ତାରିଖରେ ରାଜ୍ୟର କେତେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ଏବଂ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଗ୍ରୀଷ୍ମପ୍ରବାହକୁ ଦେଖି ସ୍ୱତନ୍ତ୍ର ରିଲିଫ୍ କମିସନର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତ ।ଗତକାଲି ବୌଦ୍ଧ ଓ ବାରିପଦା ଦେଶର ସବୁଠାରୁ ଉତ୍ତପ୍ତ ସହର ଥିବା ବେଳେ ଆଜି ପାଗରେ ସାମାନ୍ୟ ପରିବର୍ତ୍ତନ କାରଣରୁ ଖରା କମିଛି ।ବାରିପଦାରେ ଆଜି ତାପମାତ୍ରା ସର୍ବାଧିକ ୪୪.୬ ଡିଗ୍ରି ରେକର୍ଡ କରାଯାଇଛି । ରାଜ୍ୟର ୩୦ଟି ସହରରେ ତାପମାତ୍ରା ୪୦ ଡିଗ୍ରି ଉପରେ ଅନୁଭୂତ ହୋଇଛି ।

## ବିଏସ୍‌କେୱାଇ...

ଉପକୃତ ହେବେ । କଲେଜରେ ପାଠ ପଢୁଥିବା ୯୮ ପ୍ରତିଶତ ପିଲା ଏହି ଯୋଜନାର ସୁଫଳ ପାଉଛନ୍ତି ।

ଶ୍ରମିକଙ୍କୁ ବିକାଶର ସାରଥି ଭାବେ ଗ୍ରହଣ କରି ସେମାନଙ୍କର ଉନ୍ନତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିନ୍ତା କରୁଛନ୍ତି । ସେଥିପାଇଁ ନିକଟରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୧୦୦ଟଙ୍କା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ । ବିଜୁବାବୁ ଏକଦା ଶ୍ରମିକଙ୍କ ସର୍ବନିମ୍ନ ପାରିଶ୍ରମିକ ଦୁଇଗୁଣା କରି ରେକର୍ଡ କରିଥିଲେ । ବିକାଶର ସାରଥୀ ହେଲେ ଶ୍ରମିକ । ସେମାନେ ଖୁସୀରେ ରହିଲେ ବିକାଶ ଆହୁରି ସହଜ ହେବ ବୋଲି ପାଣ୍ଡିଆନ କହିଛନ୍ତି । ସଶକ୍ତ ଶ୍ରମିକ, ସଶକ୍ତ ଓଡ଼ିଶା । ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଏକକାଳୀନ ୧୦୦ଟଙ୍କା ବୃଦ୍ଧି ପଛର ଘଟଣାବଳୀ ସମ୍ପର୍କରେ ସୂଚନା ଦେଇଥିଲେ ପାଣ୍ଡିଆନ । ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧିପାଇଁ ଯେଉଁ ପ୍ରସ୍ତାବ ଆସିଥିଲା ସେଥିରେ ମୁଖ୍ୟମନ୍ତ୍ରୀ ସନ୍ତୁଷ୍ଟ ହୋଇନଥିଲେ । ନିଜେ ହସ୍ତକ୍ଷେପ କରି ଏକକାଳୀନ ୧୦୦ଟଙ୍କା ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ବୃଦ୍ଧି ଯୋଗୁଁ ରାଜ୍ୟ ସରକାର ବାର୍ଷିକ ୪ହଜାର କୋଟି ଟଙ୍କାର ବୋଝ ମୁଣ୍ଡାଇବାକୁ ପଡିବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି ଏବଂ ସେମାନେ ହିଁ ନୂଆ ଓଡିଶାର ସାରଥୀ ବୋଲି ହୃଦୟଙ୍ଗମ କରିଥିବାରୁ ଏହି ବୋଝକୁ ଭୃକ୍ଷେପ କରିନଥିଲେ ।

ପୁଞ୍ଜି ଆଣିବା କ୍ଷେତ୍ରରେ ସମଗ୍ର ଦେଶରେ ମହାରାଷ୍ଟ୍ର ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି ଓଡିଶା । ଶ୍ରମିକମାନଙ୍କ ସହଯୋଗ ଓ ସଂପୃକ୍ତି ରହିଲେ ଯାଇ ଏହି ପୁଞ୍ଜି ବିନିଯୋଗର ସୁଫଳ ରାଜ୍ୟକୁ ମିଳିବ । ସେଥିପାଇଁ ନୂଆ ଓଡିଶା ଗଠନ କ୍ଷେତ୍ରରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପାଣ୍ଡିଆନ କହିଥିଲେ । ଏଥିସହ ଶ୍ରମିକମାନଙ୍କୁ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା ମଧ କରିଥିଲେ ସେଛ କିଛି ଲୋକ ରାଜନୀତି ପାଇଁ ମିଛ କହି ମିଛ ପ୍ରଚାରରେ ବିଶ୍ୱାସ କରନ୍ତି । ହେଲେ ନବୀନ ସବୁବେଳେ କାମରେ ବିଶ୍ୱାସୀ । ସମସ୍ତେ ମିଳିମିଶି ନବୀନଙ୍କ ନେତୃତ୍ୱରେ ନୂଆ ଓଡ଼ିଶା ଗଠନ କରିବାକୁ ଫାଇଭ-ଟି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି । ଆଗାମୀ ଦିନରେ ଶ୍ରମିକଙ୍କ ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯିବ । ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଏଥିପାଇଁ ଯଦି ପାଣ୍ଠିର ଅଭାବ ରହିଥିବ, ତାହେଲେ ରାଜ୍ୟ ବଜେଟରୁ ପାଣ୍ଠି ଯୋଗାଇଦିଆଯିବ ବୋଲି କହିଛନ୍ତି ପାଣ୍ଡିଆନ ।

ନିର୍ବାଚନ ପରିପ୍ରେକ୍ଷୀରେ ବିଜୁଜନତା ଦଳ ତାର ନିର୍ବାଚନୀ ଇସ୍ତାହାର ଆଣିବାକୁ ଯାଉଛି । ଶ୍ରମିକମାନେ ଯଦି କିଛି ପ୍ରସ୍ତାବ ଦିଅନ୍ତି ତାହେଲେ ତାକୁ ଇସ୍ତାହାରରେ ସ୍ଥାନିତ କରାଯିବ । ଇସ୍ତାହାରରେ ସ୍ଥାନ ପାଇଲେ ସରକାର କ୍ଷମତାକୁ ଆସିବା ମାତ୍ରେ ଅର୍ଥାତ ପ୍ରଥମ କ୍ୟାବିନେଟରେ ହିଁ ତାକୁ ଅନୁମୋଦନ ମିଳିବ ବୋଲି କହିଛନ୍ତି ପାଣ୍ଡିଆନ । ନବୀନ ସରକାର ଲୋକଙ୍କର, ସବୁବେଳେ ଲୋକଙ୍କ ପାଇଁ ହିଁ ଚିନ୍ତା କରିବ ବୋଲି ପାଣ୍ଡିଆନ ପ୍ରତିଶୃତି ଦେଇଛନ୍ତି ।

## ୨୫ରେ...

ନିର୍ବାଚନ ହେବ । ଉଭୟ କେନ୍ଦ୍ର ଓ ଓଡିଶାରେ ବିଜେପିର ସରକାର ଗଠନ ହେବ । ନିର୍ବାଚନ ପ୍ରଚାରକୁ ଶାଣିତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆସନ୍ତା ୨୫ ତାରିଖ ଦିନ ସୋନପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଜନସଭାରେ ଯୋଗଦେବେ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ୨୫ ତାରିଖ ଅପରାହ୍ନରେ ସୋନପୁର ଜନସଭାକୁ ସମ୍ବୋଧନ କରିବା ପରେ ସଂନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚି ରାତ୍ରିଯାପନ କରିବେ । ଏହି ଅବସରରେ ଶ୍ରୀ ଶାହା ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବା ସହ ନିର୍ବାଚନ ପରିଚାଳନା ପ୍ରସଙ୍ଗରେ ଦଳୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

## ଅଟୋକୁ...

ଆଉ ୫ ଜଣ ଗୁରୁତର ଅବସ୍ଥାରେ ପ୍ରଥମେ ନିକଟସ୍ଥ ଜୋଡ଼ିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲାଛ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତରଙ୍କୁ ଉମରକୋଟ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ରାଇଘର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଚିକିତ୍ସାଧିକାରୀ ଡଃ ଦଶରଥ ନାଗ ପ୍ରକାଶ କରିଛନ୍ତିଛ ଅନ୍ୟପଟେ ଖବର ପାଇ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି ।

## ସର୍ଭିସ୍...

ଯୋଗପୀଠ ଟ୍ରଷ୍ଟ'କୁ ବର୍ତ୍ତମାନ ଉଭୟ ଆବାସିକ ତଥା ଅଣ-ଆବାସିକ ଯୋଗ ଶିବିର ପାଇଁ ସେବା ଟିକସ ତଥା ସର୍ଭିସ ଟ୍ୟାକ୍ସ ଦେବାକୁ ପଡିବ । ଜଷ୍ଟିସ ଓକ ଏବଂ ଜଷ୍ଟିସ ଭୂୟାଁଙ୍କ ଖଣ୍ଡପୀଠ ନିୟ ରାୟରେ କହିଛନ୍ତି ଯେ ସେବା କର ଆପିଲ ଟ୍ରିବ୍ୟୁନାଲ ଠିକ ନିଷ୍ପତ୍ତି ନେଇଛନ୍ତି । ପତଞ୍ଜଳି ଯୋଗପୀଠ ଟ୍ରଷ୍ଟ ରାମଦେବଙ୍କ ଯୋଗ ଶିବିର ପାଇଁ ପ୍ରବେଶ ଶୁଳ୍କ ଆଦାୟ କରିଥାନ୍ତି । ପ୍ରବେଶ ଶୁଳ୍କ ଚାର୍ଜ କରିବା ପରେ ଯୋଗ ଶିବିରରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ହେଉଛି ଏକ ସେବା । ଟ୍ରିବ୍ୟୁନାଲର ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ଆମ ପାଖରେ ନାହିଁ ବୋଲି ବେଞ୍ଚ କହିଛନ୍ତି । ଏଥିସହ ପତଞ୍ଜଳି ଯୋଗପୀଠ ଟ୍ରଷ୍ଟର ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି । ଏଥିସହ ୫ ଅକ୍ଟୋବର ୨୦୨୩ର କଷ୍ଟମ୍ସ, ଏକ୍ସାଇଜ୍ ଏବଂ ସର୍ଭିସ ଟ୍ୟାକ୍ସ ଆପିଲେଟ ଟ୍ରିବ୍ୟୁନାଲ (ସିଇଏସଟିଏଟି)ର ଆହ୍ଲାବାଦ ବେଞ୍ଚ ଦେଇଥିବା ରାୟରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରି ଦେଇଛନ୍ତି ।

## ବସ୍...

ହରାଇ ବସଟି ଓଲଟି ପଡିଥିଲା । ସମସ୍ତ ଆହତମାନଙ୍କୁ ନିକଟସ୍ଥ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା ।ତେବେ ଯବାନମାନେ ଗୁରୁତର ନଥିବା ଡାକ୍ତର କହିଛନ୍ତ ।

## କେଜରିୱାଲଙ୍କ...

ଜଷ୍ଟିସ ମନୋଜ ଜୈନଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଆବେଦନର ଶୁଣାଣି ହେବ । ମାର୍ଚ୍ଚ ୨୧ ତାରିଖରେ ହାଜର ହେବାକୁ ଇଡି ପକ୍ଷରୁ ଜାରି କରାଯାଇଥିବା ନବମ ସମନ ପରିପ୍ରେକ୍ଷୀରେ ଆପ୍ ରାଷ୍ଟ୍ରୀୟ ଆବାହକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।୧ମାର୍ଚ୍ଚ ୨୦ରେ ହାଇକୋର୍ଟ ଖଣ୍ଡପୀଠ ଇଡିକୁ ଆବେଦନର ବିଚାରଯୋଗ୍ୟତା ସମ୍ପର୍କରେ ଜବାବ ଦାଖଲ କରିବାକୁ କହିଥିଲେ । ଏହାର ପରଦିନ ଇଡିକୁ ଗିରଫଦାରୀରୁ ସୁରକ୍ଷା ପାଇଁ କେଜ୍ରିଓ୍ୱାଲଙ୍କ ଆବେଦନର ଜବାବ ଦେବାକୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ ବର୍ତ୍ତମାନ ସମୟରେ ସେ କୌଣସି ଅନ୍ତରୀଣ ରିଲିଫ୍ ଦେବାକୁ ଇଚ୍ଛୁକ ନୁହଁନ୍ତି । ସେହିଦିନ ସନ୍ଧ୍ୟାରେ କେଜ୍ରିୱାଲଙ୍କୁ ଇଡି ଗିରଫ କରିଥିଲା ଏବଂ ବର୍ତ୍ତମାନ ସେ ନ୍ୟାୟିକ ହେପାଜତରେ ଅଛନ୍ତି ।

## ମୟୂରଭଞ୍ଜ....

ଅଭିଯୋଗରେ ଅଜଣା ବ୍ୟକ୍ତି ବୋଲି ଦର୍ଶାଯାଇଛି। ଭଞ୍ଜପୁର ଥାନା ପୋଲିସ ବାରିପଦା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାକୁ ଆସି ଏନେଇ ତଦନ୍ତ କରୁଥିବାବେଳେ ଦଫା ୪୨୦, ୪୬୮, ୪୧୯, ୪୭୧ ଦଫାରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ତେବେ ପୋଲିସ ବା ବ୍ୟାଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ମୟୂରଭଞ୍ଜ ପିଡ଼ି,ଡିଆରଡିଏ କହିଛନ୍ତି ପୋଲିସ ଏନେଇ ତାଙ୍କୁ ଯୋଗାଯୋଗ କରିଥିଲେ। ତେବେ ଅଫିସ ପକ୍ଷରୁ କୌଣସି ଚ୍ୟାକ ଦିଆଯାଇନାହିଁ କି ଅଭିଯୋଗ ହୋଇଥିବା କମ୍ପାନୀ ଗୁଡିକ ସହିତ କୌଣସି ଦେଣ ନେଣ ମଧ କରାଯାଇନାହିଁ। ଯଦି ବ୍ୟାଙ୍କ ଏହି ଟଙ୍କା ଫେରସ୍ତ ନ କରିବ ତେବେ ବାଧ ହୋଇ ବ୍ୟାଙ୍କ ଅଫ ଇଣ୍ଡିଆ ନାମରେ ଥାନାରେ ମାମଲା ରୁଜୁ କରିବୁ।

# ଟିପିସିଓଡ଼ିଏଲ୍‌ର 'ଦକ୍ଷ' କାର୍ଯ୍ୟକ୍ରମ ଯୁବକପିଢ଼ିଙ୍କୁ କରୁଛି ସଶକ୍ତ




ଭୁବନେଶ୍ୱର (ସବ୍ୟୁ) : ଟିପିସିଓଡ଼ିଏଲ ତାହାର ନୂତନ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ପଦକ୍ଷେପ ଅନ୍ତର୍ଗତ ଦକ୍ଷ କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ଯୁବକମାନଙ୍କମଧ୍ୟରେ ଦକ୍ଷତା ବିକାଶ ଦିଗରେ କାର୍ଯ୍ୟକରୁଛି।ବର୍ତ୍ତମାନର ପରିସ୍ଥିତି ଓ ଚାହିଦାକୁ ଭିତ୍ତି କରି ବିଭିନ୍ନ କୌଶଳ ତାଲିମ ମାଧ୍ୟମରେ ଗ୍ରାମୀଣ ଯୁବକମାନଙ୍କୁ ସଶକ୍ତ କରିବାକୁ ଏହି ଦକ୍ଷକାର୍ଯ୍ୟକ୍ରମ ଲକ୍ଷ୍ୟ ରଖିଛି ।

୧୨୦ ଜଣ ଶିକ୍ଷାର୍ଥୀଙ୍କୁ ନେଇ ପ୍ରଥମ ବ୍ୟାଚର ଉଦଘାଟନୀ ସମାରୋହ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଫର୍‌ଟ୍ରେନିଂ ଅଫ୍ ଟ୍ରେନର, ତାଳଚେର (ଅନୁଗୁଳ) ର ଦକ୍ଷ ସ୍କିଲ୍ ଡେଭଲପମେଂଟ ଆଣ୍ଡ ଏଂଟରପ୍ରାଇଜର୍ସିପ୍ ସେଂଟରରେ ଅନୁଷ୍ଠିତହୋଇଯାଇଛି।ଏହି କାର୍ଯ୍ୟକ୍ରମ ଟିପିସିଓଡ଼ିଏଲ୍ ର ସିଏସ୍ଆର୍ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଚିହ୍ନିତ କରିବା ସହ ଓଡିଶାର ଯୁବକମାନଙ୍କ ପାଇଁ କୌଶଳ ବିକାଶ ମାଧ୍ୟମରେ ଏକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନରୁ ଭାଗନେଇଥିବା କୃତି ପ୍ରାର୍ଥୀଙ୍କୁ କାର୍ଯ୍ୟକ୍ରମର କାର୍ଯ୍ୟକାରୀ ତଥା ସଂଶ୍ଳିଷ୍ଟ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ସୁଯୋଗ ପ୍ରଦାନକରାଯାଇଛି। ଏହି ଅବସରରେ, ଦକ୍ଷ ପ୍ରଶିକ୍ଷାର୍ଥୀମାନଙ୍କର ଏକ ଶିକ୍ଷଣୀୟ ଅନୁଭୁତି ଏବଂ ସଫଳତାର କାହାଣୀକୁ ବ୍ୟକ୍ତ କରୁଥିବାଏକ ଫଟୋବୁକ୍ ରିଲିଜ୍ କରାଯାଇଛି, ଯାହାକି ସେମାନଙ୍କ ବିକାଶରେ ଟିପିସିଓଡ଼ିଏଲ୍ ର ସାମଗ୍ରିକ ଆଭିମୁଖ୍ୟ ପ୍ରଦର୍ଶନ କରୁଛି।ଏହି ଦକ୍ଷ କାର୍ଯ୍ୟକ୍ରମ ମାଧରେ ଫେସିଲିଟି ମ୍ୟାନେଜମେଂଟ ଓ ପ୍ଲମ୍ବିଂ ଆସିଷ୍ଟାଂଟ ଭଳି ବିଷୟରେ ତାଲିମ ଉପଲବ୍ଧ କରାଯାଇଛି।ଶିକ୍ଷା, ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ମାଧ୍ୟମରେ ସମାଜର ବିକାଶ, ବିଶେଷକରି ଅସୁରକ୍ଷିତ ବିଭାଗକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଥିବାଟିପିସିଓଡ଼ିଏଲ୍ ର ସିଏସ୍ଆର୍ ନୀତି ସହିତ ସମାନ୍ତରାଳ ଭାବରେ ଏହି ଦିଗରେ କାର୍ଯ୍ୟରତ ରହିଛି।ଯୁବ ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ବର୍ଣ୍ଣନା କରି ଟିପିସିଓଡ଼ିଏଲ୍ ର ସିଇଓ, ଶ୍ରୀ ଅରବିନ୍ଦ୍ ସିଂହ କହିଛନ୍ତି, ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ୍ଟରେ ସଫଳ ହେବା ପାଇଁ ଯୁବକପିଢ଼ିଙ୍କୁ ଦକ୍ଷତା ଏବଂ କୌଶଳ ସହିତ ସଶକ୍ତକରିବାକୁ ଆମେ ଟିପିସିଓଡ଼ିଏଲ୍ ମାଧ୍ୟମରେ ଗୁରୁତ୍ୱ ପ୍ରଦାନ କରୁଛୁ। ଦକ୍ଷ କାର୍ଯ୍ୟକ୍ରମ ଏହାର ଏକ ଜ୍ୱଳନ୍ତ ଉଦାହରଣ ଅଟେ। ନିଯୁକ୍ତିଏବଂ ଉଦ୍ୟୋଗୀତାର ବିକାଶ ତଥା ସ୍ଥାନୀୟ ଅର୍ଥନୀତିକୁ ଦୃଢ଼ତା ପ୍ରଦାନ କରିବା ଓ ଓଡିଶାରେ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ପାଇଁଏକ ଦକ୍ଷ କର୍ମଜୀବୀ ବିକାଶ ପାଇଁ ଆମେ ସର୍ବଦା ଉତ୍ସର୍ଗୀକୃତ ଓ ପ୍ରଚେଷ୍ଟିତ।ଦକ୍ଷତା ବିକାଶ ସହିତ, ଟିପିସିଓଡ଼ିଏଲ୍ ଦକ୍ଷ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ଏଜେନ୍ସି ମାଧ୍ୟମରେ ଉପଯୁକ୍ତ ନିଯୁକ୍ତି ସୁଯୋଗକୁସୁଗମ କରୁଛି । ଏହି ଅଭିନବ ପ୍ରୟାସ, ପ୍ରଶିକ୍ଷାର୍ଥୀଙ୍କ କର୍ମକ୍ଷେତ୍ରରେ ପରିବର୍ତ୍ତନକୁ ଶୃଙ୍ଖଳିତ କରିବା, ଓଡିଶାର ସାମଗ୍ରିକ ବିକାଶ ଓସମୃଦ୍ଧତା ପାଇଁ ଏକ ଅବଦାନ ହେବା।ଟିପିସିଓଡ଼ିଏଲ୍ ର ସିଏସଆର ପଦକ୍ଷେପ ଅନ୍ତର୍ଗତ ଦକ୍ଷ କାର୍ଯ୍ୟକ୍ରମ ଦ୍ୱାରା ଯୁବକବର୍ଗଙ୍କୁ ସଶକ୍ତିକରଣ ଏବଂ ସ୍ଥାୟୀ ବିକାଶ ଦିଗରେଏକ ସକରାତ୍ମକ ସାମାଜିକ ପ୍ରଭାବ ପକାଇବ ଯାହା କମ୍ପାନୀର ପ୍ରତିବଦ୍ଧତାକୁ ସୂଚିତ କରୁଛି ।

## ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ଇଞ୍ଜିନିୟର ଏବଂ ଆର୍କିଟେକ୍ଟ ମିଟ୍ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ) : ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଏବଂ ଟିଏମଟି ବାର୍ ଉତ୍ପାଦନକାରୀ ରୁଙ୍ଗଟା ଷ୍ଟିଲ୍‌ପକ୍ଷରୁ ବିହାର, ପାଟଣାର ହୋଟେଲ ମୌର୍ଯ୍ୟ ଠାରେ ଏକ 'ଇଞ୍ଜିନିୟର ଆଣ୍ଡ ଆର୍କିଟେକ୍ଟ ମିଟ୍' ଆୟୋଜିତହୋଇଯାଇଛି।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଂଚଳର ଇଞ୍ଜିନିୟର୍ ଏବଂ ଆର୍କିଟେକ୍ଟମାନଙ୍କୁ ଏକତ୍ର କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।ଏଥିସହିତ ସେମାନଙ୍କୁ ରୁଙ୍ଗଟାର ଉତ୍ପାଦ ସହିତ ପରିଚିତ କରାଇବା, ବଜାର ଅନ୍ତର୍ନିହିତ ଆବଶ୍ୟକତାକୁ ବୁଝିବା ଏବଂଶିଳ୍ପରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଅଭିନବତା ଉପରେ ଆଲୋଚନା କରିବା ପାଇଁ ଏକ ପ୍ଲାଟଫର୍ମ ପରିବେଷଣକରିଥିଲା । ଏହି କାର୍ଯ୍ୟକ୍ରମରେ କ୍ଷେତ୍ରର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୬୦ ରୁ ଅଧିକ ଇଞ୍ଜିନିୟର ଏବଂ ଆର୍କିଟେକ୍ଟଯୋଗ ଦେଇଥିଲେ।ଏହି ଅବସରରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଏଭିପି ତଥା ସେଲ୍ସ ଆଣ୍ଡ ମାର୍କେଟିଂର ମୁଖ୍ୟ ଅରବିନ୍ଦ କୁମାରକହିଛନ୍ତି ଯେ, ଆମର କାର୍ଯ୍ୟ ମୂଳଦୁଆ ଭାବେ କାର୍ଯ୍ୟ କରୁଥିବା ବିହାରର ଇଞ୍ଜିନିୟର୍ ଏବଂ ଆର୍କିଟେକ୍ଟମାନଙ୍କ ସହିତଏହି ସାକ୍ଷାତକାର କରିବା ଆମର ଆନନ୍ଦକର ବିଷୟ ଅଟେ ।

## ତାତି ଲାଗି ପିଲାଙ୍କୁ ଅଙ୍ଗନୱାଡି ଛାଡିବାକୁ ଅଭିଭାବକ ନାରାଜ

ମାହାଙ୍ଗା (ସବ୍ୟୁ) : ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକୁ ବନ୍ଦ ରଖିଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ଗୁଡିକ ଖୋଲା ରହିଛି । ବଡପିଲାମାନଙ୍କୁ ଖରା କାଟୁଥିଲା ବେଳେ ଛୋଟ ପିଲାଙ୍କୁ ଖରା କାଟୁ ନାହିଁ । ଅଙ୍ଗନୱାଡି କେନ୍ଦ୍ର ଗୁଡିକ ସକାଳ ୬ଟାରୁ ଖୋଲି ୮ଟା ପର୍ଯ୍ୟନ୍ତ ଚାଲିବ ବୋଲି ସରକାର ଘୋଷଣା କରିଛନ୍ତି । ଅଙ୍ଗନୱାଡି ସହାୟିକା ପିଲାଙ୍କୁ ଘରକୁ ଡାକିବାକୁ ଗଲା ବେଳେ ଅଭିଭାବକମାନେ କହୁଛନ୍ତି । ଏତେ ସଖାଳୁ କୁଆଡେ ଆସିଛ । ପିଲାତ ୭ଟାରେ ଉଠୁଛି । ଅତ୍ୟଧିକ ଗରମ ଯୋଗୁ ଯଦି ଆମ ପିଲାର କିଛି ଅସୁବିଧା ହୁଏ ତେବେ ଦାୟୀ ରହିବ କିଏ ? ଅଙ୍ଗନୱାଡି ଦିଦି ନା ରାଜ୍ୟ ସରକାର । ସକାଳ ୮ଟା ବେଳକୁ ତାପମାତ୍ରା ୪୦ ଡିଗ୍ରୀ ପାଖା ପାଖି ହୋଇଯାଉଛି । ଛୋଟ ଛୋଟ ପିଲାଙ୍କୁ ଖରାରେ ଚଲାଇ ଚଲାଇ ୧କିମି ଯାଏ ନେବା ସମ୍ଭବ ନୁହେଁ । ସେପଟେ ୮ଟା ମଧ୍ୟରେ ପିଲାଙ୍କୁ ସେମାନଙ୍କ ଘରକୁ ଛାଡିବାକୁ ସୁପରଭାଇଜରମାନେ ତାଗିଦା କରୁଛନ୍ତି । ତେବେ ପିଲାଙ୍କୁ ଡାକି ରୋଷେଇ କରି ୮ଟା ଭିତରେ ଖାଇବାକୁ ଦେବା ସମ୍ଭବ ହେବ ନାହିଁ ବୋଲି କେତେକ ସହାୟିକା ନାମଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ପୁଷ୍ଟିକର ଖାଦ୍ୟ ନାଁରେ ପିଲାଙ୍କୁ ଭଣ୍ଡାଉଛନ୍ତି । ବିଦ୍ୟାଳୟ ପରି ଅଙ୍ଗନୱାଡି କେନ୍ଦ୍ରକୁ ତୁରନ୍ତ ଛୁଟି ଘୋଷଣା କରିବାକୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବୀ ମହଲରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି ।

## ଉତ୍କଟ ପାନୀୟଜଳ ସମସ୍ୟା : ଶୋଷ ମେଣ୍ଟାଉଛି ଚୁଆ ପାଣି



କେନ୍ଦୁଝର (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ବରେଇଗୋଡ଼ା ପଞ୍ଚାୟତ ଗୋପୀସାଗର ଗ୍ରାମରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଏହି ଗ୍ରାମରେ ୨୩ଟି ପରିବାର ବାସ କରୁଛନ୍ତି। ଗାଁରେ ଗୋଟିଏ ବି ନଳକୂଅ ନାହିଁ । ଗ୍ରାମବାସୀ ପାଣି ପାଇଁ ନିକଟରେ ବହି ଯାଉଥିବା ନାଳ ଉପରେ ନିର୍ଭର କରିଥାନ୍ତି। ଦୈତାରି ଡ୍ୟାମ୍ର ବଳକା ପାଣି ଏହି ନାଳରେ ପ୍ରବାହିତ ହୋଇଥାଏ। ଗ୍ରୀଷ୍ମଋତୁରେ ଡ୍ୟାମ୍ର ଜଳସ୍ତର ହ୍ରାସ ପାଇବାରୁ ନାଳ ଶୁଖିଯାଇଛି। ଗ୍ରାମବାସୀ ପାଣିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ବିଭିନ୍ନ ସ୍ଥାନରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ବରେଇଗୋଡ଼ା ସରପଞ୍ଚ ଜଲ ଜୁଆଙ୍ଗଙ୍କୁ ପଚାରିବାରୁ, ଗୋପୀସାଗର ଗ୍ରାମଟି ସମ୍ପୂର୍ଣ୍ଣ ଭାବେ ରେବଣା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛିଛ ଗାଁକୁ ଗାଡ଼ିମୋଟର ଯିବାପାଇଁ ରାସ୍ତା ନାହିଁ। ନଳକୂଅ ଖୋଳିବାପାଇଁ ଗାଡ଼ି ଯାଇପାରୁ ନଥିବା ସେ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମରେ ପାନୀୟଜଳ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ବିଜେପି ନେତାଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ




ଭୁବନେଶ୍ୱର (ସବ୍ୟୁ) : ବିଜେପି ନେତାଙ୍କ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ୨୪ ଘଣ୍ଟା ଭିତରେ ଅଭିଯୋଗ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ଖୋର୍ଦ୍ଧା ଓ ସମ୍ବଲପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର, ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଏକାମ୍ର ନିର୍ବାଚନ ମଣ୍ଡଳି ବିଧାୟକ ପ୍ରାର୍ଥୀ ବାବୁ ସିଂଙ୍କ ବିରୋଧରେ ଆସିଥିଲା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ । ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ବଲପୁର ବିଜେପି ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ଦଳୀୟ କାର୍ଯ୍ୟ ପାଇଁ ସରକାରୀ କାର୍ଯ୍ୟାଳୟ ବ୍ୟବହାର କରିବା ସହ ଏନସିସି କ୍ୟାଡେଟ୍ ଓ ଅଫିସରଙ୍କ ସହ ଆଲୋଚନା ଓ ନିର୍ବାଚନ ପ୍ରଚାର କରୁଥିବା ବିଜେଡି ଅଭିଯୋଗ କରିଥିଲ । ସପ୍ରମାଣ ଅଭିଯୋଗ ପରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳିରେ ନିର୍ବାଚନୀ ରାଲି ବେଳେ ଜଣେ ନାବାଳକଙ୍କୁ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ଏହାର ସଚିତ୍ର ଓ ସପ୍ରମାଣ, ତଥ୍ୟ

### ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ

ବିଜେଡି ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିଥିଲା । ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳିରେ ନିର୍ବାଚନ ରାଲି ବେଳେ ତାଙ୍କ ସହ ଭୁବନେଶ୍ୱର ଏକାମ୍ର ବିଧାୟକ ପ୍ରାର୍ଥୀ ବାବୁ ସିଂ ଉପସ୍ଥିତ ଥିବା ମଧ୍ୟ ଅଭିଯୋଗ ହୋଇଥିଲା ।

# ଲଙ୍କାପୋଡି ୫ମ ଦିବସ : ଗଣ୍ଡାବଧ



ଦଶପଲ୍ଲା,(ସବ୍ୟୁ) :ଚଳିତବର୍ଷ ଦଶପଲ୍ଲା ଲଙ୍କାପୋଡି ଯାତ୍ରା ର ପଞ୍ଚମ ଦିବସ ରେ ଗଣ୍ଡାବଦ୍ଧ ନାଟକ ଅନୁଷ୍ଠିତ ହୋଇ ଯାଇଛି । ଏହି ଗଣ୍ଡା ବଦ୍ଧ ନାଟକ ମୁଖ୍ୟ ମଞ୍ଚ ଠାରୁ ଦୁଇ କିଲୋମିଟର ଦୂର ହାଟ ପଡିଆର ଶବର ପଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିଲା । ପୌରାଣିକ କଥାବସ୍ତୁ ଅନୁଯାଇ ରାମଚନ୍ଦ୍ର ସୀତା ଙ୍କୁ ବିବାହ କରି ଅଯୋଧ୍ୟା ଫେରିବା ପରେ ରାମଚନ୍ଦ୍ର ଭାଇ ମାନଙ୍କ ସହ ପିତୃଶ୍ରାଦ୍ଧ ଉପଲକ୍ଷେ ଗଣ୍ଡା ଶିକାର ପାଇଁ ବନ ଗମନ କରନ୍ତି । ମାତ୍ର ଜଙ୍ଗଲ ରେ ବାଟ ଭୁଲି ଯାଆନ୍ତି ଛ ଏହି ସମୟ ରେ ଶବର ରାଜା ଗୁହକ ଙ୍କ ସହ ଶ୍ରୀରାମ ଙ୍କ ମିତ୍ରତା ହୁଏ ଓ ପରେ ପରେ ସନ୍ୟ ସାମନ୍ତ ସହ ଶ୍ରୀରାମ ଭାଇ ମାନଙ୍କ ସହ ଅଯୋଧ୍ୟା ନଗର ପ୍ରତ୍ୟାବର୍ତନ କରନ୍ତି ।ଏଭଳି ଦୃଶ୍ୟ ବେଶ ଉପଭୋଗ୍ୟ ହୋଇଥିଲା ।ଏହି ଗଣ୍ଡା ବଦ୍ଧ ଉତ୍ସବ ଦେଖିବା ପାଇଁ ଦଶପଲ୍ଲା ର ବହୁ ଜନସାଧାରଣ ଓ ରାମଭକ୍ତ ଯୋଗ ଦେଇଥିବା ବେଳେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ ଏ ସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ପଂଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ , ବିଜେପି ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଓ ଏନ ଏ ସି ର ସମସ୍ତ କାଉନସିଲର ମାନେ ଯୋଗ ଦେଇଥିଲେ ।ବିଶେଷ ଭାବେ ଗଣ୍ଡା ବଦ୍ଧ ପାଇଁ ଶ୍ରୀରାମ ଙ୍କ ଗଣ୍ଡା ବଧ ପଟୁଆର ବେଶ ମନ ମୁଗ୍ଧକର ହୋଇଥିଲା। ଏହାସହ ମେଲୋଡି ଓ ଆତସ ବାଜି ରେ ପ୍ରକମ୍ପିତ ହୋଇ ଉଠିଥିଲା ଦଶପଲ୍ଲା ସହର । ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।


**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
**ମଙ୍ଗଳପୁର ଶାଖା, ଜିଲ୍ଲା: ଯାଜପୁର, ଓଡ଼ିଶା**

**ନୋଟିସ୍**

ଏତଦ୍ୱାରା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ମଙ୍ଗଳପୁର ଶାଖା ପକ୍ଷରୁ ଗ୍ରାହକମାନଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି ଯେ, **ଶ୍ରୀଯୁକ୍ତ ପ୍ରମୋଦ କୁମାର ସାହୁ**, ପିତା: ପାଣୁ ସାହୁ, ସା/ପୋ: ଧନପୁର, ଜିଲ୍ଲା: ଯାଜପୁର, ଗତ ୮ ବର୍ଷ ଧରି ଆମ୍ଭ ଶାଖାର ଦୈନିକ ଅର୍ଥ ସଞ୍ଚୟକାରୀ ଅସ୍ଥାୟୀ ସଦସ୍ୟ ଭାବେ ନିଯୁକ୍ତ ରହିଥିଲେ। ମାତ୍ର ଗତ ଅକ୍ଟୋବର ମାସ ୨୦୨୩ ଠାରୁ ସେ ଆମ୍ଭ ଶାଖା ଠାରୁ ଏହି କାର୍ଯ୍ୟରୁ ନିବୃତ୍ତ ରହିଛନ୍ତି। ଏଣୁ ଆମ୍ଭ ଶାଖାର ସମସ୍ତ ଦୈନିକ ସଞ୍ଚୟକାରୀ ଗ୍ରାହକମାନଙ୍କୁ ଅବଗତ କରାଯାଉଅଛି କି' ଏହାଙ୍କ ଠାରେ ସଞ୍ଚୟ ବା ଉଠାଣ ପାଇଁ କେହି କାରବାର କରିବେ ନାହିଁ। ଆଉ ମଧ୍ୟ ଯଦି ଅର୍ଥନୈତିକ କାରବାରରେ ଏହାଙ୍କ ପାଇଁ କେହି ଗ୍ରାହକ ଅସୁବିଧାର ଶିକାର ହୋଇଥିବେ ତେବେ ପ୍ରକାଶନର **୧୫ ଦିନ** ମଧ୍ୟରେ ଶାଖା ପରିଚାଳକଙ୍କ ଠାରେ ଲିଖିତ ଦୃଷ୍ଟି ଆକର୍ଷଣ କରିପାରିବେ। ନିର୍ଦ୍ଧାରିତ ସମୟ ପରେ ଅଭିଯୋଗ ବ୍ୟାଙ୍କ ଦ୍ୱାରା ଅଗ୍ରାହ୍ୟ ହେବ।

ଶାଖା ପରିଚାଳକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ମଙ୍ଗଳପୁର ଶାଖା, ଯାଜପୁର, ଓଡ଼ିଶା



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ଚୋରି ସମ୍ପତ୍ତି ଫେରସ୍ତ ମେଳା

ଭୁବନେଶ୍ୱର,(ସବ୍ୟୁ): ରବିବାର ଭୁବନେଶ୍ୱର ସହରାଞ୍ଚଳ ପୁଲିସ୍ ଜିଲ୍ଲା ଅନ୍ତର୍ଗତ କମିଶନରଙ୍କ କାର୍ଯ୍ୟାଳୟ ଠାରେ ଏକ ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରର ବିଭିନ୍ନ ଥାନା ତଥା ପିଓପିଡି, ଟୀମ-୬୦ଏବଂ ଓସିପିଓ ସେଲର ମିଳିତ ପ୍ରୟାସରେ ଚୋରୀ/ଲୁଟ କିମ୍ବା ହଜିଯାଇଥିବା ସମୁଦାୟ ୧୪୧ଟି ଉଦ୍ଧାର କରାଯାଇଥିବା ମୋବାଇଲ ଫୋନ, ୨ଟି ଦୁଇ ଚକିଆ ଯାନ, ଏବଂ ଅନ୍ୟାନ୍ୟ ସାମଗ୍ରୀ ସହିତ ସମୁଦାୟ ୧,୧୫,୦୦୦/-ଟଙ୍କା।କୁ ଭୁବନେଶ୍ୱର-କଟକ ଦ୍ୱୈତ୍ୟନଗରୀର ପୁଲିସ କମିଶନର ସଞ୍ଜୀବ ପଣ୍ଡା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ତଥା ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ



ସେମାନଙ୍କର ପ୍ରକୃତ ମାଲିକମାନଙ୍କୁ ହସ୍ତାନ୍ତର କରିଥିଲେ । ହସ୍ତାନ୍ତର ହୋଇଥିବା ମୋବାଇଲ ଗୁଡିକ ମଧ୍ୟରୁ ଓସିପିଓ ସେଲ ଦ୍ୱାରା ସର୍ବାଧିକ ୬୦ ମୋବାଇଲ ଫୋନ ଉଦ୍ଧାର ହୋଇଥିବା ବେଳେ ସହୀଦନଗରଥାନା ଦ୍ୱାରା ମୋଟ ୨୦ଟିଏବଂ ଧଉଳି ଥାନା ଦ୍ୱାରା ୧୧ଟି ମୋବାଇଲ ଫୋନ ଉଦ୍ଧାର ହୋଇଥିଲା । ଏହି ଉଦ୍ଧାର କରାଯାଇଥିବା ମୋବାଇଲ ଫୋନ ଗୁଡିକୁ, ମାଲିକାନା ଯାଞ୍ଚ ପରେ ସେମାନଙ୍କର ପ୍ରକୃତ ମାଲିକମାନଙ୍କୁ ଯୋଗାଯୋଗ କରାଯିବା ସହ ଆଜି ଏକ ମେଳା ଅନୁଷ୍ଠିତ କରାଯାଇ ହସ୍ତାନ୍ତର କରାଯାଇଥିଲା । ସେହିପରି ଏହି ମେଳାରେ ମଧ୍ୟ ଏୟାରଫିଲ୍ଡ ଓ ବାଲିପାଟଣା ଥାନା ଦ୍ୱାରା ଉଦ୍ଧାର କରାଯାଇଥିବା ୨ଟି ମୋଟର ସାଇକେଲ ଓ ପାହାଳ ଥାନା ଦ୍ୱାରା ଉଦ୍ଧାର କରାଯାଇଥିବା ୩ଟି ୟୁପିଏସ, ୨ଟି ପ୍ରିଣ୍ଟର୍, ଓ ଗୋଟିଏ ଲ୍ୟାପଟପ୍‌କୁ ମାଲିକାନା ଯାଞ୍ଚ ପରେ ସେମାନଙ୍କର ପ୍ରକୃତ ମାଲିକ ମାନଙ୍କୁ ହସ୍ତାନ୍ତର କରାଯାଇଥିଲା ।

## ବଙ୍ଗୁର ସିମେଣ୍ଟର ଅଭିନବ ମଲ୍ଟି ମିଡିଆ ଅଭିଯାନ

ଭୁବନେଶ୍ୱର,(ସବ୍ୟୁ):ବଙ୍ଗୁର ସିମେଣ୍ଟ ଏକ ନୂତନ ମଲ୍ଟିମିଡିଆ ଅଭିଯାନ ଉନ୍ମୋଚନ କରି ଦେଶର ନାଗରିକମାନଙ୍କୁ ସେମାନଙ୍କର ଭୋଟ୍ ଦେବାରଅଧିକାର ବ୍ୟବହାର କରିବାକୁ ପ୍ରେରଣା ଦେଇଛି। 'ଭୋଟ୍ ସଲିଡ୍, ଦେଶ ସଲିଡ୍' ଅଭିଯାନରେ ଦେଶକୁ ଅଧିକ ମଜବୁତକରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଭୋଟର ଗୁରୁତ୍ୱକୁ ଦର୍ଶାଯାଇଛି। ଏହି ଅଭିନବ ଅଭିଯାନ କାରଣ ଏହା ଲୋକପ୍ରିୟ ବଲିଉଡତାରକା ସନ୍ନି ଦେଓଲଙ୍କ ସହିତ ଥିବା ବ୍ରାଣ୍ଡ ଲଞ୍ଚ ଅଭିଯାନର ଏକ ସିକ୍ୱେଲ ଅଟେ । ଏହି ଅଭିଯାନର ମୁଖ୍ୟ ବାର୍ତ୍ତା ହେଉଛି 'ଭୋଟ୍ ସଲିଡ୍, ଦେଶ ସଲିଡ୍'। ବଙ୍ଗୁର ସିମେଣ୍ଟ ଭୋଟ୍‌ଦେବାର ପ୍ରତ୍ୟେକ ପ୍ରତିଶ୍ରୁତି ପାଇଁ ୧ କେଜି ସିମେଣ୍ଟ ଦାନ କରିବାକୁ ପ୍ରତିଶୃତି ଦେଇଛନ୍ତି ।

# ଭାରତୀୟ ଯୋଗ ସଂସ୍ଥାନର ୫୮ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ମହାତ୍ମାଗାନ୍ଧୀ ଯୋଗ ଜିଲ୍ଲା ତରଫରୁ ୟୁନିଟ୍-୩ ଶିଶୁ ଉଦ୍ୟାନ ପାର୍କ ଠାରେ ରବିବାର ଦିନ ୫୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଅଛି । ଉତ୍ସବରେ ଯୋଗଦାନ କରିଥିବା ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ସାଧକ ସାଧୁକା ଏବଂ ଅଧିକାରୀ, ସୂକ୍ଷ୍ମକ୍ରୀୟା, ଆସନ, ପ୍ରାଣାୟମ ଏବଂ ଧାନ ଇତ୍ୟାଦି ଯୋଗଭ୍ୟାସ କରିଥିଲେ । ଜିଲ୍ଲା ପ୍ରଧାନ ହୃଷୀକେଶ ନନ୍ଦ ଭାରତୀୟ ଯୋଗ ସଂସ୍ଥାନ ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ । ନିୟମିତ ଯୋଗଭ୍ୟାସ ଦ୍ୱାରା ଶାରିରୀକ ଓ ମାନସିକସ୍ତରରେ ବିକାଶ ଘଟିବା ସହ ମନୁଷ୍ୟ ଶୃଙ୍ଖଳିତ ଓ ନିରୋଗ ଜୀବନଯାପନ କରିବାରିବ ବୋଲି କହିଥିଲେ । ଜିଲ୍ଲା ମନ୍ତ୍ରୀ କେଦାରନାଥ ପାଢ଼ୀ ଏବଂ ଜିଲ୍ଲା ସଙ୍ଗଠନ ମନ୍ତ୍ରୀ ଅଶ୍ୱିନୀ କୁମାର ସାହୁ, ସଂସ୍ଥାନର ଉଦଦେଶ୍ୟ ଏବଂ ଲକ୍ଷ ବିଷୟରେ ଅବଗତ କରିଥିଲେ । ଶିଶୁ ଉଦ୍ୟାନ ପାର୍କର କେନ୍ଦ୍ର ପ୍ରମୁଖ ଶ୍ରୀମନ୍ତ ବିଜୟ ରଶ୍ମୀ ମହାନ୍ତି, ସଂସ୍ଥାନର ଜନ୍ମ, ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ରମାଦେବୀ କ୍ଷେତ୍ରରେ କ୍ଷେତ୍ର ପ୍ରଧାନ ଶ୍ରୀମତୀ ସୌଦାମିନୀ ପଟ୍ଟନାୟକ ସଭା ପରିଚାଳନା କରିଥିଲେ ଏବଂ ଧନ୍ୟବାନ ଅର୍ପଣ କରିଥିଲେ ମା ଭୁବନେଶ୍ୱରୀ କ୍ଷେତ୍ରର କ୍ଷେତ୍ର ପ୍ରଧାନ ଶ୍ରୀମତୀ ରୀତା ମିଶ୍ର ।

# ପ୍ରିମିୟର୍ ଏନର୍ଜିଜ୍ ପକ୍ଷରୁ ଡିଆରଏଚପି ଦାଖଲ

ଭୁବନେଶ୍ୱର,(ସବ୍ୟୁ): ଫ୍ରଷ୍ଟ ଆଣ୍ଡ ସଲିଭାନ୍ ରିପୋର୍ଟ ଅନୁଯାୟୀ, ଭାରତର ଦ୍ୱିତୀୟ ବୃହମ ଇଗ୍ରେଟେଡ୍ ସୋଲାର ସେଲ୍ ଓସୋଲାର ମଡ୍ୟୁଲ୍ ନିର୍ମାତା (ଯଥାକ୍ରମେ ୨ ଗିଗା ୱାଟ ଏବଂ ୩.୩୬ ଗିଗା ୱାଟର ବାର୍ଷିକ ପ୍ରସ୍ଥାପନ କ୍ଷମତା ଅନୁଯାୟୀ)ପ୍ରିମିୟର୍ ଏନର୍ଜିଜ୍ ଲିମିଟେଡ୍, ସେବି ନିକଟରେ ଡ୍ରାଫ୍ଟ ରେଡ୍ ହେରିଙ୍ଗ୍ ପ୍ରୋସପେକ୍ଟସ୍ (ଡିଆରଏଚପି) ଦାଖଲ କରିଛି । ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା, ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ମାଧ୍ୟମରେ ୧୫୦୦ କୋଟି ଟଙ୍କା ସଂଗ୍ରହ କରିବ । ଡ୍ରାଫ୍ଟ ରେଡ୍ ହେରିଙ୍ଗ୍ ପ୍ରୋସପେକ୍ଟସ୍ ଅନୁଯାୟୀ, ହାଇଦ୍ରାବାଦ ସ୍ଥିତ କମ୍ପାନୀର ଇନିସିଆଲ ପବ୍ଲିକ୍ ଅଫର ଜରିଆରେ ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଇକ୍ୱିଟି ସେୟାରର ଏକ ଫ୍ରେସ୍ ଇସୁ ଜାରି କରିଛି । ବିକ୍ରୟ ଅଂଶୀଦାରମାନଙ୍କ ଦ୍ୱାରା୨,୮୨,୦୦,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରୟ ଏହି ଅଫର ମାଧ୍ୟମରେ ଉପଲବ୍ଧ ହେବ ।

# ଓଡ଼ିଶା ଟ୍ରାନ୍ସଫର୍ମର ନିର୍ମାତା ସଂଘର ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ଟ୍ରାନ୍ସଫର୍ମର ମାନୁଫାକ୍ଚରର୍ସ ଆସୋସିଏସନ୍ (ଓଟିଏମ୍ଏ)ର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଶନିବାର ଅନୁଷ୍ଠିତ ହୋଇଛି । ଏହି ବୈଠକରେ ସଦସ୍ୟମାନଙ୍କୁ ଗତ ବର୍ଷ ହୋଇଥିବା ଅଗ୍ରଗତିର ସମୀକ୍ଷା, ପ୍ରମୁଖ ଶିଳ୍ପ ବିକାଶ ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଓଏଏସଏମଇର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଓ ସମ୍ମାନିତ ଅତିଥି ଭାବେ ଓଏଏସଏମଇ ର ମହାସଚିବ ସ୍ୱାତ୍ତ୍ୱିକ ସ୍ୱାଇଁ ଯୋଗ ଦେଇଥିଲେ । ଓଟିଏମଏର କାର୍ଯ୍ୟକାରୀ ସଭାପତି ସାରଦା ପ୍ରସନ୍ନ



ଦାସ, ଓଟିଏମଏର କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ, ଓଟିଏମଏର କାର୍ଯ୍ୟକାରୀ ଯୁଗ୍ମ ସମ୍ପାଦକ ବିଜୟ କିଶୋର ନନ୍ଦ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ଏହି ଅବସରରେ ଓଏମଟିଏର ସଭାପତି ସାରଦା ପ୍ରସନ୍ନ ଦାସ କହିଲେ, ଆମେ ସମସ୍ତେ ମିଶି ଆମର ଶିଳ୍ପ ଏବଂ ଆମ ସମୁଦାୟର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିତୋଳିବା ।

ଓଡ଼ିଶାରେ ଟ୍ରାନ୍ସଫର୍ମର ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ସଂଘର ନେତୃତ୍ୱ ନେଉଥିବା ନବନିଯୁକ୍ତ କର୍ମକର୍ତ୍ତାଙ୍କ ନିର୍ବାଚନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଥିଲା । ଓଡ଼ିଶା ର ବିଭିନ୍ନ ଜିଲ୍ଲା ରୁ ୧୦୦ ରୁ ଅଧିକ ସଦସ୍ୟ ଏହି ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଇଥିଲେ ।

ଆସୋସିଏସନର ସଭାପତି ଭାବରେ ସାରଦା ପ୍ରସନ୍ନ ଦାସ ପୁନଃ-ନିର୍ବାଚିତ ହୋଇଥିଲେ ।

# କଟକ ବାରବାଟିରେ
## ଆଇନଜୀବୀଙ୍କ ସହଯୋଗ ଲୋଡ଼ିଲେ ପ୍ରକାଶ ଓ ସଂତୃପ୍ତ

କଟକ, (ସବ୍ୟୁ): କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଡିଏ ଉଇଣ୍ଡସର ପ୍ୟାଲେସଠାରେ ଆୟୋଜିତ ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ସମାବେଶ ଅନୁଷ୍ଠିତ ହୋଇଯାଇ ଅଛି । ଏଥିରେ ବିଜୁ ଜନତା ଦଳ ବାରବାଟୀ କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଯୋଗଦେଇ ଆଇନଜୀବିମାନଙ୍କର ସହଯୋଗ ଲୋଡ଼ିଥିଲେ । କାର୍ଯ୍ୟକ୍ରମରେ ସଭାପତି ତଥା ସାଂସଦ ଦେବାଶିଷ ସାମନ୍ତରାୟ, ବିଜୁ ଜନତା ଦଳର କଟକ ମହାନଗର ବିଜେଡ଼ି ସଭାପତି ମଧୁସୂଦନ ସାହୁ, ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ଦ୍ୱିବେଦୀ, ବିଜେଡି ଲିଗାଲ ଫ୍ରଣ୍ଟର ଉପଦେଷ୍ଟା ଗଗନ ଚନ୍ଦ୍ର ମେହେର, କଟକ ଚୌଦ୍ୱାର ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ, କଟକ ବିଜେଡି ଲିଗାଲ ଫ୍ରଣ୍ଟର ଆବାହକ ଶଶିଭୂଷଣ ଦାସ, ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖଙ୍କ ଉପସ୍ଥିତରେ ଅଞ୍ଚଳର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ଦୁଇ ପ୍ରାର୍ଥୀ ।

# ସଦଗୁରୁ ହସ୍ପିଟାଲ୍ ପକ୍ଷରୁ ନ୍ୟୁରୋ ଅଙ୍କୋ ମିଟ୍ -୨୦୨୪
## ଯୋଗଦେଲେ ଟାଟା ମେମୋରିଆଲ ହସପିଟାଲ, ଏମ୍ସର ବହୁ ବିଶିଷ୍ଟ ବିଶେଷଜ୍ଞ

କଟକ,(ସବ୍ୟୁ): କେବଳ ରୋଗୀ ସେବା ନୁହେଁ ରୋଗ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ କରି ସଦ୍ଗୁରୁ ହସ୍ପିଟାଲ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ପୂର୍ବରୁ ବହୁ ସଚେତନା କାର୍ଯ୍ୟକ୍ରମ କରି ଲୋକଙ୍କ ସହ ଯୋଡ଼ି ହୋଇଥିବା ସଦ୍ଗୁରୁ ହସ୍ପିଟାଲ୍ ଏଥର କିନ୍ତୁ ବ୍ରେନ ଟ୍ୟୁମର କର୍କଟ ରୋଗ ବିଶେଷଜ୍ଞ ମାନଙ୍କୁ ନେଇ ନିଜସ୍ୱ ପରିସର ମଧ୍ୟରେ ଆୟୋଜନ କରିଛି ଏକ ରାଜ୍ୟ ସ୍ତରୀୟ ସମ୍ମିଳନୀ । ଏଥିରେ କର୍କଟ ରୋଗ ନିରୂପଣ ଓ ଚିକିତ୍ସା ପାଇଁ ଦେଶରେ ସୁନାମ ଅର୍ଜନ କରିଥିବା ଟାଟା ମେମୋରିଆଲ ହସପିଟାଲ, ଏମ୍ସ, , ଆଚାର୍ଯ୍ୟ ହରିହର ପି ଜି ଆଇ ସି ଏବଂ ଏସ୍ ସି ବି ର ବିଶେଷଜ୍ଞ ଡ଼ାକ୍ତର ଯୋଗଦେଇଛନ୍ତି । ଏଥିରେ ଏମ୍ସ , ଏସସିବି ଓ ବେସକାରୀ ମେଡ଼ିକାଲ କଲେଜରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ମାନେ ମଧ ଯୋଗ ଦେଇଥିଲେ । ବିଶେଷ କରି ଜଣେ ବ୍ୟକ୍ତି ର ବ୍ରେନ ଟ୍ୟୁମର ଡାଇଗ୍ନୋସିସ ହେଲେ ଚିକିତ୍ସା ନିମନ୍ତେ ଡାକ୍ତର ମାନଙ୍କ ଅଭିପ୍ରାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏପରି ଦୁରାରୋଗ୍ୟ ର ଚିକିତ୍ସା ନିମନ୍ତେ ଏକ ମଲ୍ଟି ଡିସିପ୍ଲିନାରୀ ଟ୍ୟୁମର ବୋର୍ଡର ଉପସ୍ଥିତି ବାଧ୍ୟତାମୂଳକ ହେବା ଆବଶ୍ୟକ ଯେଉଁଥିରେ ଭିନ୍ନ ଭିନ୍ନ ବିଭାଗ ର ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ ଏବଂ



ଅଗ୍ରଗତି ହୋଇଥାଏ । ଯାହାଦ୍ୱାରା ସର୍ଜରୀର ପରବର୍ତ୍ତୀ ଚିକିତ୍ସା ପ୍ରକ୍ରିୟା ର ଜଟୀଳତା ହ୍ରାସ ପାଇବା ସହ ରୋଗୀର ଜୀବନ ର ମାନ କୁ ଉତ୍ତମ କରାଯାଇପାରିବ । ସଦଗୁରୁ ହସ୍ପିଟାଲର ଅଧ୍ୟକ୍ଷ ତଥା ମୁଖ୍ୟ ପୃଷ୍ଠ ପୋଷକ ଡ଼ା: ପ୍ରଦୀପ କୁମାର ମହାନ୍ତି ଓ ସହ ପୃଷ୍ଠ ପୋଷକ ତଥା ସ୍ତ୍ରୀ ପ୍ରସୂତୀ ବିଭାଗ ମୁଖ୍ୟ ଡ଼ା: ସମିତା ମହାନ୍ତିଙ୍କ ପ୍ରତ୍ୟୋକ୍ଷ ତତ୍ତ୍ୱାବଧାନରେ ଏହି 'ଆଡ଼ଲ୍ଟ ଡିଫ୍ୟୁଜ୍ ଗ୍ଲିଓମା ' ସମ୍ମୀଳନୀରେ ଟାଟା ମେମୋରିଆଲ ହସପିଟାଲର ନିଦାନ ବିଭାଗ ବିଶେଷଜ୍ଞ ପ୍ରଫେସର ଇପାରୀ ଶ୍ରୀଧର, ରେଡିଏସନ ଅଙ୍କୋଲଜି ବିଭଗର ପ୍ରଫେସର୍ ଡ଼ା: ତେଜପାଲ୍ ଗୁପ୍ତା, ରେଡ଼ିଓଲଜୀ ବିଭାଗର ଆସୋସିଏଟ ପ୍ରଫେସର୍ ଡ଼ା: ଅର୍ପିତା ସାହୁ, ରେଡିଏସନ ଅଙ୍କୋଲଜି ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର୍ ଡ଼ା: ଆର୍ଚ୍ୟ ଦାସଗୁପ୍ତା, ଏମ୍ସର ନ୍ୟୁରୋସର୍ଜରୀ ମୁଖ୍ୟ ପ୍ରଫେସର ଡ଼ା: ଆର୍ ଏନ ସାହୁ, ରେଡିଓଲଜୀ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ଼ା: ମନୋଜ ନାୟକ, ନିୟୁକ୍ଲିୟର ମେଡ଼ିସିନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ା: ଗୀରିଶ ପରିଡ଼ା, ଏସସିବି ର ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ଡ଼ା: ସଂଜୀବ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇ ନିଜ ନିଜ ବିଭାଗୀୟ ଅତ୍ୟାଧୁନିକ ଜ୍ଞାନ କୌଶଳର ଅପଡେଟ୍ ଶିକ୍ଷା ପ୍ରଦାନ କରିଥିଲେ ।

ଏହି ଦିକ୍ଷାନ୍ତ ଟିପ୍ପଣୀ ଅଧିବେଶନରେ ଏସ୍ ସି ବି ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡ଼ା: ସୁଧାଂଶୁ ଶେଖର ମିଶ୍ର, ବ୍ରିଗେଡିୟର ଡ଼ା: ପ୍ରଫୁଲ୍ଲ କୁମାର ସାହୁ, ଡ଼ା: ନିହାରିକା ପଣ୍ଡା, ଡ଼ା: ସାଗରିକା ସାମନ୍ତରାୟ, ଡ଼ା: ସଂଯୁକ୍ତା ପାଢୀ, ଡ଼ା: ପୁଜା ମିଶ୍ର, ଡ଼ା: କଲ୍ୟାଣୀ ପ୍ରଭା ଗୌଡ଼, ଡ଼ା: ପ୍ରଭାତ ନଳିନୀ ରାଉତରାୟ, ଡ଼ା: ସଞ୍ଜୀବ କୁମାର ମିଶ୍ର, ଡ଼ା: ଲୁସି ପଟ୍ଟନାୟକ , ଡ଼ା: ଶୁଭେନ୍ଦୁ ମହାପାତ୍ର, ଡ଼ା: ଦୀପକ କୁମାର ଦାସ, ଡ଼ା: ମୋହିତ ସିନ୍ଧୋର୍, ଡ଼ା: ରିତେଶ ଭୁ, ଡ଼ା: ତୁଷାର ମହାପାତ୍ର , ଡ଼ା: ସୁଦତ୍ତା ରାୟ, ଡ଼ା: ଚିର ରଂଜନ ଖାଡ଼େଙ୍ଗା, ଡ଼ା: ସନ୍ଦୀପ କୁମାର ବାରିକ, ଡ଼ା: ଦୀପକ କୁମାର ଦାସ, ପ୍ରମୁଖ ଅଂଶ ଗ୍ରହଣ କରି ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ ।

# ଜଗତପୁର କଂଗ୍ରେସ ପକ୍ଷରୁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

କଟକ,(ସବ୍ୟୁ): ଜଗତପୁର କଂଗ୍ରେସ ପକ୍ଷରୁ ୪୮ନଂ ୱାର୍ଡ ସଭାପତି ରଶ୍ମିକାନ୍ତ ସାମଲ ଓ ୪୯ନଂ ୱାର୍ଡ ସଭାପତି ଦୁର୍ଯ୍ୟୋଧନ ପ୍ରଧାନ ଙ୍କ ନେତୃତ୍ୱରେ ଜଗତପୁର ଗୋଲେଇ ଛକ ସ୍ଥିତ ଉତ୍କଳ ଦୁର୍ଗାପୂଜା ମଣ୍ଡପ ର ସଭାଗୃହ ରେ ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ,ପୂର୍ବତନ ମୁଖ୍ୟମନ୍ତ୍ରୀ,ପୂର୍ବତନ ରାଜ୍ୟପାଳ, ବହୁବାର ପିସିସି ସଭାପତି, ବିଚକ୍ଷଣ ରାଜନୀତିଜ୍ଞ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ସ୍ୱର୍ଗତ ଜାନକୀ ବଲ୍ଲଭ ଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରାଯାଇ ତାଙ୍କର ବହୁବିଧ ପ୍ରତିଭା, ଓଡିଶା ତଥା କଟକ ଓ ଜଗତପୁର ପ୍ରତି ତାଙ୍କର ଥିବା ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ ଛଅତିଥିଭାବରେ କଟକ ନଗର ୮ନଂ ବ୍ଲକ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା,କଟକ ନଗର(ଜିଲ୍ଲା)କଂଗ୍ରେସ ମୁଖ୍ୟ- ମୁଖପାତ୍ର ମାନସ ପରିଡା,ବିଶିଷ୍ଟ ଛାତ୍ରନେତା ତଥା କଟକ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁକାନ୍ତ ସାହାଣୀ,ନଗର



କଂଗ୍ରେସ ଆଦିବାସୀ ସେଲ ଅଧ୍ୟକ୍ଷ ସୁମତି ହେମ୍ବ୍ରମ,ନଗର କଂଗ୍ରେସ ସାଧାରଣ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ,ସମ୍ପାଦକ ତଥା ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ,ପ୍ରମୁଖ ଯୋଗଦେଇ ଜାନକୀ ବଲ୍ଲଭ ଙ୍କ ଶାସନ ସମୟ ଓଡିଶା ଓ କଟକ ସହର ପାଇଁ ସୁବର୍ଣ୍ଣ ଯୁଗ ବୋଲି ଅଭିହିତ କରିଥିଲେ । ତାଙ୍କ ସମୟରେ କଟକ ରେ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଙ୍ଗ ବନ୍ଧ,ପ୍ରଥମ ଫ୍ଲାଇ ଓଭର ବ୍ରିଜ,କ୍ରୀଡା ର ଉନ୍ନତି ପାଇଁ ଇଣ୍ଡୋର ଷ୍ଟାଡିୟମ, ୱାଲମି ସେଣ୍ଟର,କର୍ମନିଯୁକ୍ତି ପାଇଁ ହଜାରେ ଦିନରେ ହଜାରେ ଶିଳ୍ପ ଆହ୍ୱାନରେ କଟକ ଖପୁରିଆ ଓ ଜଗତପୁର ନୂତନ ଶିଳ୍ପାଞ୍ଚଳ ଗଠନ,ଗମନାଗମନ ପାଇଁ ନରାଜ ଓ ବୟାଳିଶମୌଜା ବ୍ରିଜ ନିର୍ମାଣ,ଇତ୍ୟାଦି କାର୍ଯ୍ୟ ପାଇଁ ସେ କଟକ ସହରବାସୀ ଙ୍କ ପାଖରେ ଚୀର ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ କହିଥିଲେ । ଏଥି ସହିତ ପୂର୍ବ ପ୍ରସ୍ତାବ ଅନୁଯାଇ ଜଗତପୁର ଗୋଲେଇ ଛକ ନୂତନ ଉଦ୍ୟାନରେ ଜାନକୀ ବଲ୍ଲଭ ଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବୀ କରାଯାଇଥିଲା ।

# ବାଙ୍କୀ ଏନ୍‌ଏ ସିରେ ବିଜୁ ଯୁବ ଛାତ୍ର ଜନତା ଦଳ ସମାବେଶ

ବାଙ୍କୀ,(ସବ୍ୟୁ) : ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀର ଏନ୍‌ସିରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବାଙ୍କୀ ର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗ ଦେଇ ବାଙ୍କୀ ରେ କଣ କଣ ବିକାଶ ହୋଇଛି ତାହା ଜନ୍ସାଧାରଣ ଙ୍କ ନିକଟରେ ପହଞ୍ଚାଇ ଭୋଟ ଭିକ୍ଷା ମାଗିବାକୁ ପରାମର୍ଶ ଦେଇଥିଲେ । ବାଙ୍କୀ ଏନ୍, ଏ, ସି ର କାଉନସିଲର ପଠାଣି ବେହେରା ସଂଯୋଜନା କରିଥିବାବେଳେ ଏନ୍, ଏ, ସି ଅଧକ୍ଷା ମାଣିକ ସାହୁ, ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ସାଂସଦ ପ୍ରାର୍ଥୀ ଓବିଧାନସଭା ପ୍ରାର୍ଥୀ ଙ୍କୁ ଶଙ୍ଖ ଚିହ୍ନ ରେ ଭୋଟ ଦେବାକୁ ନିବେଦନ କରିଥିଲେ । ଯୁବ ନେତା ସଞ୍ଜୟ ପ୍ରଧାନ, ସୁରେନ୍ଦ୍ର ରଣା, ସୁଧୀରକୁମାର ରଣା ଙ୍କ ସମେତ ବହୁ ଯୁବ ଛାତ୍ର ଜନତା ଦଳ ର କର୍ମକର୍ତ୍ତା ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ୱାର୍ଡ ରୁ ବିଭିନ୍ନଦଳ ତ୍ୟାଗ ବିଜୁ ଜନତା ଦଳ ରେ ସାମିଲ୍ ହେଇଥିଲେ । କାଉନସିଲର ସନାତନ ବେହେରା, ଭାଗିରଥି ବିଶ୍ୱାଳ, ପ୍ରୀତିଲତା ଗିରି ପ୍ରମୁଖଉପସ୍ଥିତ ଥିଲେ ।

## କଂଗ୍ରେସ ଉପ ସଭାପତିଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର

ରଘୁନାଥପୁର,(ସବ୍ୟୁ): ରଘୁନାଥପୁର ବ୍ଲକ କଂଗ୍ରେସର ସଭାପତି ପ୍ରଶାନ୍ତ କୁମାର ଦାସ ବ୍ଲକ କଂଗ୍ରେସ ଉପସଭାପତି ବ୍ରହ୍ମାନନ୍ଦ ମିଶ୍ରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି। ଗତ ପଂଚାୟତ ନିର୍ବାଚନ ସମୟରେ ତାଙ୍କୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଥିଲା। ସାଂପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କରି ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ପରାମର୍ଶ ଓ ରେଢୁଆ ପଂଚାୟତର କଂଗ୍ରେସ କର୍ମୀ ମାନଙ୍କ ସହିତ ବିଚାର ବିମର୍ଶ ପରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି ବୋଲି ସଭାପତି ଶ୍ରୀ ଦାସ ଆଜି ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ବିଗତ ଦିନରେ ଶ୍ରୀ ମିଶ୍ରଙ୍କର କଂଗ୍ରେସ ଦଳ ପ୍ରତି ଅନେକ ଅବଦାନ ରହିଛି। ଆଶା ଓ ବିଶ୍ୱାସ ପୂର୍ବଭଳି ସେ ପଂଚାୟତ ଓ ବ୍ଲକ ସ୍ତରରେ କଂଗ୍ରେସ ଦଳକୁ ମଜବୁତ କରିବା ପାଇଁ କାର୍ଯ୍ୟ କରିବେ ବୋଲି ବିଧାୟକ ପ୍ରାର୍ଥୀ ଇଂ ମଲ୍ଲିକ ଆଶା ବ୍ୟକ୍ତ କରିଛନ୍ତି ।

# ସଦର ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ: ବହୁ ବିଜେଡ଼ି ନେତା ସାମିଲ

ବାଲେଶ୍ୱର,(ସବ୍ୟୁ): ଶନିବାର ବାଲେଶ୍ୱର ସଦର ବିଜେପି କାର୍ଯ୍ୟାଳୟରେ ସଦର ବିଜେପି ପକ୍ଷରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି। ସଦର ବିଜେପିର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ କୁରାଡିହା ପଞ୍ଚାୟତର ବହୁ ବିଜେଡି ଓ କଂଗ୍ରେସ ଦଳର ନେତା ଏବଂ କର୍ମୀ ଦଳ ପରିତ୍ୟାଗ କରି ଆଜି ବିଧିବଦ୍ଧ ଭାବେ ବିଜେପି ପରିବାରରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଯାଇ ଦଳରେ ସାମିଲ କରାଯାଇଥିଲା। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ଦୃଢ କାର୍ଯ୍ୟଦକ୍ଷତା ଏବଂ ନେତୃତ୍ୱ ଉପରେ ଭରସା ରଖି ବହୁ ସଂଖ୍ୟାରେ ବିଜୁ ଜନତା ଦଳର ନେତା ବିଜେପିରେ ଯୋଗଦାନ କରିଛନ୍ତି। ଦୀର୍ଘ ୨୪ ବର୍ଷ ଶାସନରେ ଆଜି ଓଡିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଛି। ଦଳରେ ମିଶିଥିବା ଅନୁଭବୀ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତି ବୁଥ ସ୍ତରରେ ଦଳର ସାଙ୍ଗଠନିକ ସ୍ଥିତିକୁ ଆହୁରି ଅଧିକ ସୁଦୃଢ କରିବା ସହିତ ଅଧିକରୁ ଅଧିକ ଜନତାଙ୍କ ଆସ୍ଥାଭାଜନ ହେବାରେ ସହାୟକ ହେବ ବୋଲି ବିଧାୟକ ପ୍ରାର୍ଥୀ ମାନସ ଦତ୍ତ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତ୍ରୀ ସୁଷମା ବିଶ୍ୱାଳ, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ସୁଜିତ ଦେବ, ମଣ୍ଡଳ ସଭାପତି ତପନ ଗିରି, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ ଓ ରୋଜାଲିନ ପାଣି, ସରପଞ୍ଚ ରବିନାରାୟଣ ପ୍ରଧାନ, ନାଏବ ସରପଞ୍ଚ ସୁମିତ୍ରା ବାରିକ,ମଣ୍ଡଳ ସାଧାରଣ ସମ୍ପାଦକ କାର୍ତ୍ତିକ ପ୍ରଧାନ, ସସ୍ମିତା ଦାଶ,ପୁରୁଷୋତ୍ତମ ବାରିକ, ଶଶିକାନ୍ତ ମିଶ୍ର, ମନୋରନ ବାରିକ, ରାଜେନ୍ଦ୍ର ବାରିକ, ନରେନ୍ଦ୍ର ମହାଲିକ, ବରେନ୍ଦ୍ର ପ୍ରଧାନ, ସୁଧାକର ବାରିକ, ରବୀନ୍ଦ୍ର ଦାସ, ପଞ୍ଚାନନ ଜେନା, ବିଜୟ ଜେନା, ଶଶିକାନ୍ତ ସାମଲ, ନିରନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ମେଡିକାଲ ବିଜ୍ଞାନର ବଡ ସଫଳତା

# ରୋବଟ୍ କଲା ସ୍ତନ କର୍କଟର ସଫଳ ଅପରେସନ



ନୂଆଦିଲ୍ଲୀ : ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ପ୍ରଥମ ଥର ପାଇଁ ରୋବଟ ସହାୟତାରେ ସ୍ତନ କର୍କଟର ସଫଳ ଅସ୍ତ୍ରୋପଚାର ହୋଇଛି । ଦୁଇ ଜଣ ମହିଳାଙ୍କର ଟିସୁର ପୁନଃନିର୍ମାଣ କରାଯିବା ସହ ଏଥିରେ ସ୍ତନ କାଟିବାର ଆବଶ୍ୟକତା ପଡି ନାହିଁ ଯାହା କି ଏହି କ୍ଷେତ୍ରରେ ଏକ ବଡ଼ ସଫଳତା । ପଂଜାବୀ ବାଗ ସ୍ଥିତ ସିକେ ବିର୍ଲା ହସ୍ପିଟାଲର କର୍କଟ ରୋଗ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଡାକ୍ତର ମନ୍ଦୀପ ସିଂ ମାଲହୋତ୍ର ଏ ନେଇ ସୂଚନା ଦେଇଛନ୍ତି ।

୨୭ ବର୍ଷୀୟ ଜଣେ ମହିଳା ପ୍ରସବ ପରେ ସ୍ତନ ପାଖରେ ଗୁଳା ଥିବାର ଅନୁଭବ କଲେ । ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ଏହା ଏକ ସାଧାରଣ କଥା ଭାବି ମହିଳା ଜଣକ ଏଡାଇ ଦେଇଥିଲେ । କିନ୍ତୁ ପରେ ଚେକଅପରୁ ସେ ସ୍ତନ କର୍କଟର ପ୍ରଥମ ଚରଣରେ ପୀଡିତ ବୋଲି ଜଣା ପଡିଥିଲା । ଏହାପରେ ସେ କେମୋଥେରାପି, ଇମିନ୍ୟୁଥେରାପି ଓ ନାଚୁରାଲ ସପ୍ଲିମେଣ୍ଟ ନେବା ଆରମ୍ଭ କରିଥିଲେ ।

ରୋବଟ ସାହାଯ୍ୟରେ ଟିସୁକୁ ପୁନଃ ନିର୍ମାଣ କରା ଯାଇଥିଲା ଓ ସ୍ତନ ମଧ୍ୟ ସୁରକ୍ଷିତ ଥିଲା । ଏପରିକି ଠିକ ହେବା ପରେ ସେ ନିଜ ଶିଶୁକୁ ନିଜର ସ୍ତନ୍ୟପାନ ମଧ୍ୟ କରାଇ ପାରୁଛନ୍ତି ।

ଠିକ ଏହି ପ୍ରକାରର ଅସ୍ତ୍ରୋପଚାର ମାଧ୍ୟମରେ ଜଣେ ୬୦ ବୟସ୍କା ମହିଳାଙ୍କର ମଧ୍ୟ ସ୍ତନ କର୍କଟର ଉପଚାର ସମ୍ଭବ ହୋଇ ପାରିଛି । ଏହି ଉପଚାରରେ ରୋବଟ ସାମିଲ ହୋଇ ଅତି ନିଖୁଣ ଭାବେ କାମ କରୁଥିବାରୁ ଚର୍ମ ମଧ୍ୟ ବେଶୀ କିଛି ନଷ୍ଟ ହୋଇ ନଥାଏ । ଚିକିତ୍ସା ପରେ ଏବେ ଉଭୟ ମହିଳା ସୁସ୍ଥ ଅଛନ୍ତି ।

# ୨୦୧୪ ପରଠୁ ଇଡିର ବଢ଼ିଛି କାର୍ଯ୍ୟଦକ୍ଷତା: ମୋଦି

ନୂଆଦିଲ୍ଲୀ: ଏକ ଘରୋଇ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦକ୍ଷତାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେ କହିଛନ୍ତି ଯେ ୨୦୧୪ ପରେ ଇଡିର ଦକ୍ଷତାରେ ଉନ୍ନତି ଘଟିଛି । ଏଥିପାଇଁ ପ୍ରମାଣ ସ୍ୱରୂପ ପରିସଂଖ୍ୟାନ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଇଡି ୨୦୧୪ ପୂର୍ବରୁ ମନି ଲଣ୍ଡରିଂ ନିବାରଣ ଆଇନ ବା ପିଏମଏଲଏ ଅଧୀନରେ ୧ ହଜାର ୮୦୦ରୁ କମ୍ ମାମଲା ରୁଜୁ କରିଥିଲା । ଏନଡିଏ ସରକାର କ୍ଷମତାକୁ ଆସିବା ପରେ ଏହି ସଂଖ୍ୟା ୫ ହଜାରରୁ ଅଧିକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ।




ସେ ଆହୁରି ମଧ କହିଛନ୍ତି ଯେ ୨୦୧୪ ପୂର୍ବରୁ ଏବଂ ପରେ ହୋଇଥିବା ସର୍ଚ୍ଚ ଅପରେସନ ସଂଖ୍ୟା ମଧ ବୃଦ୍ଧି ପାଇଛି ବୋଲି କହିଛନ୍ତି । ଟାର୍ଗେଟ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ବ୍ୟବହାର କରାଯାଉଛି ବୋଲି ବିରୋଧୀ ଦଳମାନେ ଉଠାଇଥିବା ଅଭିଯୋଗର ଜବାବ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ଏପରି କିଛି କହିଛନ୍ତି ।

ସେ କହିଛନ୍ତି ଯେ ଇଡି ଦ୍ୱାରା ରୁଜୁ ହୋଇଥିବା ଦୁର୍ନୀତି ମାମଲା ମଧ୍ୟରୁ ମାତ୍ର ୩ ପ୍ରତିଶତ ରାଜନୀତିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ରହିଛି ।

ବିରୋଧୀ ଦଳଗୁଡ଼ିକର ସମାଲୋଚନାକୁ କଡ଼ା ସମାଲୋଚନା କରି ସେ କହିଛନ୍ତି, ଯଦି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୌଣସି ଅନୁଷ୍ଠାନ ଗଠନ କରାଯାଇଛି, ତା'ହେଲେ ତାହା କାମ କରୁନାହିଁ କି ବୋଲି ପ୍ରଶ୍ନ ପଚରାଯିବା ଉଚିତ । ପ୍ରଧାନମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ ସରକାର ତଦନ୍ତକାରୀ ଏଜେନ୍ସିଗୁଡ଼ିକୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ଦେବା ଉଚିତ ଏବଂ ସେମାନଙ୍କ ରାଜନୈତିକ ସ୍ୱାର୍ଥ ପାଇଁ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ ।

## ରୋଷେଇ, ଘରୋଇ ବ୍ୟବହୃତ ସାମଗ୍ରୀରେ ରହିଛି କ୍ୟାନସର କାରକ !

ନୂଆଦିଲ୍ଲୀ: କର୍କଟ ଏକ ସାଧାରଣ ରୋଗ ହୋଇଗଲାଣି । ବିଶ୍ୱସ୍ତରରେ ଏହି ମାରାତ୍ମକ ରୋଗର ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଜୀବନଶୈଳୀର କାରଣ ଯେପରିକି ଖାଦ୍ୟ, ନିଷ୍କ୍ରିୟତା ଏବଂ ପ୍ରଦୂଷିତ ପରିବେଶର ସଂସ୍ପର୍ଶରେ ଆସିବା କର୍କଟ ରୋଗର ପ୍ରାଥମିକ କାରଣ ଅଟେ ।

ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ଥାନ ଟାଇମ୍ସରେ ପ୍ରକାଶିତ ରିପୋର୍ଟରେ ମୁମ୍ବାଇର ହେଡ୍ ଆଣ୍ଡ ନେକ୍ କ୍ୟାନସର ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପସର୍ଜିକାଲ ଅଙ୍କୋଲୋଜିଷ୍ଟ ଡାକ୍ତର କାନବ କୁମାର କହିଛନ୍ତି, ସାଧାରଣ ଘରୋଇ ବ୍ୟବହୃତ ଜିନିଷରେ କାର୍ସିନୋଜେନ କେମିକାଲ ଥାଏ ଯାହା କ୍ୟାନସର ଆଶଙ୍କାକୁ ବଢାଇଥାଏ । ଅତି ବାଇଗଣି ରଶ୍ମି ଭଳି ଭୌତିକ ଏଜେଣ୍ଟ, ଆଜବେଷ୍ଟସ୍ ଭଳି ରାସାୟନିକ ପଦାର୍ଥ ଏବଂ ନିର୍ଦ୍ଦିଷ୍ଟ ଭୂତାଣୁର ଜୈବିକ ଏଜେଣ୍ଟ ସମେତ ୧୦୦ରୁ ଅଧିକ କାର୍ସିନୋଜେନ ଆମ ଆଖପାଖରେ ରହିଛି ।

କାର୍ସିନୋଜେନ୍ ସଂସ୍ପର୍ଶରେ ଆସିଲେ କର୍କଟ ରୋଗ ହେବାର ଗ୍ୟାରେଣ୍ଟି ମିଳେ ନାହିଁ ବିପଦଜନକ କାରଣଗୁଡ଼ିକ ମଧ୍ୟରେ ସଂସ୍ପର୍ଶର ସ୍ତର ଏବଂ ଜେନେଟିକ୍ ପ୍ରବୃତ୍ତି ଅନ୍ତର୍ଭୁକ୍ତ । ଦୈନନ୍ଦିନ ବ୍ୟବହୃତ ଘରୋଇ ଜିନିଷ ପ୍ରତି ସତର୍କତା ଆବଶ୍ୟକ । ଟେଫ୍ଲୋନ-କୋଟେଡ୍ ପ୍ୟାନ୍: ରୋଷେଇ ଏବଂ ସଫା କରିବାକୁ ଏହା ସୁବିଧାଜନକ । କିନ୍ତୁ ଏହି ପ୍ୟାନ ଉଚ୍ଚ ତାପମାତ୍ରାରେ କ୍ଷତିକାରକ ପର୍ଫ୍ଲୋରିନେଟେଡ୍ ରାସାୟନିକ ପଦାର୍ଥ ନିର୍ଗତ କରେ । ତେଣୁ ସିରାମିକ୍ କିମ୍ବା କାଷ୍ଟ-ଆଇରନ୍ ରୋଷେଇ ସାମଗ୍ରୀ ଭଳି ବିକଳ୍ପ ସାମଗ୍ରୀ ବ୍ୟବହାର ପାଇଁ ସୁପାରିସ କରାଯାଇଛି ।

## ଦଳୀୟ ସଂଗୀତରୁ ଜୟ ଭବାନୀ ଓ ହିନ୍ଦୁ ଶବ୍ଦ ହଟାଇବୁନି : ଉଦ୍ଧବ

ମୁମ୍ବାଇ: ଦଳୀୟ ସଂଗୀତରୁ ଜୟ ଭବାନୀ ଏବଂ ହିନ୍ଦୁ ଶବ୍ଦ ହଟାଇବେନି ଶିବସେନା ମୁଖ୍ୟ ଉଦ୍ଧବ ଠାକରେ । ନିର୍ବାଚନ କମିଶନଙ୍କ ନୋଟିସ୍ ପରେ ମଧ ସେ ଏପରି କରିବେ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ରୋକ୍ ଠୋକ୍ ମନା କରିଦେଇଛନ୍ତି ।

ଠାକରେ କହିଛନ୍ତି, ଦଳର ନୂଆ ସଂଗୀତରୁ ଜୟ ଭବାନୀ ଏବଂ ହିନ୍ଦୁ ଶବ୍ଦ ହଟାଇବା ପାଇଁ ନିର୍ବାଚନ ଆୟୋଗଙ୍କ ତରଫରୁ ଏକ ନୋଟିସ ପାଇଛି, କିନ୍ତୁ ମୁଁ ଏହି ନିର୍ଦ୍ଦେଶକୁ ପାଳନ କରିବି ନାହିଁ । ଜୟ ଭବାନୀକୁ ସଂଗୀତରୁ ହଟାଇବାକୁ କହିବା ମହାରାଷ୍ଟ୍ର ପାଇଁ ଅପମାନ ।ସେ ଆହୁରି କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜ ତୁଲଜା ଭବାନୀଙ୍କ



ଆଶୀର୍ବାଦରେ ହିନ୍ଦବୀ ସ୍ୱରାଜ ପ୍ରତିଷ୍ଠା କରିଥିଲେ । ଆମେ ଦେବୀ କିମ୍ବା ହିନ୍ଦୁ ଧର୍ମ ନାମରେ ଭୋଟ୍ ମାଗୁନାହୁଁ । ଏହା ଏକ ଅପମାନ ଏବଂ ଏହାକୁ ବରଦାସ୍ତ କରପାରିବୁ ନାହିଁ । ଦଳୀୟ ସଭାସମିତିରେ ଜୟ ଭବାନୀ ଓ ଜୟ ଶିବାଜୀ କହିବା ଅଭ୍ୟାସ ଜାରି ରଖିବି ବୋଲି ଉଦ୍ଧବ ଠାକରେ କହିଛନ୍ତି । ସେ ଆହୁରି କହିଛନ୍ତି, ଯଦି ନିର୍ବାଚନ ଆୟୋଗ ଆମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ତେବେ ଆମେ ତାଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ ଶାହଙ୍କ ଉଦାହରଣ ଦେବୁ ।

ପ୍ରଧାନମନ୍ତ୍ରୀ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କୁ କହିଥିଲେ, ଜୟ ବଜରଙ୍ଗବଲି କୁହନ୍ତି ଏବଂ ଇଭିଏମ୍ ବଟନ୍ ଉପରେ ପ୍ରେସ୍ କରନ୍ତୁ । ସେହିପରି ଅମିତ ଶାହ ମଧ ପ୍ରଚାର ସମୟରେ ବିଜେପିକୁ ଭୋଟ୍ ଦିଅନ୍ତୁ ମାଗଣାରେ ରାମଲଲାଙ୍କ ଦର୍ଶନ କରନ୍ତୁ କହିଥିଲେ । ନିର୍ବାଚନ ଆୟୋଗ କଣ ନିୟମ ବଦଳାଇ ଦେଇଛନ୍ତି କି ବୋଲି ବୋଲି ଉଦ୍ଧବ ଠାକରେ ପ୍ରଶ୍ନ କରିଛନ୍ତି ।

## ଏନଡିଏକୁ ସମର୍ଥନ ଘୋଷଣା କଲେ ଚିରଞ୍ଜୀବୀ

ନୂଆଦିଲ୍ଲୀ: ଆନ୍ଧ୍ରପ୍ରଦେଶରେ ବିଜେପିକୁ ବଡ ଖୁସି ଖବର । ବିଧାନସଭା ନିର୍ବାଚନ ଏବଂ ଲୋକସଭା ନିର୍ବାଚନ ପାଇଁ ମେଗାଷ୍ଟାର ଚିରଞ୍ଜୀବୀ ଟିଡିପି-ଜନସେନା-ବିଜେପି ସହଯୋଗୀ ଦଳକୁ ସମର୍ଥନ କରିଛନ୍ତି । ୨୦୧୪ରେ ଆନ୍ଧ୍ରପ୍ରଦେଶ ବିଭାଜନ ପରେ କଂଗ୍ରେସର ପୂର୍ବତନ ଏମ୍ପି ତଥା କେନ୍ଦ୍ର ମନ୍ତ୍ରୀ ଚିରଞ୍ଜୀବୀ ରାଜନୀତିରୁ ନିଜକୁ ଦୂରେଇ ରଖିଥିଲେ । ତେବେ ନିର୍ବାଚନ ପୂର୍ବରୁ ଚିରଞ୍ଜୀବୀଙ୍କ ଏନଡିଏକୁ ସମର୍ଥନ କରିବା ମେଣ୍ଟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି ।

ୟୁପିଏ-୨ରେ ମନ୍ତ୍ରୀ ଥିବା ଚିରଞ୍ଜିବୀ ଆନ୍ଧ୍ରପ୍ରଦେଶ ବିଭାଜନ ପରେ ରାଜନୀତିରେ ନିଷ୍କ୍ରିୟ ଥିଲେ । ତାଙ୍କ ଭାଇ ତଥା ଲୋକପ୍ରିୟ ତାରକା ପୱନ କଲ୍ୟାଣ ଏବଂ ତାଙ୍କ ପାର୍ଟି ଜନସେନା ଏନଡିଏ ମେଣ୍ଟର ପୂର୍ବରୁ ଏକ ଅଂଶ ହୋଇସାରିଛନ୍ତି । ଚିରଞ୍ଜୀବୀ କାପୁ ଜାତିରୁ ଆସିଛନ୍ତି ଯାହା ଆନ୍ଧ୍ରରେ ପଛୁଆ ଏବଂ ପ୍ରାୟ ୧୫% ଭୋଟ୍ ରହିଛି । ଯଦି ଏନଡିଏ ସହଯୋଗୀ ଦଳ ଏହି ଭୋଟ୍ ପାଆନ୍ତି, ତେବେ କେବଳ ବିଧାନସଭା ନିର୍ବାଚନରେ ନୁହେଁ ଲୋକସଭା ନିର୍ବାଚନରେ ମଧ ଏକ ବଡ଼ ପରିବର୍ତ୍ତନ ହୋଇପାରେ । ଏଥିରୁ ବିଜେପି ଅଧିକ ଲାଭବାନ ହେବ ।



ଚିରଞ୍ଜୀବୀ ୨୦୦୮ ରେ ପ୍ରଜା ରାଜ୍ୟମ ପାର୍ଟି ଗଠନ କରିଥିଲେ ଏବଂ ୨୦୦୯ ବିଧାନସଭା ନିର୍ବାଚନରେ ୧୮ ଟି ସିଟ୍ (୨୯୪ ଟି ସିଟ୍ ମଧ୍ୟରୁ) ରେ ଜିତିଥିଲେ । କୁହାଯାଉଛି ଯେହେତୁ ୨୦୦୯ ରେ ଟିଡିପି ଅନେକ ଆସନରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ଏବଂ ଦିବଙ୍ଗତ ନେତା ରାଜଶେଖର ରେଡ୍ଡୀଙ୍କ ନେତୃତ୍ୱରେ କଂଗ୍ରେସ ସରକାର ପୁଣି କ୍ଷମତାକୁ ଆସିଥିଲେ । ୨୦୧୧ ରେ ଚିରଞ୍ଜୀବୀ ଦଳକୁ କଂଗ୍ରେସ ସହିତ ମିଶ୍ରଣ କରିଥିଲେ । ଏହା ପରେ ସେ ୟୁପିଏ-୨ରେ କେନ୍ଦ୍ର ସରକାରରେ ମନ୍ତ୍ରୀ ହୋଇଥିଲେ ।

ସୂଚନାଯୋଗ୍ୟ ଯେ, ମେ ୧୩ରେ ଆନ୍ଧ୍ରପ୍ରଦେଶ ବିଧାନସଭାର ୧୭୫ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ବିଜ୍ଞପ୍ତି ୧୮ ଏପ୍ରିଲ ୨୦୨୪ରେ ଜାରି କରାଯିବ । ନାମାଙ୍କନ ପତ୍ରର ଶେଷ ତାରିଖ ୨୫ ଏପ୍ରିଲ ହୋଇଥିବାବେଳେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ୨୯ ଏପ୍ରିଲ । ଲୋକ ସଭା ସହିତ ବିଧାନସଭା ନିର୍ବଚନର ଫଳାଫଳ ମଧ ଜୁନ ୪, ୨୦୨୪ରେ ଘୋଷଣା କରାଯିବ ।

## କିଭଳି ଅଛି କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ? ଜବାବ ରଖିଲା ଜେଲ୍ ପ୍ରଶାସନ



ନୂଆଦିଲ୍ଲୀ: ମଦ ଦୁର୍ନୀତି ମାମଲାରେ ତିହାର ଜେଲ୍ରେ ବନ୍ଦ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ । ଏହାକୁ ନେଇ ଜେଲ୍ ପ୍ରଶାସନ ଓ ଆପ୍ ମଧ୍ୟରେ ତୁ ତୁ ମେଁ ମେଁ ଲାଗି ରହିଛି । ଜେଲ୍ ଭିତରେ କେଜ୍ରିୱାଲଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର କରାଯାଉଥିବା ଆମ୍ ଆଦମୀ ପାର୍ଟି ଅଭିଯୋଗ ଆଣିଛି । ଏପରିକି ଡାଇବେଟିସ୍ ରୋଗୀ ହୋଇଥିବା ସତ୍ତ୍ୱେ ତାଙ୍କ ଇନ୍ସୁଲିନ୍ ଦିଆଯାଉ ନଥିବା ଅଭିଯୋଗ ହେବା ପରେ ଏବେ ଜେଲ୍ ପ୍ରଶାସନ ଏହାର ଜବାବ ରଖିଛି । ଏଥିସହ ଆପ୍ ଆଣିଥିବା ଅଭିଯୋଗକୁ ମଧ ଖଣ୍ଡନ କରିଛି ।

ତିହାର ଜେଲ୍ ପ୍ରଶାସନ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ, ଶନିବାର ଏମ୍ସର ବରିଷ୍ଠ ଡାକ୍ତରମାନେ ଶନିବାର ଭିଡିଓ କନଫରେନ୍ସିଂ ଜରିଆରେ ଅରବିନ୍ଦ କେଜ୍ରିୱାଲଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରାୟ ୪୦ ମିନିଟର କଥାବାର୍ତ୍ତା ପରେ କେଜ୍ରିୱାଲଙ୍କୁ ଆଶ୍ୱସନା ଦିଆଯାଇଛି ଯେ, ତାଙ୍କ ସ୍ୱାସ୍ଥ୍ୟକୁ ନେଇ କୌଣସି ଗୁରୁତ୍ୱପୂର୍ଣ୍ଣ ଚିନ୍ତାର କାରଣ ନାହିଁ ଏବଂ ତାଙ୍କୁ ଦିଆଯାଇଥିବା ଔଷଧ ଜାରି ରଖିବାକୁ କୁହାଯାଇଛି । ନିୟମିତ ଭାବରେ ମୂଲ୍ୟାଙ୍କନ କରାଯିବ ଏବଂ ସମୀକ୍ଷା କରାଯିବ ବୋଲି ଏମ୍ସ ଡାକ୍ତରମାନେ କହିଛନ୍ତି ।

ସୁନୀତା କେଜ୍ରିୱାଲଙ୍କ କହିବା ମୁତାବକ, ଭିଡିଓ କନ୍ଫରେନ୍ସିଂ ଜରିଆରେ ଡାକ୍ତରଙ୍କ ପରାମର୍ଶ ନିଆଯାଇଥିଲା । ଏହି ସମୟରେ ଏମ୍ସ ଡାକ୍ତରଙ୍କ ବ୍ୟତୀତ ଉଭୟ ଆରଏମଓ ତିହାର ଜେଲ ଏବଂ ମେଡିକାଲ ଅଫିସର ତିହାର ଉଭୟ ଉପସ୍ଥିତ ଥିଲେ । ବରିଷ୍ଠ ବିଶେଷଜ୍ଞ ସମସ୍ତ ପାରାମିଟର ଯାଞ୍ଚ କରିଥିଲେଛ କେଜ୍ରିୱାଲଙ୍କ ଗ୍ଲୁକୋଜ୍ ମନିଟରିଂ ସହିତ ସେନ୍ସର, ଡାଏଟ୍ ଏବଂ ଔଷଧ ବିଷୟରେ ସେ ପଚାରି ବୁଝିଥିଲେ । ଏହି ସମୟରେ କେଜ୍ରିୱାଲଙ୍କ ତରଫରୁ ଇନସୁଲିନର କୌଣସି ପ୍ରସଙ୍ଗ ଉଠାଯାଇ ନଥିଲା କିମ୍ବା ଡାକ୍ତରମାନେ ଇନସୁଲିନ ଦେବାକୁ ପରାମର୍ଶ ଦେଇ ନଥିଲେ ବୋଲି ଜେଲ୍ ପ୍ରଶାସନ ପକ୍ଷରୁ କୁହାଯାଇଛି ।

ନିକଟରେ ଆପ୍ ନେତା ତଥା ଦିଲ୍ଲୀ ସରକାର ସ୍ୱାସ୍ଥ୍ୟ ମନ୍ତ୍ରୀ ସୌରଭ ଭରଦ୍ୱାଜ ଜେଲ୍ ଭିତରେ କେଜ୍ରିୱାଲଙ୍କୁ ମାରିବାକୁ ଷଡଯନ୍ତ୍ର କରାଯାଉଥିବା ନେଇ ଅଭିଯୋଗ ଆଣିଥିଲେଛ ସେ ଜଣେ ମଧୁମେହ ରୋଗୀ । ସେ ପ୍ରତିଦିନ ଇନସୁଲିନ୍ ନିଅନ୍ତି । କେଜ୍ରିୱାଲ ବାରମ୍ବାର ଇନସୁଲିନ୍ ମାଗୁଥିଲେ ମଧ ତାଙ୍କୁ ଜେଲ୍ ପ୍ରଶାସନ ଦେଉନଥିବା ନେଇ ଅଭିଯୋଗ ଆଣିଥିଲେ । ତେବେ ଏହି ଅଭିଯୋଗକୁ ଏବେ ତିହାର ଜେଲ୍ ପ୍ରଶାସନ ଖଣ୍ଡନ କରିଛନ୍ତି ।

## କଂଗ୍ରେସ ପ୍ରାର୍ଥୀଙ୍କୁ ମିଳିଲାନି ପ୍ରସ୍ତାବକ: ନାମାଙ୍କନ ଖାରଜ

ସୁରାଟ: ଗୁଜୁରାଟରେ କଂଗ୍ରେସକୁ ବଡ଼ ଝଟକା । ସୁରାଟରୁ ଦଳର ଲୋକସଭା ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ନାମାଙ୍କନପତ୍ର ଖାରଜ କରିଦିଆଯାଇଛି । କାରଣ ତାଙ୍କର ତିନିଜଣ ପ୍ରସ୍ତାବକ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏକ ଲିଖିତ ସତ୍ୟପାଠରେ ଦାବି କରିଛନ୍ତି ଯେ ସେ ତାଙ୍କ ନାମାଙ୍କନ ପତ୍ରରେ ଦସ୍ତଖତ କରିନାହାଁନ୍ତି । ଏପ୍ରିଲ୍ ୨୧ରେ ଜିଲ୍ଲା ନିର୍ବାଚନ ଅଧିକାରୀ ସୌରଭ ପାରଧୀ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନକୁ ପ୍ରତ୍ୟାଖ୍ୟାନ କରିଥିଲେ । କାରଣ ତାଙ୍କର ତିନିଜଣ ପ୍ରସ୍ତାବକ ତାଙ୍କ ନାମାଙ୍କନ ପତ୍ରକୁ ସମର୍ଥନ କରିବାକୁ ଡିଇଓ ସମ୍ମୁଖରେ ହାଜର ହୋଇପାରିନଥିଲେ ।

ବର୍ତ୍ତମାନ ସୁରାଟ ଲୋକସଭା ଆସନ ପାଇଁ କଂଗ୍ରେସର କୌଣସି ପ୍ରାର୍ଥୀ ମୈଦାନରେ ନାହାଁନ୍ତି । ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ ନାମାଙ୍କନପତ୍ରକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ପୋଲିସ ଏବଂ ରାଜ୍ୟ ମେଶିନାରୀ ସହାୟତାରେ ଶାସକ ଦଳ ଦ୍ୱାରା ପ୍ରସ୍ତାବକଙ୍କୁ ଅପହରଣ କରାଯାଇଥିଲା । ଜିଲ୍ଲା ନିର୍ବାଚନ ଅଧିକାରୀ ଏପ୍ରିଲ ୨୦ରେ ଗୁଜରାଟର ସୁରାଟ ଲୋକସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ନୀଲେଶ କୁମ୍ଭାନୀଙ୍କଠାରୁ ଉତ୍ତର ମାଗିଥିଲେ । ଏପ୍ରିଲ ୨୧ ସକାଳ ୧୧ ଟା ପର୍ଯ୍ୟନ୍ତ ସମୟ ଦେଇଥିଲେ । କିନ୍ତୁ ସୁରାଟରୁ କଂଗ୍ରେସର ବିକଳ୍ପ ପ୍ରାର୍ଥୀ ସୁରେଶ ପଡ଼ସାଲା ମଧ ନାମାଙ୍କନ ପତ୍ରରେ ଦସ୍ତଖତ କରିବା କଥା ମନା କରିଦେଇଥିଲେ ।

ଏପ୍ରିଲ ୨୦ ସନ୍ଧ୍ୟାରେ ସୁରାଟ ଡିଇଓ ଶୁଣାଣି ସମୟରେ କୁମ୍ଭାନୀ ଏବଂ ପଡସାଲା ଏହାର ଉତ୍ତର ଦେବାକୁ ଏପ୍ରିଲ ୨୧ ପର୍ଯ୍ୟନ୍ତ ସମୟ ମାଗିଥିଲେ । କଂଗ୍ରେସ ମୁଖପାତ୍ର ନାଇଶାଦ୍ ଦିଶାଇ କହିଛନ୍ତି, ମୁଖ୍ୟ ପ୍ରାର୍ଥୀ କୁମ୍ଭାନୀ ଏବଂ ତାଙ୍କ ବଦଳରେ ପ୍ରାର୍ଥୀ ପଡସାଲା କାଗଜରରେ ଦସ୍ତଖତ କରିବାକୁ ମନା କରି ଦେଇଛନ୍ତି । ଅନ୍ତିମ ନିର୍ଦ୍ଦେଶ ପାରିତ ହେବା ପୂର୍ବରୁ ରବିବାର ଦିନ ୧୧ଟା ପର୍ଯ୍ୟନ୍ତ ଆମକୁ ସମୟ ଦିଆଯାଇଛି । କୁମ୍ଭାନୀ କହିଛନ୍ତି ଯେ ତାଙ୍କ ପ୍ରସ୍ତାବକ ରମେଶ ପୋଲାରା, ଜଗଦୀଶ ସାଭାଲିଆ ଏବଂ ଧ୍ରୁଭିନ ଧମେଲିଆ ବର୍ତ୍ତମାନ ସମ୍ପର୍କରେ ନାହାଁନ୍ତି, କିନ୍ତୁ ସେ ଖୁବ୍ ଶୀଘ୍ର ସେମାନଙ୍କ ସହ ଯୋଗାଯୋଗ କରିବେ ।

# ପୋଲିସ ଗୁଳିରେ ଟଳିଲା ଜଣେ ନକ୍ସଲ

ବିଜାପୁର: ରାୟପୁରଠାରୁ ପ୍ରାୟ ୪୦୦ କିଲୋମିଟର ଦୂରରେ ଅବସ୍ଥିତ କେଶକୁଟୁଲ-କେଶମୁଣ୍ଡି ଜଙ୍ଗଲରେ ନକ୍ସଲ କମାଣ୍ଡର କାୱାସୀ ପଣ୍ଡାରୁ ଏବଂ ୧୫ରୁ ୨୦ ଅନ୍ୟ କ୍ୟାଡରଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା ।

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ପୁଲିସ ଓ ନକ୍ସଲ ଭିତରେ ଗୁଳି ବିନିମୟ ହୋଇଛି । ଏଥିରେ ଏନକାଉଣ୍ଟରରେ ଜଣେ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରୁ ବିପୁଳ ମାଓ ସାମଗ୍ରୀ ମଧ ଜବତ ହୋଇଛି । ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଭୈରମଗଡ଼ ଥାନା ପରିସରରେ ଥିବା କେଶକୁଟଲ ଗ୍ରାମ



ନିକଟସ୍ଥ ଏକ ଜଙ୍ଗଲରେ ରବିବାର ଭୋରୁ ଏହି ଗୁଳି ବିନିମୟ ହୋଇଥିଲା । ରାଜ୍ୟ ରାଜଧାନୀ ରାୟପୁରଠାରୁ ପ୍ରାୟ ୪୦୦ କିଲୋମିଟର ଦୂରରେ ଅବସ୍ଥିତ କେଶକୁଟୁଲ-କେଶମୁଣ୍ଡି ଜଙ୍ଗଲରେ ନକ୍ସଲ କମାଣ୍ଡର କାୱାସୀ ପଣ୍ଡାରୁ ଏବଂ ୧୫ରୁ ୨୦ ଅନ୍ୟ କ୍ୟାଡରଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା । ଏହାପରେ ରିଜର୍ଭ ଗାର୍ଡର ଏକ ଟିମ୍ ଉକ୍ତ ଜଙ୍ଗଲରେ ପହଞ୍ଚିଥିଲା ।ଏହି ସମୟରେ ପୁଲିସକୁ ଦେଖି ନକ୍ସଲମାନେ ଗୁଳିମାଡ କରିଥିଲେ । ରିଜର୍ଭ ଗାର୍ଡ ଟିମ୍ ମଧ ଏହାର ପାଲଟା ଜବାବ ଦେଇଥିଲା । ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିବା ବେଳେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ । ପରେ ଘଟଣାସ୍ଥଳର ସର୍ଚ୍ଚ ଅପରେସନ ବେଳେ ଜଣେ ନକ୍ସଲଙ୍କ ମୃତଦେହ ଉଦ୍ଧାର ହୋଇଛି । ଏଥିସହ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରାଯାଇଛି । ପୂରା ଅଞ୍ଚଳରେ ଏବେବି ସର୍ଚ୍ଚ ଅପରେସନ୍ ଜାରି ରହିଥିବା ବିଜାପୁର ଏସପି ସୂଚନା ଦେଇଛନ୍ତି ।

ଏହା ପୂର୍ବରୁ ଏପ୍ରିଲ ୧୬ରେ ଏହି ଅଞ୍ଚଳର କାଙ୍କେର ଜିଲ୍ଲାରେ ସୁରକ୍ଷା ବାହିନୀ ସହ ହୋଇଥିବା ଏନକାଉଣ୍ଟରରେ ୨୯ଜଣ ନକ୍ସଲ ନିହତ ହୋଇଥିଲେ । ପୁଲିସର ସୂଚନାନୁସାରେ ଚଳିତ ବର୍ଷ ଛତିଶଗଡର ବସ୍ତର ଅଞ୍ଚଳରେ ସୁରକ୍ଷା ବାହିନୀ ସହ ପୃଥକ ମୁକାବିଲାରେ ୮୦ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି ।

# 'ଇଣ୍ଡିଆ' ରାଲିରେ ଉଡ଼ିଲା ଚୌକି, ଫାଟିଲା ମୁଣ୍ଡ

ନୂଆଦିଲ୍ଲୀ: ରାଲି ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ହେଲା ସଘର୍ଷ । ବିରୋଧୀଙ୍କ ଇଣ୍ଡିଆ ଆଲାଏନ୍ସର ଉଲଗୁଲାନ ରାଲି ବେଳେ ମୁହାଁମୁହିଁ ହେଲେ ସମର୍ଥକ । ପରସ୍ପରକୁ ଉରକୁ ଫିଙ୍ଗିଲେ ଚୌକି । କେବଳ ସେତିକି ନୁହେଁ ଲାଠି ମାଡ ମଧ କଲେ । ଏଥିରେ ଅନେକ ଆହତ ହୋଇଥିବା ସୂଚନା ମିଳିଛି । ଏହି ପୂରା ଘଟଣାର ଭିଡିଓ ସାମ୍ନାକୁ ଆସିଛି, ଯାହା ଭାଇରାଲ ହେବାରେ ଲାଗିଛି ।

ସୂଚନା ମୁତାବକ, ରାଲି ପରେ ଆୟୋଜିତ ଜନସଭାରେ ଇଣ୍ଡିଆ ଅଲାଏନ୍ସର ନେତାମାନେ ଲୋକଙ୍କୁ ସମ୍ବୋଧିତ କରୁଥିଲେ । ଏତିକି ବେଳେ ଚତରା ଜିଲ୍ଲାର କଂଗ୍ରେସ ପ୍ରାର୍ଥୀ କେଏନ୍ ତ୍ରିପାଠୀଙ୍କ ସମର୍ଥକ ଏବଂ ଆର୍ଜେଡି ସମର୍ଥକଙ୍କ ମଧ୍ୟରେ ମାରପିଟ୍



ଆରମ୍ଭ ହୋଇଥିଲା । ପରେ ଏହା ଉଗ୍ର ରୂପ ନେଇଥିଲା । ଉଭୟ ପରସ୍ପରକୁ ଚୌକି ଫିଙ୍ଗି ଥିଲେ । ଲାଠି ମାଡ ମଧ କରିଥିଲେ । ପରେ ସେଠାରେ ଉପସ୍ଥିତ ଥିବା ଲୋକେ ଓ ସୁରକ୍ଷାକର୍ମୀମାନେ ଉଭୟ ଗୋଷ୍ଠୀଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ ।

ଏହି ସଂଘର୍ଷରେ ଅନେକ କର୍ମୀ ଆହତ ହୋଇଛନ୍ତି । କଂଗ୍ରେସ ପ୍ରାର୍ଥୀ ଏନ୍ ତ୍ରିପାଠୀଙ୍କ ଭାଇଙ୍କ ମୁଣ୍ଡ ଫାଟିଥିବା ସୂଚନା ମିଳିଛି । ସେପଟେ ସଂଘର୍ଷ ପରେ ରାଲିରେ ଆତଙ୍କ ଖେଳି ଯାଇଥିଲା । ଲୋକେ ଭୟରେ ଏପଟସେପଟ ଦୌଡିଥିଲେ । ଏହି ସମୟରେ ଅନେକ ତଳେ ପଡିଯିବା ସହ ଠେଲାପେଲାର ଶିକାର ମଧ ହୋଇଥିଲେ ।

କହିରଖୁ ଯେ, ଆର୍ଜେଡି ଚତରା ଜିଲ୍ଲାରେ ନିଜର ପ୍ରାର୍ଥୀ ଦେବାକୁ ଚାହୁଁଥିଲା । ଆର୍ଜେଡି ସମର୍ଥକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ମଧ ଥିଲେ । କିନ୍ତୁ କଂଗ୍ରେସ ସେଠାରେ ନିଜର ପ୍ରାର୍ଥୀ ଦେଇଥିଲା । ସେହି ଦିନଠାରୁ ଚତରାର ଆରଜେଡି ସମର୍ଥକମାନେ ଏହାକୁ ନେଇ ଅସନ୍ତୁଷ୍ଟ ଥିଲେ । ଏହାର ଫଳାଫଳ ଆଜି ଉଲଗୁଲାନ ରାଲିରେ ଦେଖିବାକୁ ମିଳିଥିଲା ।

## ଭୁଶୁଡିପଡ଼ିଲା ପାଚେରୀ, ଚାଲିଗଲା ୪ ଜୀବନ

ନୂଆଦିଲ୍ଲୀ: ଦିଲ୍ଲୀ ଅର୍ଜୁନ ନଗରରେ ଘଟିଛି ଅଭାବନୀୟ ଘଟଣା । ଏଠାରେ ଥିବା ଶ୍ମଶାନ କଡ ପାଚେରୀ ଛାଇରେ ବସିଥିଲେ ପାଖାପାଖି ୧୦ ଜଣ ଲୋକ । ଏହି ସମୟରେ ହଠାତ ଭୁଶୁଡିପଡିଲା ପାଚେରୀ । ତା ତଳେ ଚାପି ହୋଇ ଚାଲିଗଲା ୪ଜଣଙ୍କ ଜୀବନ । ମୃତକଙ୍କ ମଧ୍ୟରେ ୨ଜଣ ନାବାଳିକା ରହିଥିବା ଜଣାପଡିଛି । ଅନ୍ୟ ୨ଜଣ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।



ଏହି ଘଟଣାରେ ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ଶ୍ମଶାନ ଦାୟିତ୍ୱରେ ଥିବା କମିଟି ସଦସ୍ୟଙ୍କୁ ପଚରାଉଚୁରା କରିଛି । ଏହାସହ ଶ୍ମଶାନ ପରିସରର ରକ୍ଷଣାବେକ୍ଷଣ ଅଭାବ ଆଧାରରେ କମିଟି ସଦସ୍ୟଙ୍କ ବିରୋଧରେ ମାମଲା ମଧ ରୁଜୁ କରିଥିବା ଜଣାପଡିଛି । ତେବେ ଏହି ଘଟଣା ପାଖ ସିସିଟିଭିରେ କଏଦ ହୋଇଥିଲା । ଏହି ଭିଜୁଆଲ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି ଯାହା ଅତି ସମ୍ବେଦନଶୀଳ ।



# ଅବସର ନେଲେ ମୁଗୁରୁଜା

ନୂଆଦିଲ୍ଲୀ, ୨୧।୪ (ଏଜେନ୍ସି) : ୩୦ ବର୍ଷ ବୟସରେ ଅନ୍ତର୍ଜାତୀୟ ଟେନିସରୁ ଅବସର ଘୋଷଣା କରିଛନ୍ତି ବିଶ୍ୱର ପୂର୍ବତନ ଏକନମ୍ବର ଖେଳାଳି ଗାର୍ବାଇନ ମୁଗୁରୁଜା । ସ୍ପେନର ଏହି ମହିଳା ଖେଳାଳି ଜଣଙ୍କ ଦୀର୍ଘଦିନ ଧରି ଟେନିସରୁ ଦୂରେଇ ରହିବା ପରେ ଶେଷରେ ଏହି ନିଷ୍ପତ୍ତି ନେଇଛନ୍ତି । ୨୦୨୩ ଜାନୁଆରୀ ପରଠାରୁ ସେ ଆଉ ଟେନିସ କୋର୍ଟକୁ ଓହ୍ଲାଇ ନଥିଲେ । ଆମେରିକାର ୱିଲିୟମ୍ସ ଭଉଣୀଙ୍କୁ ହରାଇବାରେ ସେ ସଫଳତା ପାଇଥିଲେ । ୨୦୧୬ ଫ୍ରେଞ୍ଚ ଓପନ ଫାଇନାଲରେ ସେରେନା ୱିଲିୟମ୍ସଙ୍କୁ ଓ ୨୦୧୭ ୱିମ୍ବଲଡନ ଫାଇନାଲରେ ଭେନସ ୱିଲିୟମ୍ସଙ୍କୁ ପରାଜିତ କରିଥିଲେ ମୁଗୁରୁଜା । ତାଙ୍କ କ୍ୟାରିୟରରେ ୧୦ ଟାଇଟଲ ହାତେଇଛନ୍ତି । ୨୦୧୫ ୱିମ୍ବଲଡନ ଓ ୨୦୨୦ ଅଷ୍ଟ୍ରେଲିଆନ ଓପନରେ ସେ ଉପବିଜେତା ହୋଇଥିଲେ ।

ସ୍ପେନର ପ୍ରଥମ ଖେଳାଳି ଭାବେ ଫ୍ରେଞ୍ଚ ଓପନ ଜିତିଥିଲେ । ଫାଇନାଲରେ ସେ ଆରାତ୍ୟାଶା ସୋନଜଜ ବିକାରିଓଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ । ତାଙ୍କ ବାପା ସ୍ପେନର ଥିବାବେଳେ ମା' ଭେନ୍‌ଜୁଏଲା ବାସିନ୍ଦା । ମୁଗୁରୁଜା ଟେନିସ ପ୍ରତି ଆକୃଷ୍ଟ ହେବାପରେ ବାର୍ସିଲୋନା ଆସି ପ୍ରଶିକ୍ଷଣ ନେଇଥିଲେ ।

## ଶ୍ୟାମଳୀ ଦେ ସ୍ମାରକୀ ଚେସ : ରବୀନ୍ଦ୍ର ବିଜେତା

ଭୁବନେଶ୍ୱର, ୨୧।୪ (ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ତୃତୀୟ ଶ୍ୟାମଳୀ ଦେ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ ଚେସ ଆସୋସିଏସନ ଏବଂ ଏସ୍‌ଡିଏମ୍ ସଫ୍ଟୱେୟାର ସଲ୍ୟୁସନ ମିଳିତ ଭାବେ ଆୟୋଜନ କରିଥିଲେ । କଟକର ରବୀନ୍ଦ୍ର କୁମାର ଓଝା ୫ ପଏଣ୍ଟ ସହ ଚାମ୍ପିଅନ ହୋଇଥିବାବେଳେ ଭୁବନେଶ୍ୱରର ଆଦିତ୍ୟ ଶଙ୍କର ବେହେରା ଉପବିଜେତା ହୋଇଛନ୍ତି । ସେହିଭଳି ସୃଜନ ପ୍ରଣୟୀ ରାୟ ତୃତୀୟ, ଶ୍ରଦ୍ଧା ସ୍ମରଣିକା ନନ୍ଦ ୪ର୍ଥ, ଦେବରାଜ ସେନାପତି ୫ମ, ଅବିନାଶ ବଳିଆରସିଂହ ଷଷ୍ଠ ଓ କମଳେଶ ଗୁପ୍ତା ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ଏତଦ୍‌ଭିନ୍ନ ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।


SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


# ହତଭାଗା ବେଙ୍ଗାଲୁରୁ

## ଆଇପିଏଲ୍ ମହାସମର



କୋଲକାତା, ୨୧।୪ (ଏଜେନ୍ସି) : ହତଭାଗା ବେଙ୍ଗାଲୁରୁ । ଆଇପିଏଲ୍‌ର କୌଣସି ସଂସ୍କରଣରେ ଉଚ୍ଚକୋଟିର ପ୍ରଦର୍ଶନ ସହ ଟାଇଟଲ ହାତେଇ ପାରିନି ଦଳ । ଦଳରେ ବିଶ୍ୱସ୍ତରର ବହୁ ଦେଶୀବିଦେଶୀ ଖେଳାଳି ଅଛନ୍ତି । ସେମାନଙ୍କ ଅସ୍ଥିର ପ୍ରଦର୍ଶନ ଯୋଗୁ ଦଳ ହାତପାହାନ୍ତାରୁ ଟ୍ରଫି ଟେକି ଧରିବାକୁ ସଫଳ ହୋଇପାରିନି । ଚଳିତ ଆଇପିଏଲ୍‌ରେ ମଧ୍ୟ ବେଙ୍ଗାଲୁରୁର ସମାନ ଅବସ୍ଥା । ଦଳ ଭଲ ପ୍ରଦର୍ଶନ କରୁଥିଲେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁନି । କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ଆଇପିଏଲ୍‌ର ୩୬ତମ ମ୍ୟାଚ୍‌ରେ ମାତ୍ର ୧ ରନ ପାଇଁ ଘରୋଇ କୋଲକାତା ନାଇଟ୍‌ରାଇଡର୍ସ ନିକଟରୁ ହାରିଯାଇଛି ବେଙ୍ଗାଲୁରୁ । ଏଥିସହ ବେଙ୍ଗାଲୁରୁ ୮ ମ୍ୟାଚରୁ ୭ ପରାଜୟ ସହ ଟେବୁଲର ନିମ୍ନସ୍ଥାନରେ ରହିଛି । ଏହି ମ୍ୟାଚରେ କୋଲକାତା ନାଇଟରାଇଡର୍ସ ୨୦ ଓଭରରେ ୬ ୱିକେଟ ହରାଇ ୨୨୨ ରନ କରିଥିଲା । ଜବାବରେ ବେଙ୍ଗାଲୁରୁ ୨୦ ଓଭରରେ ୨୨୧ ରନ କରିବାକୁ ସକ୍ଷମ ହୋଇଥିଲା । ପୁଣି ଥରେ ଦଳ ହାତ ପାହାନ୍ତାରୁ ମ୍ୟାଚ୍ ହାତଛଡ଼ା କରିଛି । ଏଥିସହ ବେଙ୍ଗାଲୁରୁ ପ୍ଲେଅଫ୍ସ ଆଶା ମୌଳିବାରେ ଲାଗିଛି ।

ଟସ୍ ଜିତି ବେଙ୍ଗାଲୁରୁ ଅଧିନାୟକ ଫାଫ ଡୁ ପ୍ଲେସିସ କୋଲକାତା ନାଇଟ ରାଇଡର୍ସଙ୍କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଇଡେନ ପିଚ୍‌ରେ ଘରୋଇ ଦଳ ଭଲ ଖେଳିଥିଲା । ପ୍ରଥମ ୱିକେଟ ପାଇଁ ଫିଲ୍ ସଲ୍ଟ ଓ ସୁନୀଲ ନାରିନ୍‌ଙ୍କ ମଧ୍ୟରେ ୫୬ ରନର ପାର୍ଟନରସିପ୍ ହୋଇଥିଲା । ନାରିନ ଧିମା ଖେଳିଥିବା ବେଳେ ସଲ୍ଟଙ୍କ ବ୍ୟାଟ୍‌ରୁ ଚୌକା/ଛକାର ବର୍ଷା ହୋଇଥିଲା । ସଲ୍ଟ ୧୪ ବଲରୁ ୭ ଚୌକା ଓ ୩ ଛକା ସହାୟତାରେ ୪୮ ରନ ଏବଂ ନାରିନ ୧୫ ବଲରୁ ମାତ୍ର ୧୦ ରନ କରିଥିଲେ । ଏହି ଦୁଇ ୱିକେଟ ପତନ ପରେ ଅଙ୍ଗକ୍ରିସ ରଘୁବଂଶୀ ୩ ଓ ଭେଙ୍କଟେଶ ଆୟର ୧୬ ରନ କରି ଆଉଟ ହୋଇଥିଲେ । ୯୭ ରନରେ ୪ ୱିକେଟ ଝଡ଼ିଥିଲେ ବି ମଧ୍ୟମ କ୍ରମରେ ଅଧିନାୟକ ଶ୍ରେୟାସ ଆୟର, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ରମଣଦୀପ ସିଂହ ଉପଯୋଗୀ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୨୨୨/୬ରେ ପହଞ୍ଚାଇଥିଲେ । ଅଧିନାୟକ ଶ୍ରେୟାସ ଆୟର ୩୬ ବଲରୁ ୭ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୫୦ ରନ କରିଥିବାବେଳେ ରିଙ୍କୁ ୧୬ ବଲରୁ ୨୪, ରସେଲ ୨୦ ବଲରୁ ୨୭ ଏବଂ ରମଣଦୀପ ୯ ବଲରୁ ୨୪ ରନ କରିଥିଲେ । ବୋଲିଂରେ ବେଙ୍ଗାଲୁରୁର କାମେରନ ଗ୍ରିନ ଓ ୟସ ଦୟାଲ ଦୁଇଟି କରି ତଥା ମହମ୍ମଦ ସିରାଜ ଓ ଲୋକି ଫର୍ଗୁସନ ଗୋଟିଏ କରି ୱିକେଟ ଅକ୍ତିଆର କରିଥିଲେ ।

୨୨୩ ରନର ବିଜୟଲକ୍ଷ୍ୟ ବେଙ୍ଗାଲୁରୁ ପାଇଁ କଷ୍ଟସାଧ୍ୟ ଥିଲା । ଓପନର ବିରାଟ କୋହଲି ଓ ଫାଫ ଡୁ ପ୍ଲେସିସ ୩୫ ରନ ମଧ୍ୟରେ ପାଭିଲିଅନ ଫେରିଯିବାରୁ ବେଙ୍ଗାଲୁରୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ନାହିଁ ବୋଲି ଲାଗୁଥିଲା । କିନ୍ତୁ ମଧ୍ୟମକ୍ରମରେ ଲଢୁଆ ପ୍ରଦର୍ଶନ ଦେଖାଇଥିଲେ ୱିଲ୍ ଜ୍ୟାକ୍ସ, ରଜତ ପଟିଦାର, ସୁୟାସ ପ୍ରଭୁ ଦେଶାଇ, ଦିନେଶ କାର୍ତ୍ତିକ ଓ କର୍ଣ୍ଣ ଶର୍ମା । ୱିଲ ଜ୍ୟାକ ଓ ରଜତ ପଟ୍ଟିଦାର ଦ୍ରୁତ ରନ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୧୩୮ ଟପି ଯାଇଥିଲା । ପଟ୍ଟିଦାର ୨୩ ବଲରୁ ୩ଟି ଚୌକା ଓ ୫ଟି ଛକା ସହ ୫୨ ରନ ଏବଂ ଜ୍ୟାକ୍ସ ୩୨ ବଲରୁ ୪ ଚୌକା ଓ ୫ ଛକା ସହ ୫୫ ରନ କରିଥିଲେ । ମଧ୍ୟମକ୍ରମରେ ସୁୟାସ ପ୍ରଭୁ ଦେଶାଇ ୧୮ ବଲରୁ ୨୪ ରନ କରିଥିଲେ । ଦିନେଶ କାର୍ତ୍ତିକ ୧୮ ବଲରୁ ୨୫ ଏବଂ କର୍ଣ୍ଣ ଶର୍ମା ୩ଟି ଛକା ସହ ୭ ବଲରୁ ୨୦ ରନ କରିଥିଲେ । ଏହା ସତ୍ତ୍ୱେ ଶେଷ ବଲରେ ୩ ରନର ଆବଶ୍ୟକତା ଥିଲା । ଲୋକି ଫର୍ଗୁସନ ୧ ରନ କରି ରନଆଉଟ ହେବାରୁ ବେଙ୍ଗାଲୁରୁ ମ୍ୟାଚ ହାରିଯାଇଛି । ବୋଲିଂରେ କୋଲକାତାର ଆନ୍ଦ୍ରେ ରସେଲ ସର୍ବାଧିକ ୩ଟି, ହର୍ଷିତ ରାଣା ଓ ସୁନୀଲ ନାରିନ ଦୁଇଟି ଲେଖାଏଁ ତଥା ମିଚେଲ ଷ୍ଟାର୍କ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ପରାଜୟ ସହ ବେଙ୍ଗାଲୁରୁ ୮ ମ୍ୟାଚରୁ ୨ ପଏଣ୍ଟ ପାଇ ଟେବୁଲର ୧୦ମ ସ୍ଥାନରେ ଥିବାବେଳେ କୋଲକାତା ୭ ମ୍ୟାଚ୍‌ରୁ ୧୦ ପଏଣ୍ଟ ଲାଭ କରି ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି ।

### ଆଜିର ମ୍ୟାଚ

ରାଜସ୍ଥାନ– ମୁମ୍ବାଇ
ସମୟ: ରାତି ୭.୩୦
ସ୍ଥାନ: ଜୟପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ |
| କୋଲକାତା | ୭ | ୫ | ୨ | ୧୦ |
| ସନ୍‌ରାଇଜର୍ସ | ୭ | ୫ | ୨ | ୧୦ |
| ଚେନ୍ନାଇ | ୭ | ୪ | ୩ | ୮ |
| ଲକ୍ଷ୍ନୌ | ୭ | ୪ | ୩ | ୮ |
| ମୁମ୍ବାଇ | ୭ | ୩ | ୪ | ୬ |
| ଦିଲ୍ଲୀ | ୮ | ୩ | ୫ | ୬ |
| ଗୁଜରାଟ | ୭ | ୩ | ୪ | ୬ |
| ପଞ୍ଜାବ | ୭ | ୨ | ୫ | ୪ |
| ବେଙ୍ଗାଲୁରୁ | ୮ | ୧ | ୭ | ୨ |

## ବିଗୁଡୁଛି ହାର୍ଦ୍ଦିକଙ୍କ ମାନସିକ ସନ୍ତୁଳନ

ମୁମ୍ବାଇ, ୨୧।୪ (ଏଜେନ୍ସି) : ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ଆଇପିଏଲ୍ ସିଜନରେ ଖୁବ୍ ଟ୍ରୋଲ ହେଲେଣି । ଆଇପିଏଲ ଆରମ୍ଭ ପୂର୍ବରୁ ଟ୍ରେଡ୍ ମାଧ୍ୟମରେ ହାର୍ଦ୍ଦିକଙ୍କୁ ମୁମ୍ବାଇ ଦଳରେ ଯୋଡ଼ିଥିଲା । ପରେପରେ ତାଙ୍କୁ ଅଧିନାୟକ ଦାୟିତ୍ୱ ମିଳିଥିଲା । ତେବେ ସେ ମୁମ୍ବାଇର ଅଧିନାୟକ ହେବାମାତ୍ରେ ପ୍ରଶଂସକଙ୍କ ଘୃଣାର ଶିକାର ହୋଇଛନ୍ତି । ହାର୍ଦ୍ଦିକ ମୁମ୍ବାଇର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ କେବଳ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ପୂର୍ବତନ ଭାରତୀୟ ବ୍ୟାଟର ରବିନ ଉଥପ୍ପା, ଅଲରାଉଣ୍ଡର ପାଣ୍ଡ୍ୟାଙ୍କ ବିଷୟରେ ବଡ଼ ଖୁଲାସା କରିଛନ୍ତି । ସେ କହିଛନ୍ତି, ପାଣ୍ଡ୍ୟା ମାନସିକ ସମସ୍ୟାର ଶିକାର ହେଉଛନ୍ତି । ହାର୍ଦ୍ଦିକଙ୍କ ସହ ଯାହା ଘଟୁଛି, ତାହା ନିଶ୍ଚିତଭାବେ ତାଙ୍କୁ କଷ୍ଟ ହେଉଛି । ସେ ଜଣେ ଏମିତି ବ୍ୟକ୍ତି, ଯିଏ କି ଭାରତୀୟ ଦଳ ପାଇଁ ମହାନ ହେବା ପାଇଁ ସାମର୍ଥ୍ୟ ରଖିଛନ୍ତି । ତାଙ୍କୁ ସେହି ଦଳ ଛାଡ଼ିଥିଲା, ଯେଉଁଥିରେ ପୁଣି ତାଙ୍କୁ ଖୋଜାଯାଇଥିଲା । ପରେ ସେ ଅନ୍ୟ ଏକ ଫ୍ରାଞ୍ଚାଇଜକୁ ଚାଲିଯାଇଥିଲେ । ଗୁଜରାଟ ଟାଇଟନ୍ସକୁ ସେ ଥରେ ଚାମ୍ପିଅନ ମଧ୍ୟ କରାଇଥିଲେ । ଥଟ୍ଟା ମଜା ଟ୍ରୋଲ ତାଙ୍କ ଫିଟ୍‌ନେସ୍ ବିଷୟରେ ମେମ । ଆପଣ ଭାବୁନାହାନ୍ତି, ଏହା ତାଙ୍କୁ କଷ୍ଟ ଦେଉଛନ୍ତି କି ନାହିଁ? ଏଭଳି ସମାଲୋଚନା ସର୍ବଦା ଯନ୍ତ୍ରଣାଦାୟକ । ଯେକୌଣି ବ୍ୟକ୍ତିଙ୍କୁ କଷ୍ଟ ଦିଏ । ଏବିଷୟରେ କେତେକ ଲୋକ ଜାଣନ୍ତି ହାର୍ଦ୍ଦିକ ମାନସିକ ସମସ୍ୟା ଦେଇ ଗତି କରୁଛନ୍ତି । କିନ୍ତୁ ମୁଁ ବୁଝିପାରୁଛି ଯେ ଭାରତୀୟ ଭାବେ ଆମେ ଭାବପ୍ରବଣ । ତଥାପି କୌଣସି ବ୍ୟକ୍ତିଙ୍କ ଉପରେ ଏପରି ଚାପ ପକାଇବା ଠିକ ନୁହେଁ ବୋଲି ଉତ୍‌ପ୍ପା କହିଛନ୍ତି ।

## ଏନ୍‌ଏଫ୍‌ସି ଚାମ୍ପିଅନସିପ : ହିମାଚଳକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ସ୍ୱାମୀ ବିବେକାନନ୍ଦ ୨୦ ବର୍ଷରୁ କମ ଜାତୀୟ ପୁରୁଷ ଫୁଟବଲ ଚାମ୍ପିଅନସିପ (ଏନ୍‌ଏଫ୍‌ସି)ରେ ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ହିମାଚଳ ପ୍ରଦେଶକୁ ୨–୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଛି । ଏହି ମ୍ୟାଚରେ ଧନେଶ୍ୱର ବେଶ୍ରା ୪୭ତମ ମିନିଟରେ ପ୍ରଥମ ଗୋଲସ୍କୋର କରିଥିଲେ । ପୁଣି ୭୬ତମ ମିନିଟରେ ସୁରେଶ ଖଡ଼ିଆ ଗୋଲ କରିବାରୁ ବ୍ୟବଧାନ ୨–୦କୁ ବୃଦ୍ଧି ପାଇଥିଲା । ଶେଷ ପର୍ଯ୍ୟନ୍ତ ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରି ବିଜୟୀ ହୋଇଥିଲା । ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଦଳର ସଫଳତା ପାଇଁ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜାତୀୟ ମାର୍ଶାଲଆର୍ଟ ଖେଳାଳିଙ୍କୁ ମାନପତ୍ର



ଅନୁଗୁଳ, ୨୧।୪ (ସବ୍ୟୁ) : ଅନୁଗୁଳ ସ୍କାଏ ମାର୍ଶାଲ ଆର୍ଟ ସଂଘ ଦ୍ୱାରା ମା' ବାସନ୍ତୀ ଦୁର୍ଗା ଖେଳପଡ଼ିଆରେ ଜାତୀୟ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରାଯାଇଛି । ଅନୁଗୁଳ ଜିଲ୍ଲାର ପୂର୍ବତନ ନଗରପାଳ ତଥା ପୂର୍ବତନ ତାମଡ଼ା ଅଧ୍ୟକ୍ଷ ଓ ତାଇକୋଣ୍ଡ ସଂଘର ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କାଏ ମାର୍ଶାଲ ଆର୍ଟ୍ ସଂଘ ସଂପାଦକ ଏସ୍‌କେ ସଲାଉଦ୍ଦିନ, ଆଇନଜୀବୀ ପ୍ରଦୀପ କୁମାର ଦେବତା, ଉପଦେଷ୍ଟା ସଞ୍ଜୟ କୁମାର ମହାପାତ୍ର, ଓଡ଼ିଶା ଆମେଚର ଟାଇକୁଣ୍ଡୁ ସଂଘ ସମ୍ପାଦକ ଅନୀଲ କୁମାର ରାଉଳ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଜିଲ୍ଲାର ବିଗତ ବର୍ଷରେ ବାଳକ ବିଭାଗର ଜଣେ ବାଳିକା ବିଭାଗର ଦୁଇଜଣ ଓଡ଼ଶା ସରକାରଙ୍କ ଦ୍ୱାରା ଖେଳାଳିମାନଙ୍କୁ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ ।

ଏହି କାର୍ଯ୍ୟକ୍ରମ ଜିଲ୍ଲା ସମ୍ପାଦକ ଦୁଶ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମୁକେଶ କୁମାର ସହଯୋଗ କରିଥିଲେ । ରାଜ୍ୟ ସମ୍ପାଦକ ଶ୍ରୀ ନାଥଙ୍କୁ ଶ୍ରେଷ୍ଠଂ ଜାତୀୟ ବିଚାର କଭାବେ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅନୁଗୁଳ ଜିଲ୍ଲାର ଗୌରବ ବଢ଼ାଇଛନ୍ତି ବୋଲି କହିଥିଲେ ।


AT KURANGA PHULNAKHARA
Meera's COURTYARD
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


## ବିଶ୍ୱକପ ଖେଳିବା ନେଇ କାର୍ତ୍ତିକ ଆଶାୟୀ

ନୂଆଦିଲ୍ଲୀ, ୨୧।୪ (ଏଜେନ୍ସି) : ଚଳିତ ଆଇପିଏଲ୍‌ରେ ବେଙ୍ଗାଲୁରୁର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି । କିନ୍ତୁ ଦିନେଶ କାର୍ତ୍ତିକ ପ୍ରଭାବୀ ପ୍ରଦର୍ଶନ କରି ପ୍ରଶଂସକ ଓ ଚୟନ କମିଟିକୁ ପ୍ରଭାବିତ କରିଛନ୍ତି । ଟି–୨୦ ବିଶ୍ୱକପ ଖେଳିବା ସମ୍ପର୍କରେ ଦିନେଶ କହିଛନ୍ତି ଭାରତ ପକ୍ଷରୁ ଖେଳିବା ସର୍ବଦା ମୋ ପାଇଁ ସ୍ୱପ୍ନଭଳି । ୩୯ ବର୍ଷୀୟ ଦିନେଶ ୨୦୨୨ ଟି–୨୦ ବିଶ୍ୱକପ ପରଠାରୁ ଭାରତ ପକ୍ଷରୁ କୌଣସି ଟୁର୍ଣ୍ଣାମେଣ୍ଟ ଖେଳିନାହାନ୍ତି ।

ଏପରିକି ଦିନିକିଆ ବିଶ୍ୱକପରେ ତାଙ୍କୁ ସୁଯୋଗ ମିଳି ନଥିଲା । ଚଳିତ ଆଇପିଏଲ୍ ପୂର୍ବରୁ ସେ ଭାଷ୍ୟକାର ଭୂମିକା ତୁଲାଉଥିଲେ । ମୁଁ କ୍ରିକେଟର ମଜା ଉଠାଇଛି । ଟିମ ପକ୍ଷରୁ ଯେଉଁ ଭୂମିକା ମିଳିବ ତାହାକୁ ତୁଲାଇବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି । ମୁଁ ପୋଲାର୍ଡ କିମ୍ବା ରସେଲ ନୁହେଁ ଯେ ସବୁ ବଲରେ ଛକା ମାରିପାରିବି । ଯେଉଁଥିରେ ମୁଁ ଶକ୍ତିଶାଳୀ ତାହାକୁ ବ୍ୟବହାର କରି ରନ ସଂଗ୍ରହ କରିବା ମୋର ଦାୟିତ୍ୱ ବୋଲି କାର୍ତ୍ତିକ କହିଛନ୍ତି ।

## ସ୍ପାନିସ ପାରା ବ୍ୟାଡ୍‌ମିଣ୍ଟନ
## ଡବଲ୍ସରେ ଦୀପରଞ୍ଜନଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୧।୪ (ସବ୍ୟୁ) : ସ୍ପାନିସ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେବଲ ଦୁଇ ପ୍ରତିଯୋଗିତାରେ ଓଡ଼ିଆ ପୁଅ ଦୀପରଞ୍ଜନ ବିଶୋଇଙ୍କ ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିଛି । ସ୍ପେନର ଭିକ୍ଟୋରିଆରେ ଅନୁଷ୍ଠିତ ହୋଇ ପ୍ରତିଯୋଗିତା ୧୫ରୁ ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହୋଇଛି । ପ୍ରତିଯୋଗିତାର ଶେଷ ଦିନ ଓଡ଼ିଶାର ଦୀପରଞ୍ଜନ ବିଶୋଇ ପଦକ ସଫଳତା ହାସଲ କରିଛନ୍ତି ।



ପୁରୁଷ ଡବଲ୍ସ ସେମିଫାଇନାଲରେ ଦୀପରଞ୍ଜନ ବିଶୋଇ ଓ ମନୋଜ ସରକାରଙ୍କ ଯୋଡ଼ି ୨୧–୧୪, ୨୧–୧୩ ଗେମ୍‌ରେ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଫାଇନାଲରେ ଏହି ଯୋଡ଼ି କୋରିଆର ଜୋ ଡାଙ୍ଗଜାଇ ଓ ସିନ କୁଅଙ୍ଗ ୱାଙ୍ଗଙ୍କ ଠାରୁ ୨୧–୧୦, ୧୮–୨୧, ୧୬–୨୧ରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଓଡ଼ିଶାରୁ ଦୀପରଞ୍ଜନ ବିଶୋଇ, ଶୁଭ୍ରଜିତ ମହାରଣା, ଦିଲେଶ୍ୱର ରାଓ ପ୍ରମୁଖ ୩ ଖେଳାଳି ଏଥିରେ ଭାଗ ନେଇଥିଲେ ।


ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି